R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୦
ତିଥି: ଚତୁର୍ଥୀ
୨୪ ନଭେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 50
24 November 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଜି-୨୦ ଘୋଷଣାନାମାରେ ଭାରତକୁ ପ୍ରାଧାନ୍ୟ




▲ ଆତଙ୍କବାଦର ସମସ୍ତ ରୂପକୁ ନିନ୍ଦା
▲ ବିଶ୍ୱସନୀୟ କୃତ୍ରିମ ବୁଦ୍ଧିମତା ବିକାଶକୁ ଗୁରୁତ୍ୱ
▲ ମହିଳା ଓ ବାଳିକା ସଶକ୍ତିକରଣ ଉପରେ ଦୃଢ଼ସ୍ୱର
▲ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ମଞ୍ଚକୁ ସ୍ୱୀକୃତି

ଜୋହାନ୍ସବର୍ଗ, ୨୩।୧୧ : ଦକ୍ଷିଣ ଆଫ୍ରିକାର ରାଜଧାନୀ ଜୋହାନ୍ସବର୍ଗରେ ପ୍ରଥମ କରି ଆୟୋଜିତ ଜି-୨୦ ଶିଖର ସମ୍ମିଳନୀରେ ମିଳିତ ଘୋଷଣାନାମା ଗୃହୀତ ହୋଇଛି । ଏଥିରେ ଭାରତର ପ୍ରସ୍ତାବକୁ ଗୁରୁତ୍ୱ ଦିଆଯିବା ସହ ଦକ୍ଷିଣ ବିଶ୍ୱର ପ୍ରସଙ୍ଗ ଏବଂ ପ୍ରାଥମିକତା ପ୍ରତିଫଳିତ ହୋଇଛି । ଏହି ଘୋଷଣାନାମାରେ ଆତଙ୍କବାଦର ସମସ୍ତ ରୂପ ଓ ଅଭିବ୍ୟକ୍ତିକୁ ନିନ୍ଦା କରାଯାଇଛି । ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଡିଜିଟାଲ ସର୍ବାଜନୀନ ଭିତ୍ତିଭୂମିର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରାଯାଇଛି । ନିରାପଦ, ସୁରକ୍ଷିତ ଏବଂ ବିଶ୍ୱସନୀୟ କୃତ୍ରିମ ବୁଦ୍ଧିମତା ବିକାଶ, ନିୟୋଜନ ଓ ବ୍ୟବହାରକୁ ପୂନର୍ବାରକୁ ନିଶ୍ଚିତ କରାଯାଇଛି । ମହିଳା ଏବଂ ବାଳିକା ସଶକ୍ତିକରଣ ଉପରେ ଦୃଢ଼ସ୍ୱର ପାଇଁ ଏକ ଚାପ ଥିଲା । ଏହି ପରିପ୍ରେକ୍ଷୀରେ ଭାରତର ଜି-୨୦ ଅଧ୍ୟକ୍ଷତାର ପ୍ରମୁଖ ଫଳାଫଳ ମଧ୍ୟରୁ ଗୋଟିଏ ମହିଳା ନେତୃତ୍ୱାଧିନ ବିକାଶକୁ ପ୍ରୋତ୍ସାହିତ କରାଯାଇଛି । ବିପର୍ଯ୍ୟୟ ପ୍ରଶମନ କ୍ଷମତା ଓ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ହେଉଛି ଦ.ଆଫ୍ରିକୀୟ ରାଷ୍ଟ୍ରମୁଖ୍ୟଙ୍କ ପ୍ରମୁଖ ପ୍ରାଥମିକତା । ଖାଦ୍ୟା ସୁରକ୍ଷା ଓ ପୃଷ୍ଟିସାଧନ ଉପରେ ଦାକ୍ଷିଣାତ୍ୟର ଉଚ୍ଚସ୍ତରୀୟ ନୀତିକୁ ଖାଦ୍ୟ ସୁରକ୍ଷା ସନ୍ଦର୍ଭରେ ସୁଦୃଢ଼ କରାଯାଇଛି । ସ୍ୱାସ୍ଥ୍ୟକ୍ଷେତ୍ରରେ ପାରମ୍ପରିକ ଏବଂ ପରିପୂରକ ଔଷଧର ଭୂମିକାକୁ ସ୍ୱିକୃତି ମିଳିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଜଳବାୟୁ ଅର୍ଥ ବ୍ୟବସ୍ଥା ଅନ୍ୟତମ ଥିଲା । ଜଳବାୟୁ ଅର୍ଥ ବ୍ୟବସ୍ଥାକୁ ବିଲିୟନ୍ ଡଲାରରୁ ଟ୍ରିଲିୟନ୍ ଡଲାରକୁ ବୃଦ୍ଧି କରିବାର ଆବଶ୍ୟକତାକୁ ସ୍ୱୀକାର କରିବା ସହିତ ବିକାଶଶୀଳ ଦେଶ ଗୁଡିକର ଜାତୀୟସ୍ତରରେ ନିର୍ଦ୍ଧାରିତ ଯୋଗଦାନକୁ କାର୍ଯ୍ୟକାରୀ କରିବା ପାଇଁ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି । ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ସଂସ୍କାର ଆଣିବା ପାଇଁ ଭାରତର ଆହ୍ୱାନକୁ ଜି-୨୦ର ( ୯ ପୃଷ୍ଠାରେ)

# ୪୮ ଘଣ୍ଟାରେ ବାତ୍ୟା 'ସେନୟାର'




* ସୃଷ୍ଟି ହେବ ଆଉ ଏକ ଲଘୁଚାପ
* ୨୫ରୁ ସମୁଦ୍ରରେ ବଢ଼ିବ ପବନ

ଭୁବନେଶ୍ୱର, ୨୩।୧୧,(ସବ୍ୟୁ): ସମୁଦ୍ରରେ ଶକ୍ତିଶାଳୀ ହୋଇ ମାଡ଼ି ଆସୁଛି ସମ୍ଭାବ୍ୟ ବାତ୍ୟା 'ସେନୟାର'। ଆଜି ସ୍ୱଷ୍ଟ ଚିହ୍ନିତ ଲଘୁଚାପ ରୂପ ନେବା ପରେ ଆହୁରି ଘନୀଭୂତ ହେଉଛି । ଆସନ୍ତାକାଲି (ସୋମବାର) ଅବପାତରେ ପରିଣତ ହେବାପରେ ଦିଗ ବଦଳାଇବ । ଏହାର ୪୮ ଘଣ୍ଟା ପରେ ବାତ୍ୟା ରୂପ ନେବ । ସମୁଦ୍ରରେ ୨୫ରୁ ୨୭ ତାରିଖ ମଧ୍ୟରେ ପବନର ବେଗ ବଢ଼ିବ । ତେବେ ବାତ୍ୟା ଓଡ଼ିଶା ନାଁ ପଶ୍ଚିମବଙ୍ଗ ଯିବ ତାହା ସ୍ୱଷ୍ଟ ହୋଇନାହିଁ । ଆସନ୍ତା ଦୁଇ ଦିନ ଭିତରେ ସମ୍ଭାବ୍ୟ ବାତ୍ୟାର ଗତି ଓ ତୀବ୍ରତା କେତେ ରହିବ ତାହା ସ୍ୱଷ୍ଟ କରାଯାଇପାରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଗତକାଲି ମାଲାକ୍କା ସମୁଦ୍ର ସନ୍ଧି ଓ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଲଘୁଚାପ ଆହୁରି ଘନୀଭୂତ ହୋଇ ରବିବାର ସକାଳୁ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଆସନ୍ତାକାଲି (ସୋମବାର )ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଅବପାତରେ ପରିଣତ ହେବ । ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗ ବଜାୟ ରଖିବା ସହ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଆହୁରି ଅଧିକ ଘନୀଭୂତ ହୋଇ ଏହା ବାତ୍ୟା ରୂପ ନେବାର ସମ୍ଭାବନା ଅଛି । ବାତ୍ୟା ରୂପ ନେବା ପରେ ଏହାର ନାମ ସେନୟାର ରହିବ ।

୨୫ ତାରିଖ ସନ୍ଧ୍ୟାରୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ସର୍ବାଧିକ ୭୦ କିମି ରହିବ । ୨୬ ତାରିଖ ସକାଳୁ ପବନର ବେଗ ୬୦ରୁ ୭୦ କିମି ସର୍ବାଧିକ ୮୦ କିମି ଏବଂ ୨୭ ତାରିଖ ସକାଳୁ ପବନର ବେଗ ଘଣ୍ଟା ପ୍ରତି ୮୦ରୁ ୯୦ କିମି ସର୍ବାଧିକ ୧୦୦ କିମି ସମୁଦ୍ରରେ ରହିବ । ଏହାସହ କୋମରିନ୍ ଅଞ୍ଚଳ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ତତସଂଲଗ୍ନ ଶ୍ରୀଲଙ୍କା ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ସମ୍ଭାବ୍ୟ ( ୯ ପୃଷ୍ଠାରେ)

## ପରିବାରର ୪ ଜଣଙ୍କୁ ନିର୍ମମ ହତ୍ୟା

ଦୁମକା, ୨୩।୧୧ : ଝାଡ଼ଖଣ୍ଡର ଦୁମକାରେ ରବିବାର ସକାଳେ ଏକ ଲୋମହର୍ଷକ ହତ୍ୟାକାଣ୍ଡ ଦେଖିବାକୁ ମିଳିଛି । ଦୁମକାର ହଂସଡିହା ଥାନା ଅଞ୍ଚଳ ଅନ୍ତର୍ଗତ ବରଦେହି ଗାଁରେ ଗୋଟିଏ ପରିବାରର ୪ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି । ଏହି ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ପନୀ ଏବଂ ଦୁଇ ପିଲାଙ୍କୁ ତାଙ୍କ ଘରେ ଶୋଇଥିବା ସମୟରେ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲା, ଯେତେବେଳେ ସ୍ୱାମୀଙ୍କ ମୃତଦେହ ପ୍ରାୟ ୫୦୦ ମିଟର ଦୂରରେ ଏକ କ୍ଷେତରେ ମିଳିଥିଲା । ସକାଳେ ଗାଁ ଲୋକେ ଶୌଚ କରିବାକୁ ବାହାରକୁ ଯାଇଥିବା ବେଳେ ମୃତଦେହ ଦେଖି ସାରା ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ( ୯ ପୃଷ୍ଠାରେ)

## ଦିଲ୍ଲୀରୁ ଫେରି ସରକାରୀ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୧୧,(ସବ୍ୟୁ): ତିନି ଦିନିଆ ବ୍ୟସ୍ତବହୁଳ ଦିଲ୍ଲୀଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନକୁ ଆସି ସରକାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଦୁଇଟି କାର୍ଯ୍ୟକ୍ରମ ଏବଂ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ରାତିରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ । ଶନିବାର ଦିଲ୍ଲୀରେ ଭାରତ ଆନ୍ତର୍ଜାତୀକ ବାଣିଜ୍ୟ ମେଳାରେ ଯୋଗଦେବା ସହିତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ମଧ୍ୟ କରିଛନ୍ତି । ଆଜି(ରବିବାର) ସକାଳ ୭ଟା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ବାହାରି ବିନା ବିଶ୍ରାମରେ ଭୁବନେଶ୍ୱର ବିମାନବନ୍ଦରରୁ ସିଧାସଳଖ ଲୋକସେବା ଭବନକୁ ଆସି ସରକାରୀ କାର୍ଯ୍ୟ କରିଛନ୍ତି । ରବିବାର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର କେନ୍ଦୁଝର ଜିଲ୍ଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଥିଲା । ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଦୈନନ୍ଦିନ କାର୍ଯ୍ୟର ଏକ ଛବି ।

ଓଡିଶା ଓ ଓଡିଶାବାସୀଙ୍କ ପାଇଁ ଦିନରାତି ଏକ କରି ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଭାଷାରେ ଲୋକଙ୍କ ସେବା କରିବା ପାଇଁ ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମକୁ ଆହୁରି ପରିଶ୍ରମ କରିବାକୁ ପଡିବ ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୩।୧୧,(ସବ୍ୟୁ) : ଆସନ୍ତାକାଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜନସାଧାରଣଙ୍କ ଠାରୁ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଗତ ସେପ୍ଟେମ୍ବର ୮ ତାରିଖ, ସୋମବାରରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଯେଉଁମାନେ ସେମାନଙ୍କର ନାମ ଅନ୍ ଲାଇନରେ ପଞ୍ଜୀକରଣ କରିଥିଲେ ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେମାନଙ୍କୁ ଆଉ ପୁନଃପଞ୍ଜୀକରଣର ଆବଶ୍ୟକତା ନାହିଁ । ଏହି ଦିନ ପାଇଁ ୧୦୦୦ ଜଣ ଆବେଦନକାରୀ ସେମାନଙ୍କର ନାମ ( ୯ ପୃଷ୍ଠାରେ)

## ରାଜ୍ୟ କଂଗ୍ରେସରେ ବିଭୀଷଣ ବିବାଦ

### ମୁଁ କାହା ଗୋଲାମ ହୋଇ କାମ କରିବା ସମ୍ଭବ ନୁହେଁ : ଭକ୍ତ

### ମୋ ସମ୍ପର୍କରେ ଅପପ୍ରଚାର ସୀମା ଟପିଲାଣି: ମୋର କିଛି ହେବନି

ଭୁବନେଶ୍ୱର, ୨୩।୧୧,(ସବ୍ୟୁ) : ବିଭୀଷଣ ମନ୍ତବ୍ୟ ନେଇ ରାଜ୍ୟ କଂଗ୍ରେସରେ ବିବାଦ ଘନଉଥିଲାବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ରବିବାର ପୁଣି ମୁହଁ ଖୋଲିଛନ୍ତି । ଭକ୍ତ କହିଛନ୍ତି ମୋତେ ପ୍ରଶ୍ନ କରାଗଲା ଆଉ କଥା ଛଳରେ ମୁଁ ଏ କଥା କହିଥିଲି ତେବେ ଏହାକୁ ଟାଣି ଓଟାରି ଅଲଗା ଭାବେ ଚିତ୍ରଣ କରାଯାଉଛି । ରାଜ୍ୟରେ କଂଗ୍ରେସ ଆଗକୁ ବଢୁଥିଲାବେଳେ କୌଣସି ବାଦ ବିବାଦ ସୃଷ୍ଟି କରିବା ଠିକ୍ ନୁହେଁ । ଭକ୍ତ ତାଙ୍କର ଏହି ମନ୍ତବ୍ୟ ଦେବା ଭିତରେ କାହାରି ନାଁ ନନେଇ ତେରଛାବାଣ ମାରିବା ପାଇଁ ମଧ୍ୟ ପଛାଇନାହାଁନ୍ତି । ସେ କହିଛନ୍ତି କିଏ  ଯଦି ଚାହିଁବ ମୁଁ କାହା ଗୋଲାମ ହୋଇ କାମ କରିବି ତାହା ସମ୍ଭବ ନୁହେଁ । ମୋ ସଂପର୍କରେ ଅପପ୍ରଚାର ସୀମା ଟପିଲାଣି । ତେବେ ଏଥିରେ ମୋର କିଛି ହେବ ନାହିଁ । ନିର୍ବାଚନ ପୂର୍ବରୁ କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଆଲୋଚନା ହେଲେ ଚଳିବ ମାତ୍ର ସେ ସମୟ ଏବେ ଆସିନାହିଁ ବୋଲି ଭକ୍ତ କହିଛନ୍ତି ।

ଉଲ୍ଲେଖ ଯୋଗ୍ୟ ଯେ, ନୂଆପଡା ନିର୍ବାଚନରେ ଦଳର ପରାଜୟ ପରେ ଦଳ ମଧ୍ୟରେ କେତେକ ବିଭିଷଣ ଅଛନ୍ତି ବୋଲି ଭକ୍ତ କହିଥିଲେ । ଏହାକୁ ନେଇ ଦଳ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । କେତେକ ନେତା ଏହି ବିଭୀଷଣ ଉକ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲାବେଳେ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଯଦି ଦଳରେ ବିଭିଷଣ ଅଛନ୍ତି ତାହା ହେଲେ ରାବଣ କିଏ ବୋଲି ମଧ୍ୟ ପ୍ରଶ୍ନ ଉଠାଇଥିଲେ । କେତେକ ଯୁବ ନେତା ମଧ୍ୟ ଏହାକୁ ନେଇ ନିଜର ମତ ରଖିବା ପରେ ଦଳ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଭକ୍ତ ସ୍ୱଷ୍ଟିକରଣ ଦେଇ ସେ କାହାର ଗୋଲାମ ହୋଇ ରହିବେ ନାହିଁ ବୋଲି ଯେଉଁ କଥା କହିଛନ୍ତି ତାହା କାହା ଉଦ୍ଦେଶ୍ୟରେ ବୋଲି ତାହାକୁ ନେଇ ପ୍ରଶ୍ନ ଉଠୁଥିଲାବେଳେ ତାଙ୍କ ବିରୁଦ୍ଧରେ କିଏ ଅପପ୍ରଚାର କରୁଛି ସେ ନେଇ ମଧ୍ୟ ଆଲୋଚନା ଜୋର ଧରିଛି ।

# ବସ୍ ଧକ୍କାରେ ଜଣେ ମୃତ ,୩ ଗୁରୁତର

## ଦୁର୍ଘଟଣାରୁ ଉତ୍ତେଜନା, ରାସ୍ତାରୋକ



ଯାଜପୁରସଦର, ୨୩।୧୧,(ସବ୍ୟୁ) : ଯାଜପୁରସଦର ଥାନା ଅନ୍ତର୍ଗତ ବରୁଆଁ-ବରୀ ରାସ୍ତାର କୁଖାଲା ଛକ ନିକଟସ୍ଥ ଧୋବାଗଳି ନିକଟରେ ବସ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ବରୀରୁ କଟକ ଯାଉଥିବା ହରଗୌରୀ ନାମକ ବସ୍ ନଂ- ଓଡି-୦୫-ଏ-ଏନ୍୦୫୬୭୦ ଆସିବା ସମୟରେ କୁଖାଲା ଛକ ନିକଟରେ ହଠାତ୍ ଏକ ବାଇକ୍ ଚାଳକ ବସ୍ ସମ୍ମୁଖକୁ ଚାଲିଆସିଥିଲା। ବାଇକ୍ ଚାଳକକୁ ରକ୍ଷା କରିବାକୁ ଯାଇ ବସ୍ ଚାଳକ ରାସ୍ତାର ବାମ ପଟକୁ କାଟିବା ସମୟରେ ପ୍ରାତଃ ଭ୍ରମଣ କରି ଆସୁଥିବା ୪ଜଣ ଯୁବକଙ୍କୁ ଧକ୍କା ଦେବାରୁ ସେମାନେ ତଳେ ପଡିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶେଷରେ ଅବସ୍ଥା ଉଦବେଗଜନକ ହେବାରୁ ୩ଜଣଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଦିଆଯାଇଥିଲା। ଏହାକୁ ନେଇ ଉତ୍ୟକ୍ତଲୋକମାନେ ରାସ୍ତାରୋକ କରିଥିଲେ । ପରବର୍ତ୍ତୀ ସମୟରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝି, ଟାଉନ୍ ଥାନା ପୋଲିସ୍ ଅଧିକାରୀ ବାମଦେବ ( ୯ ପୃଷ୍ଠାରେ)

## ୧ରୁ ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ, ୨୩।୧୧ : ଡିସେମ୍ବର ୧ ତାରିଖରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନ ପାଇଁ ସରକାର ୧୨ଟି ବିଲ୍ ତାଲିକାଭୁକ୍ତ କରିଛନ୍ତି । ଏଥିରେ ୧୦ଟି ନୂଆ ବିଲ୍ ଅନ୍ତର୍ଭୁକ୍ତ ରହିଛି । ଏସବୁ ବିଲ ମଧ୍ୟରେ ରହିଛି ଘରୋଇ କ୍ଷେତ୍ର ପାଇଁ ପରମାଣୁ କ୍ଷେତ୍ରକୁ ଖୋଲିବା, ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ଏବଂ ବିଧାନସଭା ନଥିବା ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ଚଣ୍ଡିଗଡ଼ର ପ୍ରଶାସନକୁ ସମାନ ସ୍ତରକୁ ଆଣିବା ପାଇଁ ବିଲ୍ । ଆହୁରି ମଧ୍ୟ ବୀମା କ୍ଷେତ୍ର ସହିତ ଜଡିତ ବିଲ୍, ସିକ୍ୟୁରିଟିଜ୍ ବଜାରରେ ସଂସ୍କାର ଏବଂ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ସରଳ କରିବା ସଂପର୍କିତ ଏକ ବିଲ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ତଥାପି, ଗୋଟିଏ ବିଲ୍ ପୂର୍ବରୁ ବିବାଦ ସୃଷ୍ଟି କରିଛି । ସମ୍ବିଧାନର ୧୩୧ତମ ସଂଶୋଧନ ପାଇଁ ବିଲ୍ ମଧ୍ୟ ତାଲିକାଭୁକ୍ତ ହୋଇଛି । ଧାରା ୨୪୦ ଅଧୀନରେ ଚଣ୍ଡିଗଡ଼କୁ ଅନ୍ତର୍ଭୁକ୍ତ କରିବା ( ୯ ପୃଷ୍ଠାରେ)

## ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର

ସୁନ୍ଦରଗଡ,୨୩।୧୧(ସବ୍ୟୁ) : ରବିବାର ଭୋର ସମୟରେ ଲାଠିକଟା କୁଚେଇତା ନିକଟରେ ପୋଲିସକୁ ଚକମା ଦେଇ ପଳାଉଥିବା ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି । ରାଉରକେଲାର ସ୍ୱତନ୍ତ୍ର ପୁଲିସଗୁଳି ଚଳାଇଥିଲା । ତିନି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ ପାଞ୍ଚ ଜଣଙ୍କୁ ପୁଲିସ ଘଟଣାସ୍ଥଳରୁ ଗିରଫ କରିଛି । ଏହି ଅପରାଧୀମାନେ କୋଇଡା ଓ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି କରି ଫେରାର ହୋଇ ଯାଉଥିଲେ । ନିକଟରେ ଲହୁଣୀପଡ଼ା ବରସୁଆଁ ଟ୍ରାନ୍ସପୋର୍ଟ ଅଫିସ ଓ କୋଇଡାର ଅନ୍ୟ ଏକ ଟ୍ରାନ୍ସପୋର୍ଟରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ । ସେହପରି ବଣାଇରେ ଜଣେ ବ୍ୟବସାୟୀଙ୍କ ପରିବାରଙ୍କୁ ବାନ୍ଧି ଲୁଟପାଟ ଘଟଣାରେ ଏମାନଙ୍କ ଜଡିତ ଥିବା ଜଣାପଡିଛି ।

ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଲହୁଣିପଡ଼ା ଥାନା ଅନ୍ତର୍ଗତ ବରସୁଆଁ ସାଇଡିଂ ନିକଟସ୍ଥ ବିଏନ୍ଆର୍ ଟ୍ରାନ୍ସପୋର୍ଟ ଅଫିସରେ ୮ରୁ ୧୦ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ପଶିଥିଲେ । କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ଲୁଟପାଟ୍ କଲେ । ୩ ଲକ୍ଷ ୫୯ ହଜାରଟଙ୍କା ଧରି ଫେରାର ହୋଇଯାଇଥିଲେ । ଗତ ୧୯ ତାରିଖ ରାତିରେ ସମାନଢଙ୍ଗରେ ଡକାୟତମାନେ କୋଇଡ଼ା ( ୯ ପୃଷ୍ଠାରେ)

## ହ୍ୟୁମାନ ସାଗର ମୃତ୍ୟୁ ମାମଲା: ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରୀ ଜଣାଇବେ ମା



ଭୁବନେଶ୍ୱର, ୨୩।୧୧,(ସବ୍ୟୁ) : କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଥିବା ବେଳେ ବଲାଙ୍ଗୀର ଓ ବାଲେଶ୍ୱର ସହଦେବଖୁଣ୍ଟା ଥାନାରେ ଦୁଇଟି ମାମଲା ହେଲାଣି । ହେଲେ ପୁଅଙ୍କ ମୃତ୍ୟୁକୁ ନେଇ ତାଙ୍କ ମା ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି ଗଣମାଧ୍ୟମକୁ ଟେଲିଫୋନ୍ ବାର୍ତ୍ତାରେ କହିଛନ୍ତି । ବଲାଙ୍ଗୀରରେ କଣ୍ଠଶିଳ୍ପୀଙ୍କ ୨ ମ୍ୟାନେଜରଙ୍କ ବିରୁଦ୍ଧରେ ଏତଲା ହୋଇଥିବା ବେଳେ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ସହଦେବଖୁଣ୍ଟା ଥାନାରେ ହ୍ୟୁମାନଙ୍କ ଯାଙ୍କର ଲିଜାଙ୍କ ବିରୋଧରେ ଅଭିଯୋଗ ହୋଇଛି । କାରଣ ସେ ହ୍ୟୁମାନଙ୍କ ସପକ୍ଷରେ କହିବା ଅବସରରେ ହ୍ୟୁମାନଙ୍କ ପାଖରେ କାମ କରୁଥିବା କେତେ ଜଣ ବାଲେଶ୍ୱର ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିଥିଲେ ।

ହ୍ୟୁମାନଙ୍କ ମା ଟେଲିଫୋନ ବାର୍ତ୍ତାରେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟରେ କହିଛନ୍ତି ଯେ, ପୁଅ ଚିନ୍ତାରେ ଟାଇବ୍ରେଟିସ୍ ମାତ୍ରାଧିକ ବଢ଼ିଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଯାଇପାରିନାହାନ୍ତି । ଦେହ ସୁସ୍ଥ ହେବା ସହ ପୁଅର ଶୁଦ୍ଧିକ୍ରିୟା କାର୍ଯ୍ୟ ସରିଲେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ପୁଅର ମୃତ୍ୟୁ ସମ୍ପର୍କରେ ଅଭିଯୋଗ କରିବେ । କେବଳ ତାଙ୍କ ମା ନୁହଁନ୍ତି, ବିଭିନ୍ନ ପ୍ରଶଂସକମାନଙ୍କ କହିବା ଅନୁଯାୟୀ ତଦନ୍ତ ହେଲେ ମୃତ୍ୟୁ ରହସ୍ୟର ପର୍ଦ୍ଦାଫାସ ହେବ । ପୁଅର ଦେହ ଏଭଳି ଖରାପ ଥିବା ଜାଣିନଥିଲେ । ଫୋନ କଲେ ସେ ଅଳ୍ପ କଥା ହୋଇ ରହିଯାଉଥିଲେ । ଆହୁରି ମଧ୍ୟ ଫୋନ ଯୋଗେ ହ୍ୟୁମାନ ମାଙ୍କୁ କହିଥିଲେ ଯେ, ତୁମେମାନେ କଣ କଟକ-ଭୁବନେଶ୍ୱର ଆସିପାରିବ । ଏକଥା ଶୁଣିବା ପରେ ତାଙ୍କ ମା ଓ ମାଉସୀ ପୁଅ ପାଖକୁ ଆସିଥିଲେ । ଆସି ପହଞ୍ଚି ଦେଖିଥିଲେ ଯେ, ପୁଅର ପେଟ ଓ ଗୋଡ ଫୁଲି ଯାଇଛି । ହସ୍ପିଟାଲକୁ ରହିଲେ ଭଲ ହୋଇବ ବୋଲି ମାଙ୍କୁ କହିଥିଲେ । ପେଟ କାଟୁଥିବା ମା'ଙ୍କୁ ହ୍ୟୁମାନ କହିବାରୁ ମା କହିଥିଲେ ହସ୍ପିଟାଲ ଯିବା ପାଇଁ । ହେଲେ ( ୯ ପୃଷ୍ଠାରେ)




# ଫିଲ୍ମଠାରୁ ଅଧିକ ଆୟ ୟୁଟ୍ୟୁବରେ

ଆଜିକାଲି ସମସ୍ତେ ୟୁଟ୍ୟୁବରେ ନିଜର ବ୍ଲଗିଂ ଚ୍ୟାନେଲ ଖୋଲିବା ସହିତ ଏହାକୁ କ୍ୟାରିୟର ଭାବେ ଗ୍ରହଣ କରି ଅର୍ଥ ରୋଜଗାର କରୁଛନ୍ତି । ଏଥିରେ ଅନେକ ସେଲିବ୍ରିଟି ମଧ୍ୟ ସାମିଲ ଅଛନ୍ତି । ଏହି ତାଲିକାରେ କୋରିଓଗ୍ରାଫର ଓ ଫିଲ୍ମମେକର ଫରହା ଖାନଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫରହା ନିଜ ରୋଷେୟା ଦିଲିପଙ୍କ ସହିତ ମିଶି ଭିଡିଓ ସୁଟ କରିବା ସହ ଅପଲୋଡ କରୁଛନ୍ତି । ତେବେ ନିକଟରେ ଫରହାଙ୍କର ଏକ ଷ୍ଟେଟମେଣ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ଫରହା ଫିଲ୍ମ ଠାରୁ ଅଧିକ ଆୟ ୟୁଟ୍ୟୁବ୍‌ରୁ କରିଥିବା ନେଇ ସୂଚନା ଦେଇଛନ୍ତି । ତେବେ ଏହା ଫରହା ମଜାକିଆ ଅନ୍ଦାଜରେ କହିଛନ୍ତି କି ସତରେ ତା ଜଣା ନାହିଁ । ଗୋଟିଏ ବର୍ଷରେ ସେ ନିର୍ଦ୍ଦେଶକ ଭାବେ ଯେତିକି ଆୟ କରିନଥିଲେ ତା ଠାରୁ ଅଧିକ ଆୟ ସେ ଗୋଟିଏ ବର୍ଷରେ ୟୁଟ୍ୟୁବ୍‌ରୁ କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ଫରହାଙ୍କର ଏହି ମନ୍ତବ୍ୟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି ।

## ଆଜିର ଦିନ

୧୮୭୧ – ନ୍ୟାସନାଲ ରାଇଫଲ୍ ଆସୋସିଏସନ୍‌ର ଗଠନ କରାଗଲା ।
୧୯୨୬ – ପ୍ରଖ୍ୟାତ ଦାର୍ଶନିକ ଶ୍ରୀଅରବିନ୍ଦଙ୍କୁ ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହେଲା ।
୧୯୬୩ – ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ କେନେଡିଙ୍କ ହତ୍ୟାକାରୀଙ୍କୁ ହତ୍ୟା କରାଗଲା ।
୧୯୮୬ – ତାମିଲନାଡୁ ବିଧାନସଭାରେ ପ୍ରଥମଥର ପାଇଁ ଏକାସଙ୍ଗେ ସଦନରୁ ନିଷ୍କାସିତ କରାଗଲା ।
୧୯୯୨ – ଚୀନର ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୪୧ ଲୋକଙ୍କର ମୃତ୍ୟୁ ।
୧୯୯୯ – ଏଥେନ୍ସରେ ଆୟୋଜିତ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଭାରତର କୁଞ୍ଜାରାଣୀ ଦେବୀଙ୍କୁ ରୌପ୍ୟ ପଦକ ।
୨୦୦୩ – ହିନ୍ଦୀ ଫିଲ୍ମର ଲୋକପ୍ରିୟ କମେଡିଆନ ଉମା ଦେବୀ ଖତ୍ରୀଙ୍କ ପରଲୋକ ।



# ମହାକାଶରୁ ଫେରିଲେ ୪ମୂଷା

ଚୀନର ୪ଜଣ ମୂଷା ଅନ୍ତରୀକ୍ଷରୁ ଫେରିଥିବା ଜଣା ପଡିଛି । ଚୀନର ଅନ୍ତରୀକ୍ଷ ଷ୍ଟେସନରୁ ଶେନଝୋଉ ୨୧ସହିତ ଏହି ମୂଷାମାନେ ସଫଳତା ପୂର୍ବକ ଫେରିଛନ୍ତି । ଚୀନର ଏହି ମୂଷାଙ୍କୁ ମହାକାଶରେ ଲାଇଫ ସାଇନ୍ସ ଷ୍ଟଡି କରିବା ପାଇଁ ପଠାଯାଇଥିଲା । ସେମାନେ ଫେରିବା ପରେ ବୈଜ୍ଞାନିକମାନେ ସେମାନଙ୍କୁ ନିଜ ଦେଖରେଖରେ ରଖିଛନ୍ତି । ବୈଜ୍ଞାନିକମାନେ ବର୍ତ୍ତମାନ ସେମାନଙ୍କ ବ୍ୟବହାର ଓ ଶରୀରେ ହେଉଥିବା ପରିବର୍ତ୍ତନକୁ ଅଧିକ ଗବେଷଣା କରିବେ । ଏମାନଙ୍କ ସାହାଯ୍ୟରେ ମହାକାଶରେ ପଶୁଙ୍କ ଉପରେ ଚାପର ପ୍ରଭାବ କିଭଳି ପଡୁଛି ସେନେଇ ଆଲୋଚନା କରାଯିବ । ମୂଷାଙ୍କ ସହିତ ମହକାଶକୁ ଗଛ, ଅଣୁଜୀବ ଓ ମସ୍ତିଷ୍କର ଅଂଶ ଭଳି ସାମଗ୍ରୀ ମଧ୍ୟ ପଠା ଯାଇଥିଲା ।



# ଡାଏଟରେ ସାମିଲ କରନ୍ତୁ ଆଲମଣ୍ଡ

ଅନେକ ଭାବନ୍ତି ଯେ ଶାକାହାରୀ ଆହାରରେ ଆବଶ୍ୟକ ପୋଷକତତ୍ୱର ଅଭାବ ହୋଇପାରେ, କିନ୍ତୁ ସଠିକ୍ ଯୋଜନାବଦ୍ଧ ଆହାର ସହିତ ସନ୍ତୁଳିତ ଏବଂ ପୋଷଣ ସମୃଦ୍ଧ ଭୋଜନ ଗ୍ରହଣ କରିବା ସମ୍ପୂର୍ଣ୍ଣ ଭାବରେ ସମ୍ଭବ । ଏହି ପରିପ୍ରେକ୍ଷୀରେ ଦିଲ୍ଲୀର ମ୍ୟାକ୍ସ ହେଲ୍ଥକେୟାରର ରିଜିଓନାଲ୍ ହେଡ୍ ଅଫ୍ ଡାଏଟେଟିକ୍ସ ରତିକା ସମଦ୍ଦାର ଭେଗନ୍ ବା ଶାକାହାରୀ ହେବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ପାଇଁ କିଛି ପରାମର୍ଶ ପ୍ରଦାନ କରିଛନ୍ତି । ଏକ ସୁସ୍ଥ ଭେଗାନ୍ ଡାଏଟର ମୁଳଦୁଆ ହେଉଛି ସମ୍ପୂର୍ଣ୍ଣ, ସର୍ବନିମ୍ନ ପ୍ରକ୍ରିୟାକୃତ ଖାଦ୍ୟ । ସୁସ୍ଥ ଚର୍ବିର ଏକ ଭଲ ଉତ୍ସ ଭାବରେ ନଟ୍ସ– ବିଶେଷକରି କାଲିଫର୍ନିଆ ଆଲମଣ୍ଡ ସାମିଲ କରିପାରିବା । ଆଲମଣ୍ଡରେ ସମସ୍ତ ପ୍ରକାରର ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ସହିତ ଖାଦ୍ୟ ପ୍ଲେଟର ଅଧା ଅଂଶ ରଙ୍ଗୀନ ଫଳ ଏବଂ ବିଭିନ୍ନ ପନିପରିବା, ଏକ ଚତୁର୍ଥାଂଶ ଡାଲି ପରି ସୁସ୍ଥ ପ୍ରୋଟିନ୍ ଉତ୍ସ ଏବଂ ଅନ୍ୟ ଏକ ଚତୁର୍ଥାଂଶ ବ୍ରାଉନ୍ ଚାଉଳ, ସମ୍ପୂର୍ଣ୍ଣ ଗହମ ଏବଂ ବାଜରା ପରି ସମ୍ପୂର୍ଣ୍ଣ ଶସ୍ୟରେ ପୂରଣ କରିବା ଦ୍ୱାରା ଆମକୁ ଲାଭ ମିଳିଥାଏ । ପ୍ରୋଟିନ୍ ଆବଶ୍ୟକତା ପୂରା କରିବା ପାଇଁ, ସାରା ଦିନରେ ଡାଲି, ଛୁଇଁ ଜାତୀୟ ଖାଦ୍ୟ, ନଟ୍ସ ଏବଂ ସିଡ୍ସ ଭଳି ବିଭିନ୍ନ ଉଦ୍ଭିଦ ଆଧାରିତ ଉତ୍ସଙ୍କୁ ସାମିଲ କରିବା ହୋଇଥାଏ । ସେହିଭଳି କ୍ୟାଲସିୟମ ଏବଂ ଆଇରନ ପାଇଁ ପାଳଙ୍ଗ ଶାଗ, ଆଣ୍ଟି ଅକ୍ସିଡାଣ୍ଟ ପାଇଁ କମଳା ଓ ଲାଲ୍ ରଙ୍ଗର ପନିପରିବା, ଶକ୍ତି ପାଇଁ ଗୋଟା ଶସ୍ୟଜାତୀୟ ଖାଦ୍ୟ ଏବଂ ପୋଷଣ ପାଇଁ ଆଲମଣ୍ଡ ଭଳି ନଟ୍ସକୁ ସାମିଲ କରିପାରିବା । ପ୍ରତି ୧୦୦ ଗ୍ରାମ ଆଲମଣ୍ଡରେ ୧୮.୪ ଗ୍ରାମ୍ ପ୍ରୋଟିନ୍ ରହିଛି ଏବଂ ସେଥିରେ ଡାଏଟ୍ରି ଫାଇବର୍ ମଧ୍ୟ ରହିଛି, ଯାହା ସ୍ୱସ୍ଥ ରକ୍ତ ସୁଗର୍ ସ୍ତରରେ ସହାୟକ । ଓମେଗା–୩ ଏବଂ କ୍ୟାଲସିୟମ୍ ପାଇଁ ବାଦାମ ମିଲ୍କ, ସୋୟାବିନ୍ ଏବଂ ଟୋଫୁ ଭଳି ଫୋର୍ଟିଫାଇଡ୍ ପ୍ଲାଂଟ ମିଲ୍କ ସହିତ ବ୍ରୋକୋଲି ବ୍ୟବହାର କରିପାରିବେ ।


# ଆତ୍ମା ଆଣିବାକୁ ଡାକ୍ତରଖାନାରେ



ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି ଏକ ଅଜବ ଘଟଣା, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଠାରେ ଥିବା ରତଲାମ ମେଡିକାଲ କଲେଜକୁ କିଛି ଗାଁ ଲୋକ ଜଣେ ମୃତ ବ୍ୟକ୍ତିଙ୍କର ଆତ୍ମାକୁ ଆଣିବାକୁ ପହଞ୍ଚିଥିଲେ । ସେମାନେ ଏହି ସମୟରେ ଢୋଲ ଓ ଥାଳି ବଜାଇବା ସହିତ ହାତରେ ଖଣ୍ଡା ମଧ୍ୟ ଧରିଥିଲେ । ଏଭଳି ଭାବେ ସେମାନେ ତିନି ମାସ ତଳେ ମୃତ୍ୟୁ ବରଣ କରିଥିବା ଏକ ବ୍ୟକ୍ତିଙ୍କର ଆତ୍ମାକୁ ଆଣିବାକୁ ପହଞ୍ଚିଥିଲେ । ସୂଚନା ଅନୁସାରେ ଜଣେ ବ୍ୟକ୍ତି କିଛି ମାସ ତଳେ କୀଟନାଶକ ପି ଆତ୍ମହତ୍ୟା କରିଥିଲେ । ଯାହାପରେ ସଂପୃକ୍ତ ବ୍ୟକ୍ତିଙ୍କର ଆତ୍ମା ଜଣଙ୍କ ଶରୀରରେ ଭୁତ ହୋଇ ଲାଗିଥିଲେ । ଯିଏ ଗାଁ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ଡାକ୍ତରଖାନାରୁ ତାଙ୍କ ଆତ୍ମାକୁ ଆଣିବାକୁ । ଯାହାପରେ ଗ୍ରାମବାସୀ ତାଙ୍କ କଥା ମାନି ହାତରେ ପଥର ଧରି ଡାକ୍ତରଖାନାରେ ପହଞ୍ଚିଥିଲେ । ଏହି ପଥରରେ ତାଙ୍କ ଆତ୍ମାକୁ କଏଦ କରି ଆଣିବା ପରେ ତାହାକୁ ଗୋଟିଏ ସ୍ଥାନରେ ରଖି ପୂଜା କରାଯିବା ପାଇଁ ମଧ୍ୟ ଯୋଜନା କରାଯାଇଛି । ଘଟଣାଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏଭଳି ମାନସିକତାକୁ ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି ।

# ସବୁଠାରୁ ବିସ୍ତୀର୍ଣ୍ଣ ଗଛ

ଦୁନିଆରେ ବିଭିନ୍ନ ପ୍ରକାରର ଗଛ ଦେଖିବାକୁ ମିଳିଥାଏ । ଏମାନଙ୍କର ପ୍ରକାର ସହିତ ଆକାର ସବୁ ଭିନ୍ନ ହୋଇଥାଏ । ତେବେ ବୈଜ୍ଞାନିକଙ୍କୁ ଅଷ୍ଟ୍ରେଲିଆରେ ସାର୍କ ୱେ ପାଣି ଭିତରେ ଏକ ଅଦ୍ଭୁତ ଧରଣର ଗଛ ମିଳିଛି । ଏହି ଗଛର ଜେନେଟିକ୍ ଟେଷ୍ଟ କରିବା



ପରେ ଏକ ଅଜବ ତଥ୍ୟ ସାମନାକୁ ଆସିଛି । ପ୍ରାୟ ୧୮୦ କିମିରେ ବିସ୍ତାରିତ ଏହି ଗଛଟି ଗୋଟିଏ ମଞ୍ଜିରୁ ଉଠିଛି । ସେହିଭଳି ଏହି ଗଛଟି ପ୍ରାୟ ୪,୫୦୦ ବର୍ଷ ପୁରୁଣା ଅଟେ । ଏହା ଏକ ପ୍ରକାରର ସମୁଦ୍ରଘାଷ । ପଶ୍ଚିମ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ଆବିଷ୍କାର କରିଛନ୍ତି । ଗବେଷକ ମାନେ କେତେପ୍ରକାରର ଘାସ ମିଶି ଗୋଟିଏ ସମୁଦ୍ରଘାଷର ମଇଦାନ ପ୍ରସ୍ତୁତ କରନ୍ତି ଜାଣିବା ପାଇଁ ଏହି ଗବେଷଣା କରିଥିଲେ । ହେଲେ ଗବେଷଣାରେ ଜଣାପଡିଥିଲା କି ଏହା ଗୋଟିଏ ଗଛ, ଯାହା ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ ବିସ୍ତିର୍ଣ୍ଣ ଗଛ । ଏହି ଜଙ୍ଗଲଟି ବଢିବା ପାଇଁ ପ୍ରାୟ ୪,୫୦୦ ବର୍ଷ ନେଇଥିବ ବୋଲି ଜଣାପଡିଛି । କାରଣ ଏହା ପ୍ରତିବର୍ଷ ପାଖାପାଖି ୩୫ ସେମି ବଢିଥାଏ ବୋଲି ଗବେଷଣାରୁ ଜଣାପଡିଛି । ଯାହା ବର୍ତ୍ତମାନ ସମୟରେ ସର୍ବପୂରାତନ ମଧ୍ୟ ।

# ଦିବ୍ୟାଙ୍କ ଖୁଲାସା




ନିକଟରେ ଅଭିନେତ୍ରୀ ଦିବ୍ୟା ନିଜର ସୋସିଆଲ ମିଡିଆରେ ଏକ ରେକର୍ଡିଂ ସେୟାର କରିଛନ୍ତି, ଯାହା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ଫିଲ୍ମ ସାବି ଓ ଜିଗରା ବିବାଦକୁ ନେଇ କଥା ହୋଇଛନ୍ତି । ଏହି ଅଡିଓରେ ମୁକେଶ ଭଟ୍ଟ ନିଜ ବୟାନରୁ ବିମୁଖ ହେଉଥିବା ଦେଖିବାକୁ ମିଳିଛି । ଏଥିରେ ସେ ଦିବ୍ୟାଙ୍କ ପବ୍ଲିସିଟି ଷ୍ଟଣ୍ଟ ନେଇ କିଛି କହିନଥିବା କହୁଥିବା ଶୁଣିବାକୁ ମିଳୁଛି । ହେଲେ ପୂର୍ବରୁ ସେ ଏହି ବିବାଦରେ ଦିବ୍ୟାଙ୍କୁ ଆକ୍ଷେପ କରିଥିଲେ । ସୂଚନା ଅନୁସାରେ ୨୦୨୪ରେ ଦିବ୍ୟା ଅଭିଯୋଗ ଆଣିଥିଲେ କି ଫିଲ୍ମ ଜିଗରା ସାବି ଫିଲ୍ମର କପି କରିଥିଲା । ଦୁଇଟିଯାକ ଫିଲ୍ମର ଥିମ ଏକା ବୋଲି ଦିବ୍ୟା ପ୍ରକାଶ କରିଛନ୍ତି । ଯାହାପରେ ମୁକେଶ ଭଟ୍ଟ ଦିବ୍ୟାଙ୍କ ସମ୍ପର୍କରେ କିଛି କଟୁ ମନ୍ତବ୍ୟ ଦେବା ସହିତ ସମାଲୋଚନା କରିଥିଲେ । ହେଲେ ପରେ ଦିବ୍ୟା ତାଙ୍କୁ ବ୍ୟକ୍ତିଗତ ସ୍ତରରେ ଏହା ପଚାରିବାକୁ ମୁକେଶ ନିଜ କଥାରୁ ବିମୁଖ ହୋଇଥିବା ଦେଖିବାକୁ ମିଳିଛି ।

## ସୋସିଆଲ କୋଟ୍ସ




“ ମୁଁ ହ୍ରିତିକ୍‌ର କ୍ୟାରିୟରକୁ ନେଇ ବହୁତ ଚିନ୍ତିତ ଥିଲି । ମୋତେ ଲାଗିଥିଲା କୋଇ ମିଲ୍ ଗୟା ଦେଖିବାକୁ କେହି ବି ହଲକୁ ଆସିବେ ନାହିଁ । ହେଲେ ମୁଁ ଯେତେବେଳେ ଏହାର ପ୍ରଥମ ସଟ୍ ସୁଟ କଲି ଏହାପରେ ଆତ୍ମବିଶ୍ୱାସ ବଢିଥିଲା ।

ରାକେଶ ରୋଶନ, ଫିଲ୍ମ ମେକର



“ ଫିଲ୍ମ ଇଣ୍ଡଷ୍ଟ୍ରି ଗୋଟିଏ ଖୁବ ସୁନ୍ଦର ସ୍ଥାନ । ଯେତେବେଳେ ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଥିଲି ମୋତେ ଲାଗିଥିଲା ମୋତେ କାମ ଖୁବ ଜଲଦି ମିଳିଯିବ । ହେଲେ ମୋତେ ସଂଘର୍ଷ କରିବାକୁ ପଡିଥିଲା ।

ସୁନିଲ ଗ୍ରୋବର, ହାସ୍ୟ ଅଭିନେତା



“ ମୁଁ ଶାହରୁଖଙ୍କର ବଡ ଫ୍ୟାନ୍ । ନବେ ଦଶକ କେବଳ ତାଙ୍କ ପାଇଁ ହିଁ ଖାସ ଥିଲା । ତାଙ୍କ ଫିଲ୍ମ ଦେଖି ଆମେ ଅନେକ କିଛି ଶିଖିଛୁ ।

ରାଜକୁମାର ରାଓ, ଅଭିନେତା

# ମଟକା ପଲଉ

**ସାମଗ୍ରୀ–** ଏକ କପ ବାସୁମତି ଚାଉଳ, ଅଧା ଚାମଚ ଗରମ ମସଲା, ୨ରୁ ୩ଟି ଲବଙ୍ଗ, ୨ଟି ଗୁଜୁରାତି, ଏକଟି ଅଳେଇଚ, ତେଜପତ୍ର ଗୋଟିଏ, ଏକ ଚାମଚ ଜୀରା, ଅଧା ଚାମଚ ଗୋଲମରିଚ ଗୁଣ୍ଡ, ଅଳ୍ପ ଲଙ୍କା ଗୁଣ୍ଡ, ଏକ ଚାମଚ ଧନିଆ ଗୁଣ୍ଡ, ଗୋଟିଏ କଟା ବଡ ପିଆଜ, ଅଳ୍ପ କଟାହୋଇଥିବା କୋବି, ଅଳ୍ପ କଟାହୋଇଥିବା ଗାଜର, ମଟର ଅଧାକପ (ଛୋଟ କପରେ), ୨ ଚାମଚ ଦହି, ଏକ ଚାମଚ ଅଦା ରସୁଣ ପେଷ୍ଟ, ଏକ ଚାମଚ ପୋଦିନା ଓ ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ବାସୁମତି ଚାଉଳକୁ ଧୋଇ ବତୁରାଇ ନିଅନ୍ତୁ । ଏହାପରେ ଚାଉଳକୁ ୭୦ ପ୍ରତିଶତ ରାନ୍ଧନ୍ତୁ । ଏହାପରେ ଆଞ୍ଚରେ ଏକ ମାଟି ପାତ୍ରରେ ସୋରିଷ ତେଲ ପକାନ୍ତୁ । ତେଲରେ ସମସ୍ତ ଖଣ୍ଡ ମସଲା ପକାଇ କିଛି ସମୟ ଭାଜନ୍ତୁ ଏହାପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ ଅଦା ରସୁଣ ପେଷ୍ଟ ପକାନ୍ତୁ । କିଛି ସମୟ ପରେ ଏଥିରେ ଦହି ମିଶାନ୍ତୁ । ଭାଜି ହେବା ପରେ ଏହାର ଅଧା ପରିମାଣ ଅନ୍ୟପାତ୍ରରେ କାଢି ନିଅନ୍ତୁ । ବର୍ତ୍ତମାନ ପାତ୍ରରେ ଥିବା ଅଧା ମସଲା ଉପରେ ଭାତର ଲେୟାର ଦିଅନ୍ତୁ । ଏହା ଉପରେ ପୁଣି ବଳକା ମସଲା ଦିଅନ୍ତୁ, ଏବଂ ଏହାପରେ ବଳିଥିବା ଭାତକୁ ଦିଅନ୍ତୁ । ଏହି ପରି ଯେତେ ଲେୟାର ହେବ ସଜାନ୍ତୁ । ଶେଷରେ ଉପରେ ଧନିଆ ପତ୍ର, ପୋଦିନା ପତ୍ର ଏବଂ ଭଜା ପିଆଜ ଦେଇ କମ ଆଞ୍ଚରେ ବସାନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଗଲା ମଟକା ପଲଉ ।





ଦିଲ୍ଲୀ ଗସ୍ତରୁ ଫେରିବା ପରେ ବିମାନବନ୍ଦରରୁ ସିଧାସଳଖ ଲୋକସେବା ଭବନ ଯାଇ ସରକାରୀ କାର୍ଯ୍ୟ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଖରିଫ୍ ମାର୍କେଟିଂ ଋତୁ ନିମନ୍ତେ ଧାନ ସଂଗ୍ରହ କମିଟି ବୈଠକ

# ଏବର୍ଷ ଖରିଫ, ରବିରେ ୯୩ ଲକ୍ଷ ଟନ ଧାନ କ୍ରୟ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ ଲାଗି ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରାଯିବା ନିମନ୍ତେ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି । ଶୀଘ୍ର ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ଆସନ୍ତା ୨୫ ତାରିଖ ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ଚଳିତମାସ ୩୦ ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧାନ ପରୀକ୍ଷଣ ଯନ୍ତ୍ର ଓ ଏହାର କାର୍ଯ୍ୟକ୍ଷମ ସଂପର୍କିତ ଯାଞ୍ଚ ଯଥେଷ୍ଟ ପୂର୍ବରୁ କରିବାକୁ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ସଚିବ ଶ୍ରୀ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରୁ ଜଣାଯାଇଛି ଯେ, ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ



ପଞ୍ଜୀକରଣ କରିଛନ୍ତି । ଗତବର୍ଷ ଏହି ସଂଖ୍ୟା ୧୭.୫୦ ଲକ୍ଷ ଥିଲା । ଏବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ସେହିପରି ଚାଷୀ ପଞ୍ଜୀକରଣ, ରାଜ୍ୟରେ କେତେ ଜମିରେ ଧାନ ଚାଷ କରାଯାଇଛି, ତାହାକୁ ଡିଜିଟାଲ ସର୍ବେକ୍ଷଣ ସହିତ ସମନ୍ୱିତ କରି ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଛି । ପ୍ରକୃତ ଚାଷୀ ଯେପରି ଧାନ ବିକ୍ରୟ କରି ତାର ପ୍ରାପ୍ୟ ଠିକ୍ ସମୟରେ ପାଏ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି । ସେହିଭଳି ବିଭିନ୍ନ ଜିଲ୍ଲାରେ ଧାନ ଅମଳକୁ ଦୃଷ୍ଟିରେ ରଖି ଧାନ୍ ସଂଗ୍ରହ ବ୍ୟବସ୍ଥା ବା ମଣ୍ଡି ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରକ୍ରିୟା ବିଳମ୍ବ ହେବା ଯୋଗୁଁ ଚାଷୀମାନେ ଯେପରି ଅଭାବୀ ବିକ୍ରିର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ଧାନ ଦେଇ ମଣ୍ଡି ଠିକ୍ ସମୟରେ ଖୋଲିବା ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ସେ କହିଛନ୍ତି । ଧାନ ସଂଗ୍ରହ ଦାୟିତ୍ୱରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନେ କ୍ଷେତ୍ରସ୍ତରରେ ଠିକ୍ ସମୟରେ ନରହିଲେ କଟନୀଛଟନୀ ଭଳି ସମସ୍ୟା ଉପୁଜିବାର ସମ୍ଭାବନା ଥାଏ । ଏଣୁ ଜିଲ୍ଲା ପରିଚାଳନା ତଦାରଖ ବ୍ୟବସ୍ଥା ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ କଣ୍ଟ୍ରୋଲ ରୁମ୍ ନିୟମିତ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାର ଧାନ ସଂଗ୍ରହ ବ୍ୟବସ୍ଥା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଅଛନ୍ତି ।

**ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ, ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ**

ଏହା ସରକାରଙ୍କର ପ୍ରାଥମିକତା ରହିଛି । ଏହି କାର୍ଯ୍ୟକୁ ସୁବ୍ୟବସ୍ଥିତ ଭାବେ ଏବଂ ଶୃଙ୍ଖଳିତ ଭାବେ ନିର୍ବାହ କରିବାକୁ ସେ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ କୌଣସି କୋହଳ ମନୋଭାବ ପୋଷଣ ନକରିବାକୁ ସେ ସଚେତନ କରାଇଛନ୍ତି । ପୋଲିସ୍ ବିଭାଗ ତରଫରୁ ମଧ୍ୟ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ ହେବା ସହିତ ନିୟମିତ ପାଟ୍ରୋଲିଂ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବିଭାଗ, ଜିଲ୍ଲା ପ୍ରଶାସନ, ସଂପୃକ୍ତ ସଂସ୍ଥାମାନେ ସମ୍ମିଳିତ ପ୍ରୟାସରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ରାଜସ୍ୱ, ସମବାୟ ବିଭାଗ, ଜିଲ୍ଲା ପୋଲିସ୍ ପ୍ରଶାସନ, ପରିବହନ, ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ନିବନ୍ଧକ, ଯୋଗାଣ ନିରୀକ୍ଷକ, ଯୋଗାଣ ନିଗମ ଅଧିକାରୀ ଆଦିଙ୍କୁ ନେଇ ଆନ୍ତଃ ବିଭାଗୀୟ ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ଆରମ୍ଭ ତାରିଖ ଚୂଡ଼ାନ୍ତ କରିବାକୁ ଯୋଜନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟମିତ ତଦାରଖ କରିବା, ଅନ୍ୟ ରାଜ୍ୟରୁ ଧାନ ଅନଧିକୃତ ଭାବେ ପ୍ରବେଶ ରୋକିବା ପାଇଁ ସୀମାରେ କଡ଼ା ତଦାରଖ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ସାରସକଣା ବିଧାୟକଙ୍କ ଗାଡି ଧକ୍କାରେ ଦମ୍ପତି ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ବାରିପଦା-ଉଦଳା ରାସ୍ତା ଅବରୋଧ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କୋର୍ପିଓ ଗାଡି, ଲୁନାରେ ଆସୁଥିବା ଏକ ଦମ୍ପତିଙ୍କୁ ଧକ୍କା ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ସାରସକଣା ବିଧାୟକ ଭାଦବ ହାଁସଦା କୌଣସି ଏକ କାର୍ଯ୍ୟରେ ଉଦଳାକୁ ଯାଉଥିବା ବେଳେ ବାରିପଦା-ଉଦଳା ରାସ୍ତାରେ ଓଡି-୦୫ଏକେ-୭୪୯୩ ନମ୍ବର ବିଶିଷ୍ଟ କଳା ସ୍କୋର୍ପିଓ ଗାଡିଟି, ଟିଟିଆ ଛକ ନିକଟ ଲୁନାରେ ଥିବା ଏକ ଦମ୍ପତିଙ୍କୁ ଧକ୍କା ଦେଇଥିଲା । ଫଳରେ ଦମ୍ପତି ଜଣଙ୍କ ଛିଟିକି ପଡିଥିଲେ । ଏହି ଦମ୍ପତି ମାନେ ହେଲେ ସୁକୁରା ସିଂ ଓ ସନ୍ୟାସୀ ସିଂ ବୋଲି ଜଣାଯାଇଛି । ଏହି ଦମ୍ପତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ ମାନବିକତା ଭୁଲି ସାରସକଣା ବିଧାୟକ ଭାଦବ ଓ ତାଙ୍କ ଡ୍ରାଇଭର ଘଟଣା ସ୍ଥଳରୁ ପଳାଇବା ଘଟଣାକୁ ନିନ୍ଦା କରିବା ସହ ଏହି ଘଟଣାର ପ୍ରତିବାଦ କରି ବାରିପଦା-ଉଦଳା ରାସ୍ତାକୁ ଲୋକେ ଅବରୋଧ କରିଥିଲେ । ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲା । ରିପୋର୍ଟ ଲେଖା ହେବା ସୁଦ୍ଧା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ଉକ୍ତ ଘଟଣାର ସଠିକ ତଦନ୍ତ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ଏନେଇ ସାରସକଣା ବିଧାୟକ ଭାଦବ ହାଁସଦାଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା ।



# ପ୍ରେମିକା ଗଳା କାଟି ହତ୍ୟା ଉଦ୍ୟମ, ପ୍ରେମିକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପ୍ରେମିକା ଗଳା କାଟି ହତ୍ୟା ଉଦ୍ୟମ କରିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପ୍ରେମିକ ଟିଙ୍କୁ ଗୁରୁଙ୍ଗ (୪୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଟିଙ୍କୁ ଘର ପଶ୍ଚିମବଙ୍ଗ ଦାର୍ଜିଲିଂରେ ବୋଲି ପୋଲିସ କହିଛି । ସେ ଭୁବନେଶ୍ୱରର ଇନ୍ଫୋସିଟି ଥାନା ଅଞ୍ଚଳର ଏକ ହୋଟେଲ୍‌ରେ କାମ କରେ । ୪୪ ବର୍ଷୀୟା ପୀଡ଼ିତା ଶୈଳଶ୍ରୀ ବିହାର ଜଗନ୍ନାଥ ମନ୍ଦିର ନିକଟରେ ମୋମୋ ଦୋକାନ କରନ୍ତି । ପ୍ରେମିକ ଟିଙ୍କୁ ତାଙ୍କ ସମ୍ପର୍କରେ ଖବର ପାଇ ଦାର୍ଜିଲିଂରୁ ଆସି ଇନ୍ଫୋସିଟି ଥାନା ଅଞ୍ଚଳର ଏକ ହୋଟେଲ୍‌ରେ କାମ କରିବା ସହ ପୀଡ଼ିତାଙ୍କୁ ସନ୍ଧାନ କରି ପାଇଥିଲା । ସେ ଜଗନ୍ନାଥ ମନ୍ଦିର ପାଖ ମୋମୋ ଦୋକାନରେ ଥିବାବେଳେ ୨୨ ତାରିଖ ଦିନ ସେଠାକୁ ଆସି ତାଙ୍କ ବେକକୁ ବାରମ୍ବାର ଛୁରୀରେ ଆଘାତ କରିଥିଲେ । ସେ ଗୁରୁତର ହୋଇ ତଳେ ପଡ଼ିଯିବାରୁ ତାଙ୍କୁ ନିକଟସ୍ଥ ଏକ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଲୋକେ ପଠାଇବା ସହ ଅଭିଯୁକ୍ତ ଟିଙ୍କୁକୁ କାବୁ କରି ପୋଲିସ ଜିମା ଦେଇଥିଲେ । ଡାକ୍ତରଙ୍କ ଏମ୍‌ଏଲ୍‌ସି ନମ୍ବର ୩୨୭୮ ଅନୁଯାୟୀ ପୋଲିସ ମାମଲା ରୁଜୁ କରିଛି । ଯାହାର କେସ୍ ନଂ.୭୮୩ । ପୀଡ଼ିତା ପ୍ରେମିକା ସୁସ୍ଥ ହେବା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ସୂଚନା ମିଳିଛି ।

# ଲିଫ୍ଟ ଦେବାକୁ କହି ଯୁବତୀଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲିଫ୍ଟ ଦେବାକୁ କହି ଯୁବତୀଙ୍କୁ ଅପହରଣ କରିନେଇ ମାରଣାସ୍ତ୍ର ଦେଖାଇ ବିବାହ କରିଥିବା ଯୁବକଙ୍କୁ ଗିରଫ କରିଛି ମହିଳା ଥାନା ପୋଲିସ । ଗିରଫ ଯୁବକର ନାଁ ରୀତିକ ନାୟକ । ଅଭିଯୁକ୍ତ ରୀତିକ ସହ ପୀଡ଼ିତା ଯୁବତୀଙ୍କ ପୂର୍ବରୁ ସମ୍ପର୍କ ଥିଲା । ସେ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ପୀଡ଼ିତା ମନା କରିଥିଲେ । ଯାହାଫଳରେ ଅଭିଯୁକ୍ତ ଯୁବକ ଚତୁରତାର ସହ ଅପହରଣ କରିନେଇ ଢେଙ୍କାନାଳର ଏକ ମନ୍ଦିରରେ ବିବାହ କରିବା ପରେ ୧୫ ଦିନ ଅଟକାଇ ରଖିଥିଲା । ଯୁବକଙ୍କ କବ୍‌ଜାରୁ ପୀଡ଼ିତା ଯୁବତୀ ଖସିଆସି ମହିଳା ଥାନାରେ ଅଭିଯୋଗ କରିବା ପରେ ମହିଳା ଥାନା ପୋଲିସ ରୀତିକକୁ କଟକରୁ ଗିରଫ କରି କୋର୍ଟ ଚାଲାଣ କରିଛି । ୧୫ ଦିନ ଯୁବତୀଙ୍କୁ ଅଟକାଇ ରଖିବା ସମୟରେ ଆପତିଜନକ ଫଟୋ ଓ ଭିଡିଓ ଉତ୍ତୋଳନ କରି ରଖିଥିଲା । ଯାହାକୁ ପୋଲିସ ଜବତ କରିଛି । ରୀତିକ ଭରତପୁର ଅଞ୍ଚଳରୁ ଅପହରଣ କରିନେଇଥିଲା ।

### ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ ସଂଗଠନ ସୃଜନ

# ବଛା ହେବେ ଡିସିସି କର୍ମକର୍ତ୍ତା ଓ ବ୍ଲକ୍ ସଭାପତି

ଭୁବନେଶ୍ୱର, (ସବ୍ୟୁ): ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସାଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନବନିଯୁକ୍ତ ସଭାପତିମାନେ 'ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ' ତଥା ନୂଆପଡ଼ା ଉପନିର୍ବାଚନରେ ବ୍ୟସ୍ତ ଥିବାରୁ ନିଜନିଜ ଜିଲ୍ଲା ଟିମ୍ ଗଠନ କରିପାରି ନ ଥିଲେ। ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏ ନେଇ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରିଛନ୍ତି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଂଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ ବୋଲି ଶ୍ରୀ ଲଲ୍ଲୁ ସୂଚନା ଦେଇଛନ୍ତି। ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ଆସନ୍ତା ୧୦ ଡିସେମ୍ବର ସୁଦ୍ଧା ପଠାଇବେ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।



**୧୪ ଡିସେମ୍ବର କଂଗ୍ରେସର ଦିଲ୍ଲୀ ଚଲୋ**

ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ 'ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ହେଉଛି। ଆସନ୍ତା ଡିସେମ୍ବର ମାସରେ ଦୁଇଟି କାର୍ଯ୍ୟକ୍ରମ ଘୋଷିତ ହୋଇଛି। ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। 'ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ର ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷେ ଲୋକ ଠୁଳ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

## ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଆକର୍ଷଣର କେନ୍ଦ୍ରବିନ୍ଦୁରେ ଓଡିଶାର ଗ୍ରାମୀଣ ଉତ୍ପାଦ

ଭୁବନେଶ୍ୱର(ସବ୍ୟୁ): ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ଓଡ଼ିଶା ପାଭିଲିୟନରେ ଓଡ଼ିଶା ସରକାରଙ୍କ ତରଫରୁ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନସ୍ଥ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍‌ମାସ୍), ବିଶ୍ୱ ସମ୍ମୁଖରେ ଆତ୍ମନିର୍ଭର ଭାରତର ପ୍ରତିଛବିକୁ ପ୍ରଦର୍ଶିତ କରୁଛି ।

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଓଡ଼ିଶା ପାଭିଲିୟନରେ ଓର୍‌ମାସ୍‌ର ୬ ଟି ଷ୍ଟଲ୍ ଏବଂ ମିଶନ୍ ଶକ୍ତିର ୪ଟି ଷ୍ଟଲରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ କରାଯାଉଥିବା ବେଳେ ଲାଇଭ୍ ଡେମୋ ପ୍ଲାଟ୍ ଫର୍ମ ଉପରେ



ସେସବୁର ପ୍ରସ୍ତୁତି କଳା ପ୍ରଦର୍ଶିତ ହେଉଛି । ୧୪ତାରିଖରୁ ୨୨ ତାରିଖ ମଧ୍ୟରେ ଓଡ଼ିଶା ପାଭିଲିୟନରେ ଓର୍‌ମାସ୍ ଷ୍ଟଲ୍‌ଗୁଡିକ ୭ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ କରିଥିବା ବେଳେ ମିଶନ୍ ଶକ୍ତିର ଷ୍ଟଲ୍‌ଗୁଡିକ ପ୍ରାୟ ୬ଲକ୍ଷ ଟଙ୍କାର ବ୍ୟବସାୟ କରିଛନ୍ତି । ତୁମ୍ବା ହସ୍ତଶିଳ୍ପ ସାମଗ୍ରୀ ସମ୍ଭାରକୁ ନେଇ ଓର୍‌ମାସ୍ ଓ ମିଶନ ଶକ୍ତି ଷ୍ଟଲ୍‌ଗୁଡିକ ରାଜ୍ୟ ଓ ଦେଶସମୂହ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି । ତୁମ୍ବା ହସ୍ତକଳାକୃତିକୁ ନେଇ ମେଳାରେ ଅଂଶଗ୍ରହଣ କରିଥିବା ରାୟଗଡ଼ାର ପ୍ରେରଣା ସ୍ୱୟଂ ସହାୟକ ଗୋଷ୍ଠୀ ଇତିମଧ୍ୟରେ ନୂଆଦିଲ୍ଲୀର ରୁଦ୍ରଶୀଳ ପ୍ରଡ଼କଫ ସହିତ ବାଣିଜ୍ୟିକ ବାର୍ତ୍ତାଳାପ କରିଥିବା ବେଳେ ବିଭିନ୍ନ ରାଜ୍ୟ ଓ ମନ୍ତ୍ରାଳୟର ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ସମେତ ବ୍ୟବସାୟିକ ଅନୁଷ୍ଠାନଗୁଡିକ ପ୍ରଦର୍ଶିତ ସାମଗ୍ରୀ ଗୁଡିକର ଉତ୍ପାଦନ ଓ ବିପଣନ ସମ୍ପର୍କରେ ଷ୍ଟଲ୍ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

**୯ ଦିନରେ ୧୩ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ବିକ୍ରି**




### ଜାତୀୟ ମିଡ଼ିଆ ମହାକୁମ୍ଭ ଉଦଯାପିତ

# ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା ନୀତି ପାଇଁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ସାମ୍ବାଦିକତାରେ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ.) ବ୍ୟବହାର ସମୟରେ ଗଣମାଧ୍ୟମ ନୀତିଗତ ମାନଦଣ୍ଡକୁ ବଜାୟ ରଖିବା ସହ ସାମାଜିକ ଆସ୍ଥାକୁ ଅକ୍ଷୁର୍ଣ୍ଣ ରଖି ଖବର ପ୍ରସାରଣ କରିବାର ଆବଶ୍ୟକତା ଉପରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ରବିବାର ଦିନ କିମସ ଅଡିଟୋରିୟମରେ ଇନଷ୍ଟିଚ୍ୟୁଟ ଅଫ ମିଡ଼ିଆ ଷ୍ଟଡ଼ିଜ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସହଭାଗିତାରେ ଆୟୋଜିତ ତିନିଦିନିଆ ଜାତୀୟ ମିଡ଼ିଆ ମହାକୁମ୍ଭର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଲେ ଯେ ଏ.ଆଇ. ସାମ୍ବାଦିକତାକୁ ସଶକ୍ତ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ, କିନ୍ତୁ କୃତ୍ରିମ ବୁଦ୍ଧିମତା ବିନିଯୋଗ କଲାବେଳେ




ସଠିକ୍ ମାନବ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ଗଣମାଧ୍ୟମ ପାଇଁ ଆସ୍ଥା ହାସଲ କରିବା କଠିନ, କିନ୍ତୁ ହରାଇବା ସହଜ ବୋଲି ଅଭିହିତ କରି, ଗଣମାଧ୍ୟମ ଖବର ସୃଷ୍ଟି ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଉପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଜାତୀୟ ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୨ ଜଣ ପ୍ରମୁଖ ଗଣମାଧ୍ୟମ ବିଶେଷଜ୍ଞମାନଙ୍କୁ ସମ୍ବୋଧନ କରି ବାଚସ୍ପତି ଏହି ମତବ୍ୟକ୍ତ କରିଛନ୍ତି। ଏହି ତିନିଦିନିଆ ସମ୍ମିଳନୀରେ 'ମିଡିଆ ୫.୦: ଡିଜିଟାଲ କମ୍ୟୁନିକେସନ୍' ବିଷୟରେ ଚର୍ଚ୍ଚା ହୋଇଥିଲା। ସେ ମଧ୍ୟ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ସାମ୍ବାଦିକତାଗତ କୃତି, ସ୍ୱାଧିନତା ସଂଗ୍ରାମ ଓ ନୂତନ ଓଡ଼ିଶା ଗଠନରେ ତାଙ୍କର ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠି କହିଛନ୍ତି ଯେ ଏବେ ଆମେ ଏ.ଆଇ. ଯୁଗରେ ବାସ କରୁଛୁ। ଆମେ କୃତ୍ରିମ ବୁଦ୍ଧିମତ୍ତାକୁ ଏଡ଼ାଇ ପାରିବା ନାହିଁ; ଆମକୁ ଏହାକୁ ଗ୍ରହଣ କରିବାକୁ ପଡିବ।

ଗାନ୍ଧୀନଗର ସ୍ଥିତ ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୀପ ମଲ୍ଲିକ ତଥ୍ୟତନ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛଅ ଜଣ ଯୁବ ଗବେଷକଙ୍କୁ ଶ୍ରେଷ୍ଠ ସନ୍ଦର୍ଭ ଉପସ୍ଥାପନା ପାଇଁ ପୁରସ୍କୃତ କରାଯାଇଥିଲା। ଆନ୍ନା ବିଶ୍ୱବିଦ୍ୟାଳୟର ମିଡିଆ ସାଇନ୍ସର ପ୍ରଫେସର ଡକ୍ଟର ଏସ୍. ଆରୁଲଚେଲଭାନ ଏବଂ ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ଡକ୍ଟର ରୁଚିତା ସୁଜାଇ ଚୌଧୁରୀ ଏହି ଅବସରରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। କନକ୍ଲେଭର ଅଧ୍ୟକ୍ଷ ଏବଂ ଆଇ.ଏମ.ଏସ.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ, ଏନଏମସିର ସାଙ୍ଗଠନିକ ସଚିବ ତଥା ଆଇ.ଏମ.ଏସ.ର ସହକାରୀ ପ୍ରଫେସର ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆକ୍ୱାପଲ୍ସ ପକ୍ଷରୁ ବିଶ୍ୱ ମତ୍ସ୍ୟସମ୍ପଦ ଦିବସ

ଭୁବନେଶ୍ୱର, (ସବ୍ୟୁ): ଦେଶର ପ୍ରମୁଖ ସାମୁଦ୍ରିକ ଖାଦ୍ୟ ଟେକ୍ ଏଣ୍ଟରପ୍ରାଇଜ ଆକ୍ୱାପଲ୍ସ ପକ୍ଷରୁ ଚାନ୍ଦବାଲିର କ୍ଷୁଦ୍ର ମତ୍ସ୍ୟଚାଷୀଙ୍କ ସହ ବିଶ୍ୱ ମତ୍ସ୍ୟ ସମ୍ପଦ ଦିବସ ୨୦୨୫ ପାଳିତ ହୋଇଯାଇଛି। ଦେଶର ସାମୁଦ୍ରିକ ଖାଦ୍ୟ ଇକୋସିଷ୍ଟମକୁ ଦୃଢ଼ କରିବା ଦିଗରେ କ୍ଷୁଦ୍ରଚାଷୀଙ୍କ ଯୋଗଦାନକୁ ପାଳନ କରିବା ଦିଗରେ କମ୍ପାନି ପକ୍ଷରୁ ତୃଣମୂଳ ସ୍ତରରେ ଏଭଳି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ, ସହପ୍ରତିଷ୍ଠାତା ତଥା ସିଇଓ ଅଭିଶେକ ଦ୍ୱିବେଦୀ ଏବଂ ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ଅଭିଳାସ ଦ୍ୱିବେଦୀ ଅତିଥି ଭାବେ ଯୋଗ ଦେଇ ଏହି ଅଞ୍ଚଳର ଚାଷୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ କୃଷକଙ୍କୁ ଚିହ୍ନଟ, ଅଭିଜ୍ଞତା ବଖାଣିବା ଅଧିବେସନ, ଆକ୍ୱାପଲ୍ସର ସହଯୋଗ, ଟେକ୍ନୋଲୋଜି ଗ୍ରହଣ ଏବଂ ବଜାର ସଂଯୋଗ ସୁବିଧା ଉପରେ ବିଶେଷ ଆଲୋଚନା




କରାଯାଇଥିଲା। କାର୍ଯ୍ୟକ୍ରମରେ ସିଇଓ ଅଭିଶେକ ଦ୍ୱିବେଦୀ କହିଛନ୍ତି, ଦେଶର ମତ୍ସ୍ୟ ସମ୍ପଦ କ୍ଷେତ୍ରର ମେରୁଦଣ୍ଡ ହେଉଛନ୍ତି କ୍ଷୁଦ୍ରଚାଷୀ। ସେମାନଙ୍କ ସହ ଏହି ଦିନଟିକୁ ପାଳନ କରି ଆମେ ପରିବେଶ ଉପଯୋଗୀ, ଉଚ୍ଚ ଗୁଣବତ୍ତା, ଦେଶ ତଥା ରାଜ୍ୟରେ ମତ୍ସ୍ୟଚାଷୀଙ୍କୁ ଗୁରୁତ୍ୱ ଦିଗରେ ପ୍ରତିବଦ୍ଧତାକୁ ଦୃଢ଼ କରୁଛୁ। ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ଅଭିଳାସ ଦ୍ୱିବେଦୀ କହିଛନ୍ତି, ସାମୁଦ୍ରିକ ଖାଦ୍ୟ ଇକୋସିଷ୍ଟମରେ ଉପକୂଳ ଓଡ଼ିଶା ସବୁବେଳେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କୃଷକଙ୍କ ସହ ମିଳିତ ହୋଇ ଏ କ୍ଷେତ୍ରରେ ନବସୃଜନ, ସ୍ୱଚ୍ଛତା, ବିଶ୍ୱ ବଜାରରେ ପହଞ୍ଚ ତଥା ତୃଣମୂଳ ସ୍ତରରେ ସେମାନଙ୍କ ଶସକ୍ତିକରଣ ଦିଗରେ ଆମର ଉଦ୍ୟମ ଜାରି ରହିଛି।

# ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର(ସବ୍ୟୁ): ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ



ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ। ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବିଧାନସଭା ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

### ମୀରାକିଲ ପବ୍ଲିକ ସ୍କୁଲର ବିଜ୍ଞାନ ମେଳା

ବାସୁଦେବପୁର,(ସବ୍ୟୁ): ସ୍ଥାନୀୟ ମୀରାକିଲ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଉଇଯାଇଛି। ଆୟୋଜିତ ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବାସୁଦେବପୁର ଶାଖାର ମୁଖ୍ୟ ପରିଚାଳକ ଅମିତ କୁମାର ସାହୁ ଉଦଘାଟନ କରିଥିଲେ। ମିରାକିଲ ପବ୍ଲିକ ସ୍କୁଲର ସମ୍ପାଦକ ରାହାସ ବିହାରୀ ମହାନ୍ତି,ଅଧ୍ୟକ୍ଷ ପ୍ରିତିରଞ୍ଜନ ସାହୁ ଯୋଗ ଦେଇଥିଲେ। ଆୟୋଜିତ ବିଜ୍ଞାନ ମେଳାରେ ୧୭୨ଜଣ କୁନି ବୈଜ୍ଞାନିକ ସେମାନଙ୍କର ଖିଆଲି ମନର ଅଭୂତପୂର୍ବ ବିକଶିତ ଚିନ୍ତାଧାରାକୁ ପରିପ୍ରକାଶ କରିବା ପାଇଁ ୧୭୨ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଜ୍ଞାନ ମେଳା ଜ୍ଞାନ ପାଇଁ ନୁହେଁ,କୁନି କୁନି ଶିଶୁମାନଙ୍କ ମଧ୍ୟରେ ନୂତନ ପରିକଳ୍ପନା ଓ ନୂତନ ଉଦ୍ଭାବନ କରିବା ପାଇଁ ରାସ୍ତା ଦେଖାଇବ ବୋଲି ସମ୍ପାଦକ ଶ୍ରୀମହାନ୍ତି କହିଥିଲେ।

### ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# କଥା ରଖନ୍ତୁ ସରକାର, ସାମ୍ବାଦିକଙ୍କୁ ପେନ୍‌ସନ୍, ସ୍ୱୀକୃତି, ସୁରକ୍ଷା ଦିଆଯାଉ

କଟକ,(ସବ୍ୟୁ): ସରକାର ତାଙ୍କ କଥା ରଖନ୍ତୁ। ସାମ୍ବାଦିକଙ୍କୁ ପେନ୍‌ସନ୍, ସ୍ୱୀକୃତି ଏବଂ ସୁରକ୍ଷା ଦେବାଲାଗି ସରକାର ବିଭିନ୍ନ ଫୋରମ୍‌ରେ କହି ଆସୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କ ଏହି ସର୍ବନିମ୍ନ ଦାବି ପୂରଣ ହୋଇପାରି ନାହିଁ। ଆଗାମୀ ବିଧାନସଭାରେ ରାଜ୍ୟ ସରକାର ସାମ୍ବାଦିକଙ୍କ ଏହି ଦାବି ପ୍ରତି ଧ୍ୟାନ ଦେବେ ବୋଲି ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ ଆଶା ରଖୁଛି ବୋଲି କଟକରେ ଆଜି ଆୟୋଜିତ ରାଜ୍ୟସ୍ତରୀୟ ବୈଠକରେ ସଂଘ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଏହା କହିଛନ୍ତି। ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣି ବୈଠକ ଓ କଟକ ଜିଲ୍ଲା ସାମ୍ବାଦିକ ସଂଘର ୨୩ ତମ ଦ୍ୱିବାର୍ଷିକ ସମ୍ମିଳନୀ ମହାନଦୀ ବିହାର ସ୍ଥିତ ରିଦ୍ଧି ଶିଦ୍ଧି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ସାମ୍ବାଦିକ ମାନଙ୍କର ଯଥାର୍ଥ ଦାବିକୁ ସମର୍ଥନ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସାମ୍ବାଦିକ ମାନଙ୍କର ଦାବି ପେନ୍‌ସନ,




ପ୍ରୋଟେକସନ ଓ ଆକ୍ରିଡେସନକୁ ସମର୍ଥନ ଜଣାଇବା ସହ ଆନ୍ଦୋଳନ ଜରିଆରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ରାଜନେତା ପ୍ରଭାତ କୁମାର ତ୍ରୀପାଠୀ ସାମ୍ବାଦିକମାନଙ୍କ ଦାବି ସହ ପୂର୍ଣ୍ଣ ସମର୍ଥନ ରହିଛି ବୋଲି କହିଥିଲେ।

ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ କାର୍ଯ୍ୟକାରିଣି ସଦସ୍ୟ ଅକ୍ଷୟ କୁମାର ସାହୁ, ଉପ ସଭାପତି ରାଜୀବ କୁମାର ମହାନ୍ତି ଯୋଗଦେଇ ସରକାର ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟଦାବିକୁ ଅଣଦେଖା କଲେ ୩୦ ଜିଲ୍ଲାରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି କହିଥିଲେ। ଏହି ଅବସରରେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ମୁଖପତ୍ର 'ମସୀ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓୟୁଜେର ଦ୍ୱିବାର୍ଷିକ ସମ୍ମିଳନୀ ୨୦୨୬ ଜାନୁୟାରୀ ୯ ତାରିଖ ଜୟଦେବଭବନରେ ହେବାକୁ ଘୋଷଣା କରାଗଲା। ଆସନ୍ତା ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ଅଜୟ କୁମାର ଦାସଙ୍କୁ ଚୟନ କରାଗଲା। ଏହି ଅବସରରେ ସମାଜର ବିଶିଷ୍ଟ ବ୍ୟକ୍ତି ସଂଜୟ ଜେନା, କଳ୍ପତରୁ ଖୁଣ୍ଟିଆ, ପ୍ରଫେସର ତ୍ରୀଦେବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ପରିକ୍ଷିତ ବିଶ୍ୱାଳ, ପ୍ରସନ୍ନ ପାଇକରାୟ, ଅଭୟ ପତି, କିଶନ ରାଉତଙ୍କ ସମେତ ୩୦ଜିଲ୍ଲାର ପ୍ରତିନିଧିମାନେ ବକ୍ତବ୍ୟ ରଖିଥିଲେ। କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଭ, ସେକ୍ସ, ଧୋକାର ନଗ୍ନ ଚିତ୍ର, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ପୁଣି ବାଘମାରୀ ଥାନା ଅଂଚଳରୁ ଆସିଲା ଲଭ, ସେକ୍ସ ଓ ଧୋକାର ନଗ୍ନ ଚିତ୍ର। ପୁରୁଷ ବନ୍ଧୁ ପାଇଁ ବିଷ ପିଇ ଜୀବନ ହାରିଛନ୍ତି ନା ହତ୍ୟା କରାଯାଇଛି ଘଟଣା ଏବେ ସନ୍ଦେହ ଘେରରେ। ଡି.ଆଇ.ଇ.ଟିର ଛାତ୍ରୀର ମୃତ୍ୟୁ ଏବେ ସମସ୍ତଙ୍କୁ ଚକିତ କରିବା ସହ ବାଘମାରୀ ଅଂଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ମୃତ୍ୟୁବରଣ କରିଥିବା ଛାତ୍ରୀ ଜଣକ ନୟାଗଡ଼ ଜିଲ୍ଲା ରାଜସୁନାଖଳା ଡିଆଇଇଟି (ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦ୍ରର ପ୍ରଥମ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ (ସାଇନା) ତାଙ୍କର ଘର ବାଙ୍କୀ ଥାନା ପଥୁରୀପଡା ହୋଇଥିବା ବେଳେ ସେ ସୁନାଖଳା ଶିକ୍ଷା ପ୍ରତିଷ୍ଠାନର ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତକାଲି ଠାରୁ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ହଷ୍ଟେଲରୁ ଆସିଥିବା ଜଣାପଡିଛି। ଛାତ୍ରୀ ଜଣକ ପୁରୁଷ ବନ୍ଧୁଙ୍କ ସହ ଆସି ପୁରୁଷ ବନ୍ଧୁଙ୍କ ମାଆଙ୍କ ନିକଟକୁ ଯାଇଥିଲେ ସେଠାରେ କିଛି ଯୁକ୍ତିତର୍କ ହେବା ପରେ ଛାତ୍ରୀ ଜଣକ ଏବଂ ତାଙ୍କର ପୁରୁଷ ବନ୍ଧୁ ଉଭୟ ଓଡି-୦୫ ବିଡି ୮୭୭୨ ପଲସର ବାଇକରେ ଆସି ବିଭିନ୍ନ ସ୍ଥାନ ବାଇକ ମାଧ୍ୟମରେ ବୁଲାବୁଲି କରିଥିଲେ। ଛାତ୍ରୀ ଜଣକ ଓସ୍ତପୁର ପାଣିକୋଇଲି ରାସ୍ତାରେ ନୂଆ ବଜାର ନିକଟରେ ମୁର୍ମୁଷୁ ଅବସ୍ଥା ପଡିଥିବା ଦେଖି ସ୍ଥାନୀୟ ଲୋକେ ମୋବାଇଲ ମାଧ୍ୟମରେ ତାଙ୍କର ଭିଣେଇ ଙ୍କୁ ଖବର ଦେଇଥିଲେ। ଖବର ପାଇଁ ବଡ ଭିଣେଇ ରବୀନ୍ଦ୍ର କୁମାର ଖଟେଇ ଘଟଣା ସ୍ଥଳରେ ପହଁଚି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ଅଧାବାଟରେ ସିମୋର ଛକରେ ଆମ୍ବୁଲାନ୍ସଟି ଖରାପ ହୋଇଥିଲା। ଯେଉଁଠି ବିଳମ୍ବ ହେବା ସହ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ମେଡିକାଲରେ ପହଁଚିବା ବେଳକୁ ଛାତ୍ରୀ ଜଣକ ପ୍ରାଣବାୟୁ ଉଡି ଯାଇଥିଲା। ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁ ପୂର୍ବରୁ ମୃତା ଛାତ୍ରୀଙ୍କର ମରିବା ନେଇ ସମ୍ପର୍କିୟଙ୍କୁ ଏକ ଫୋନ୍ କଲର ଅଡିଓ ଭାଇରାଲ ହେଉଥିବା ଶୁଣିବାକୁ ମିଳୁଛି।

ଏ ସମ୍ପର୍କ ରେ ଛାତ୍ରୀର ଭିଣୋଇ, ମାଆ ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରେ ବାଘମାରୀ ପୁଲିସ ନିଜ ମୁଣ୍ଡରୁ ଦୋଷ ଖସାଇ ଏହା ଆମ ଅଂଚଳର ଘଟଣା ନୁହଁ ଏହା ବାଙ୍କୀ ଅଂଚଳର ବୋଲି ସଫେଇ ଦେଇ ଘଟଣାକୁ ହାଲୁକା ଭାବେ ନେଉ ପରିବାର ଲୋକଙ୍କୁ ଫେରାଇ ଦେଇଛି। ପରିବାର ଲୋକେ ବାଙ୍କି ଥାନାକୁ ଯାଇଛନ୍ତି। ବାଘମାରୀ ଥାନାର ଏଭଳି ଖାମଖିଆଲ ନୀତି ସମସ୍ତଙ୍କୁ ଆର୍ଶ୍ଚର୍ଯ୍ୟ କରିବା ସହ ପୁଲିସର ଦାୟିତ୍ୱହିନତା ପଦାରେ ପକାଇଛି। ବାଇକ ନମ୍ବର ଆଧାରରେ ପୁଲିସ ପୁରୁଷ ବନ୍ଧୁଙ୍କୁ ଧରିବା ପରିବର୍ତେ ଆମ ଅଂଚଳର ନୁହେଁ କହି ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛି ବାଘମାରୀ ପୁଲିସ। ଅନ୍ୟପଟେ ଛାତ୍ରୀର ଶବ ଖୋର୍ଦ୍ଧା ହସ୍ପିଟାଲରେ ପଡିରହିଛି.ପରିବାର ଲୋକେ ଏ ଥାନାରୁ ସେ ଥାନାକୁ ଦୌଡିବାକୁ ପଡିଛି। ଏଘଟଣା ସମ୍ପର୍କରେ ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି ପୁଅ ଓ ଝିଅ ଘର ବାଙ୍କି ଥାନା ଅଂଚଳରେ ଘଟଣା ଆରମ୍ଭ ହୋଇଛି ସେଠାରୁ ତେଣୁ ତାଙ୍କ ସୁବିଧା ପାଇଁ ବାଙ୍କି ଥାନାକୁ ପଠାଇଦିଆଯାଇଛି। ମାତ୍ର ରିପୋର୍ଟ ଲେଖାହେବା ଯାଏଁ କୌଣସି ଥାନା ଅଭିଯୋଗ ଗ୍ରହଣ କରିନଥିବାରୁ ମୃତାଙ୍କ ସମ୍ପର୍କିୟମାନେ ହାରାସ ହୋଇଛନ୍ତି।

### ବିଦ୍ୟୁତ ଆଘାତରେ ଯୁବକ ମୃତ ଘଟଣା : ଘର ମାଲିକାଣୀ ଗିରଫ

ନୀଳଗିରି,(ସବ୍ୟୁ):ଗତ ଶୁକ୍ରବାର ସକାଳେ ନୀଳଗିରି ଏନ୍ଏସି ର ସାନଅତା ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସ ର ପୁଅ ତାପସ (୩୪) ସ୍ୱର୍ଗତ ଦିଲ୍ଲୀପ ରାଉତଙ୍କ ବାଡ଼ିରେ ଗେଣ୍ଡୁ ଫୁଲ ତୋଳିବାକୁ ଯାଇଥିବା ବେଳେ ଫୁଲ ବଗିଚାରେ ଚାରି ପାଖେ ବିଦ୍ୟୁତ୍ ସଂଯୋଗ ହୋଇ ଥିବାର ଜାଣି ନ ଥିବା ବେଳେ ଫୁଲ ତୋଳିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଘଟଣାରେ ନୀଳଗିରି ପୋଲିସ ତଦନ୍ତ କରି ଘର ମାଲିକାଣୀ କୁନା ରାଉତକୁ ସୁଡେଇ ବଡ଼ ଗାଁରୁ ଗିରଫ କରି କୋର୍ଟ ଚାଲାଣ ହୋଇ ଥିବାର ଆଇ ଆଇ ସି ଗୋବର୍ଦ୍ଧନ ନାୟକ ସୂଚନା ଦେଇଛନ୍ତି।

# ୨୨ନମ୍ବର ୱାର୍ଡ ରେ ଭୂତଳ ଗ୍ୟାସ ସଂଯୋଗ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ୨୨ନମ୍ବର ୱାର୍ଡର ବିଶୁଦ୍ଧାନନ୍ଦ ନଗର ଓ ଝରଣା ବିହାର ଠାରେ ପ୍ରଥମ କରି ଭୂତଳ ଗ୍ୟାସ ସଂଯୋଗ କରାଯାଇଛି। ଏଥିରେ ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗେଲ୍ ସହାୟତାରେ ବହୁ ପ୍ରତିକ୍ଷୀତ ଗ୍ୟାସ ସଂଯୋଗ କରାଯାଇଛି। ଏଣିକି ସମସ୍ତ ଅଂଚଳବାସି ଏଥର ଗ୍ୟାସ ସିଲିଣ୍ଡର ଝାମେଲାରୁ ମୁକ୍ତି ପାଇବେ। ଏହି କାର୍ଯ୍ୟକ୍ରମରେ ଗେଲ୍ କର୍ତ୍ତୃପକ୍ଷଙ୍କ ସହ ସ୍ଥାନୀୟ ଆରାଧ୍ୟା ମହିଳା ସମିତି ର ସଭ୍ୟାମାନେ ଉପସ୍ଥିତ ରହି ଭୂତଳ ଗ୍ୟାସ ର ଉପକାରିତା ସମ୍ପର୍କରେ ବୁଝାଇଥିଲେ ଓ ସମସ୍ତେ ଏହାର ଲାଭ ନେବାକୁ



ଅନୁରୋଧ କରିଥିଲେ. ଆଜି ଝରଣା ବିହାର ନିବାସୀ ଶ୍ରୀ ଶରତ ଚନ୍ଦ୍ର ଜେନା. ବିପ୍ରବର ଯାନୀ ଓ ପୁଷ୍ପଲତା ଜେନାଙ୍କ ଘରେ ଗ୍ୟାସ ସଂଯୋଗ କାର୍ଯ୍ୟ ଶେଷ ହୋଇଯାଇଛି. ଏହି ଗ୍ୟାସ ସଂଯୋଗ ଯୋଗୁଁ ଏ ଅଂଚଳରେ ଖୁସିର ଲହରି ଖେଳିଯାଇଛି.

# ଆଇଆଇଟି ଭୁବନେଶ୍ୱରରେ ଅତ୍ୟାଧୁନିକ ସନ୍ତରଣାଗାର ଉଦଘାଟିତ

ଜଟଣୀ, (ସବ୍ୟୁ): ସନ୍ତରଣକାରୀମାନଙ୍କୁ ଉତ୍ସାହିତ କରିବା ଏବଂ ଅଭ୍ୟାସ କରିବାର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ




ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର କ୍ୟାମ୍ପସରେ ଏକ ଅତ୍ୟାଧୁନିକ ସନ୍ତରଣାଗାରର ଲୋକାର୍ପଣ କରାଯାଇଛି। ଏହି ସନ୍ତରଣାଗାରକୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ,ଭିତ୍ତିଭୂମିର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପଣ୍ଡା ଏବଂ ଛାତ୍ର ଜିମ୍ଖାନାର ସଭାପତି ଡକ୍ଟର କୋଦଣ୍ଡରାମ ମାଙ୍ଗିପୁଡିଙ୍କ ଉପସ୍ଥିତିରେ ଉଦଘାଟନ କରାଯାଇଥିଲା। ଉଦଘାଟନ ଉପଲକ୍ଷେ ଏକ ଗ୍ରାଣ୍ଡ ସ୍ପ୍ଲାସ୍ ଆୟୋଜନ କରାଯାଇଥିଲା, ଯେଉଁଥିରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ କ୍ୟାମ୍ପସର ବାସିନ୍ଦାମାନେ 'ଡାଇଭ୍-ଜମ୍ପ-ସ୍ପ୍ଲାସ୍' ମୁହୂର୍ତ୍ତର ଉପଭୋଗ କରିଥିଲେ। ଏହାର ସର୍ବନିମ୍ନ ଗଭୀରତା ୧.୮ ମିଟର ଏବଂ ସର୍ବାଧିକ ଗଭୀରତା ୫ ମିଟର। ପୁଲର ଲମ୍ବ ୫୦ ମିଟର ଏବଂ ପ୍ରସ୍ଥ ୨୫ ମିଟର। ପ୍ରତିଷ୍ଠାନର ସନ୍ତରଣକାରୀମାନଙ୍କ ପାଇଁ ନିରାପଦ ତାଲିମ ଏବଂ ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ଲାଇଫଗାର୍ଡଙ୍କ ସହିତ ବୃତ୍ତିଗତ ସନ୍ତରଣ ପ୍ରଶିକ୍ଷକ ନିୟୋଜିତ ହୋଇଥିବା ଜଣାପଡିଛି।

# ଅନୁପ୍ରବେଶକାରୀ ଧରପଗଡ, ରାଜଧାନୀରେ କେବେ ?

ଭୁବନେଶ୍ୱର, (ତଥ୍ୟ) ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ରାଜ୍ୟରେ ପୁଲିସ୍ ପ୍ରଶାସନ ତତ୍ପର ହୋଇ ଉଠିଥିବାବେଳେ ରାଜଧାନୀରେ କିନ୍ତୁ ତଲାସୀ ଜୋରଦାର ହେଉନାହିଁ। ରାଜଧାନୀର ବସ୍ତିଗୁଡିକରେ କେଉଁ କେଉଁମାନେ ରହୁଛନ୍ତି ତାହାର ତଲାସୀ କରାଗଲେ ଏଠାରୁ ମଧ୍ୟ ଅନୁପ୍ରବେଶକାରୀ ବାହାରିବେ ବୋଲି କୁହାଯାଉଛି। ରାଜଧାନୀରେ ସରକାରୀ ହିସାବରେ ୪୩୬ ଟି ବସ୍ତି ଥିବାବେଳେ ବେଆଇନ୍ ବସ୍ତିସଂଖ୍ୟା ହଜାରେକୁ ଟପିଗଲାଣି। ଏହିସବୁ ବସ୍ତିରେ କିଏ କେଉଁଠାରୁ ଆସି ରହୁଛି ତାହାର ତାଲିକା ପୁଲିସ୍ ନିକଟରେ ନାହିଁ। ସେହିଭଳି ସରକାରୀ ତାଲିକାରେ ଥିବା ବସ୍ତିରେ ବି କେଉଁମାନେ ରହୁଛି ତାହାର ତାଲିକା ଜାଣିବାକୁ ବି ପୁଲିସ୍ ପ୍ରଶାସନ ଆଗ୍ରହ ପ୍ରକାଶ କରୁନାହିଁ।

ସହରର ବିଭିନ୍ନ ବସ୍ତିରେ ଏବେ ମାଳ ମାଳ ଅଣଓଡିଆ ବସବାସ କରୁଛନ୍ତି। ରାଜ୍ୟ ବାହାରର ଲୋକେ ମଧ୍ୟ ଏଠାରେ ରହି ବିଭିନ୍ନ ବ୍ୟବସାୟ ଚଳାଉଛନ୍ତି। ସହର ସାରା ରାତି ପାହିଲେ ଏମାନଙ୍କର ପସରା ଖୋଲୁଥିବାବେଳେ ବାସ୍ତବରେ ଏମାନଙ୍କ ଠିକଣା କିନ୍ତୁ କାହାରି ପାଖରେ ନାହିଁ। ଗତ କିଛିମାସ ତଳେ ବଙ୍ଗଳାଦେଶୀଙ୍କୁ ନେଇ ଧରପଗଡ ଆରମ୍ଭ ହୋଇଥିବାବେଳେ ରାଜଧାନୀର ରାସ୍ତାରୁ ହଠାତ୍ ଅନେକ ବ୍ୟବସାୟୀ ଅର୍ନ୍ତଧାନ ହୋଇଯାଇଥିଲେ। ମାମଲା ଥଣ୍ଡା ପଡିବା ପରେ ସେମାନେ ପୁଣି ବ୍ୟବସାୟକୁ ଫେରିଥିଲେ। ଏଭଳି ଲୋକଙ୍କ ଉପରେ ନଜର ରଖିବା ପୁଲିସ୍ ଓ ଗୁଇନ୍ଦା ବିଭାଗର। ଯେହେତୁ ଏମାନଙ୍କର ତାଲିକା ନାହିଁ, ତେଣୁ ସହଜରେ ଚିହ୍ନଟ କରାଯିବା ମଧ୍ୟ କଷ୍ଟକର ହୋଇପଡୁଛି।

ଜଗତ୍‌ସିଂହପୁର ଜିଲ୍ଲାରେ ଅନୁପ୍ରବେଶକାରୀ ବଙ୍ଗଳାଦେଶୀ ଆସି ସରକାରୀ ଜମିରେ ଘରଦ୍ୱାର କରି ରହିବା ଜଣାପଡିବା ପରେ ସେଠାରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି। ଘରଗୁଡିକୁ ଭାଙ୍ଗିବା ସହିତ ଅନୁପ୍ରବେଶକାରୀଙ୍କୁ ଆଣି ଥଇଥାନ କରୁଥିବା ମାଷ୍ଟରମାଇଣ୍ଡକୁ ବି ଧରିଛି। ଏଭଳି ସ୍ଥିତିରେ ରାଜଧାନୀରେ ଜୋରଦାର ତଲାସି କରିବାପାଇଁ ସାଧାରଣରେ ମତପ୍ରକାଶ ପାଉଛି। କାରଣ ରାଜଧାନୀରେ ଗଢି ଉଠୁଥିବା ବସ୍ତିରେ ବିଭିନ୍ନ ବର୍ଗର ଲୋକେ ରହୁଥିବାବେଳେ ଏମାନଙ୍କ ମଧ୍ୟରେ ଅନୁପ୍ରବେଶକାରୀ ରହିଥାଇ ପାରନ୍ତି ବୋଲି ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି। ଅତୀତରେ ରାଜଧାନୀର ବସ୍ତିରୁ ବାହାର ରାଜ୍ୟର ଅପରାଧି ଓ ନିଶା ବେପାରୀ ଧରାପଡିବାର ନଜିର ରହିଛି। ରାଜଧାନୀର ବସ୍ତିରେ ଯେଭଳି ସହଜ ଭାବେ ସମସ୍ତ ସୁବିଧା ସହିତ ଘରଭଡା ମିଳିଯାଉଛି ସେଥିରେ ଅନୁପ୍ରବେଶକାରୀମାନେ ଆସି ରହିବାରେ କୌଣସି ଅସୁବିଧା ନାହିଁ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ କମିଶନରେଟ ପୁଲିସ୍ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି। ଏପରିକି ବସ୍ତିରେ କିଛିଦିନ ରହିବାପରେ ଏଠାରେ ଆଧାରାକାର୍ଡ ଠାରୁ ରାସନକାର୍ଡ ହାତେଇଥିବା ଲୋକଙ୍କର ମଧ୍ୟ ଯାଞ୍ଚ କରିବାକୁ କୁହାଯାଉଛି।

# ବୋଲେରୋରୁ ୫୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ



ଭଞ୍ଜନଗର, (ସବ୍ୟୁ): କନ୍ଧମାଳ ଜିଲ୍ଲାରୁ ଏକ ବେଲେର ଯୋଗେ ଭୁବନେଶ୍ୱର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୨ ଯୁବକ ସହ ବୋଝେଇ ହେଇଥିବା ବୋଲେରକୁ ଭଞ୍ଜନଗର ଅବକାରୀ ବିଭାଗ ଜବତ କରିଛି। ମାଜିଷ୍ଟ୍ରେଟ ଫକୀର ଜୀବନ ନାୟକଙ୍କ ଉପସ୍ଥିତରେ ସେମାନଙ୍କ ଠାରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ଯୁବକ ଫିରିଙ୍ଗିଆ ଥାନା ଅଞ୍ଚଳର ବିଭୂତି ନାଇକ ଟିକାବାଲି ଅଞ୍ଚଳର ଦୁଷ୍ମନ୍ତ କହଁର ଏକ ବୋଲେରରେ ଗଞ୍ଜେଇ ଧରି କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଭଞ୍ଜନଗର ବ୍ଲକରେରେ ଥିବା ବୁଦୁଲି ଛକରେ ଅବକାରୀ ବିଭାଗ କାବୁ କରିଥିଲା। ଏନେଇ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ କେସନଂ ୧୨୪/୨୫-୨୬ ରେ ମାମଲାରେ ରୁଜ୍ଜୁ କରାଯାଇ ୨ଜଣକୁ କୋର୍ଟ ଚାଲାଣ କରାଯାଇଥିବା। ଅବକାରୀ ଏସଆଇ ଅଲ୍ଲିଭା ମାଝି ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ଏଏସଆଇ ରାଧା ମୋହନ ସାହୁ, ସନାତନ ନାହାକଜଗନ୍ନାଥ ନାହାକ, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଦୀପକ ରଞ୍ଜନ ସାହୁ ସାମିଲ ହୋଇଥିଲେ ।

# ନକଲି ପୋଲିସ କନଷ୍ଟେବଲ ଗିରଫ

## ପୋଷାକ, ଜୋତା ଓ ଖେଳନା ବନ୍ଧୁକ ଜବତ

ବ୍ରହ୍ମପୁର, (ସବ୍ୟୁ): ସଦରଥାନା ପୋଲିସ ପଦରବାଲି ଛକରୁ ଜଣେ ନକଲି ପୋଲିସ କନଷ୍ଟେବଲକୁ ଗିରଫ କରିଛି । ସେ ହେଲେ ନାରାୟଣପୁର ଗ୍ରାମର କେଦାରନାଥ ସ୍ୱାଇଁ ଓରଫ ମନୋଜ କୁମାର ସ୍ୱାଇଁ(୩୭) । ଅଭିଯୁକ୍ତ ମନୋଜଙ୍କ ଠାରୁ ପୋଲିସ ପୋଷାକ, ଖେଳନା ବନ୍ଧୁକ, ଯୋତା, ବେଲ୍ଟ,ପୋଲିସ ଲାଠି, ମନୋଜ କୁମାର ସ୍ୱାଇଁ ଲେଖାଥିବା ପୋଲିସ ନେମ୍ ପ୍ଲେଟ୍, ପୋଲିସ ପୋଷାକରେ ଥିବା ବେଳେ ଉଠାଯାଇଥିବା ୨ଟି ଫଟୋ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ସଦର ଥାନାରେ ଏକ ୫୧୮/୨୫ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ମନୋଜକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ସୂଚନାପ୍ରକାରେ, ରବିବାର ସକାଳ ୯ଟା ବେଳେ ପଦରବାଲି ଛକ ରାଜ୍ୟ ରାଜପଥ-୧୭ ଉପରେ ଜଣେ ପୋଲିସ କନଷ୍ଟେବଲ ଗାଡିମଟର ଯାଞ୍ଚ କରି ଚାଳକଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ସଦର ଥାନାକୁ ଖବର ମିଳିଥିଲା । ସେହିକ୍ରମରେ ସଦର ଥାନାର ଏଏସଆଇ ଡିପି ପଟ୍ଟନାୟକ ଓ ତାଙ୍କ ଟିମ ଘଟଣା



ସତ୍ୟାସତ୍ୟ ଜାଣିବା ପାଇଁ ତୁରନ୍ତ ପଦରବାଲି ଛକରେ ପହଞ୍ଚିଥିଲେ। ପୋଲିସ ଗାଡି ଆସିବା ଦେଖି ସେଠାରେ ପୋଲିସ ପୋଷାକ ପିନ୍ଧି ଛିଡା ହୋଇଥିବା ଅଭିଯୁକ୍ତ ମନୋଜ ଦୌଡି ପଳାଇବାକୁ ଚେଷ୍ଟା କରିଥିଲା । ହେଲେ ପୋଲିସ କର୍ମଚାରୀମାନେ ମନୋଜଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ପରେ ଅଭିଯୁକ୍ତ ମନୋଜଙ୍କ ଘର ନାରାୟଣପୁରରେ ହୋଇଥିବା ବେଳେ ସେ ଲାଠିରେ ଏକ ଭଡା ଘର ନେଇ ନିଜ ସ୍ତ୍ରୀ'ଙ୍କ ସହ ରହୁଥିବା ଜଣାପଡିଛି। ସେହିକ୍ରମରେ ପୋଲିସ ଲାଠି ସ୍ଥିତ ମନୋଜଙ୍କ ଭଡା ଘରେ ଚଢଉ କରିଥିଲା। ଚଢଉ ବେଳେ ସେହି ଘରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଥିଲା। ଅଭିଯୁକ୍ତ ମନୋଜ ଘର ମାଲିକଙ୍କୁ ପୋଲିସ କନଷ୍ଟେବଲ ବୋଲି କହି ଘର ଭଡା ନେଇଥିଲେ ମଧ ଆଜକୁ ୧୦ ମାସ ହେବ ଭଡା ଟଙ୍କା ଦେଇନାହାନ୍ତି। ସେ ପୋଲିସ ପୋଷାକ ପିନ୍ଧି କନେଷ୍ଟେବଲ ବୋଲି କହି ବିଭିନ୍ନ ଜିଲାକୁ ମାଗଣାରେ ବସ ଓ ଟ୍ରେନ ଯୋଗେ ଯିବାଆସିବା କରୁଥିବା ତାଙ୍କୁ ଜେରା ବେଳେ ଜଣାପଡିଥିଲା।

# ଯୁବି ହାଇସ୍କୁଲରେ ଏନ୍‌ସିସି ଦିବସ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ପିଏମ୍‌ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଆଜି ଏନ୍‌ସିସି ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଏନ୍‌ସିସି ଆର୍ମୀ ସେକେଣ୍ଡ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଏନ୍‌ସିସି ଯଥା ଆର୍ମୀ, ନେଭି ଓ ଏୟାର ୱିଙ୍ଗ୍ କ୍ୟାଡେଟ୍ ଉପସ୍ଥିତ ହୋଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନମୋହନ ରଥ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ । ପରେ ତିନି ବାହିନୀର ନିରୀକ୍ଷଣ କରିବା ପରେ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏନ୍‌ସିସି ଦିବସର ମହତ୍ତ୍ୱ, ଏକତା ଓ ଅନୁଶାସନର ପରାକାଷ୍ଠା ମଧ୍ୟ ଭାଷଣ ମାଧ୍ୟମରେ ସରଳ ଭାବରେ ବୁଝାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ସମୂହ ଏନ୍‌ସିସି ସଙ୍ଗୀତ ହମ୍ ସବ୍ ଭାରତୀୟ ହେ ଗାନ କରିଥିଲେ ଏବଂ ହର୍ଷ ଧ୍ୱନି ଦେଇଥିଲେ। ଏଥିରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ କ୍ୟାଡେଟ ଭାଗ ନେଇଥିଲେ । କ୍ୟାଡେଟ ଆୟୁଷ ପ୍ରଧାନ, ଗଣେଶ ଡାକୁଆ, ଶୁଭମ୍ ସେଠୀ, ହରପ୍ରିୟା ଡାକୁଆ, ଶୁଭମ୍ ଷଡ଼ଙ୍ଗୀଙ୍କୁ ଚଳିତବର୍ଷର ଉତ୍ତମ କ୍ୟାଡେଟ ଭାବେ ପୁରସ୍କୃତ କରାଯାଇଛି। ପରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟ କ୍ରମରେ ସମସ୍ତେ ବିଦ୍ୟାଳୟ ହତା ସଫେଇ କରିଥିଲେ ଏବଂ ଶ୍ରୀ ମିଶ୍ର ଔଷଧୀୟ ବଗିଚାରେ ଏକ ଚାରା ରୋପଣ କରିଥିଲେ। ପରିଶେଷରେ ସମସ୍ତ କ୍ୟାଡେଟଙ୍କୁ ସାମାନ୍ୟ ଜଳପାନ ବଣ୍ଟନ କରାଯାଇଥିଲା । ଏହାପରେ ବିଦ୍ୟାଳୟରେ ମୁକ୍ତ ବିଦ୍ୟାଳୟ ପାଠପଢ଼ା ଓ ବ୍ଲକ୍ ଲେଭେଲ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜିର ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି ଏୟାର ୱିଙ୍ଗ୍ ଅଫିସର ପ୍ରଶାନ୍ତ କୁମାର ପ୍ରଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ କାର୍ଯ୍ୟ କ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଟାଙ୍ଗଣା ପଲ୍ଲୀ ହାଇସ୍କୁଲରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ

ଛତ୍ରପୁର, (ସବ୍ୟୁ): ଅତ୍ୟାବଶକ ସମୟରେ ଓ ଜାତୀୟ ବିପର୍ଯ୍ୟୟ ସମୟରେ ସୈନ୍ୟ ବାହିନୀକୁ ସହଯୋଗ କରିବା ପାଇଁ ୧୯୪୮ମସିହାରେ ପ୍ରଚଳିତ ହୋଇ ଆସୁଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମସ୍ତ ସ୍କୁଲ କଲେଜରେ ଥିବା ଏନସିସି ଶାଖା ଦ୍ୱାରା ନଭେମ୍ବର ମାସର ଚତୁର୍ଥ ରବିବାରକୁ ଏନ.ସି.ସି. ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠରେ ଉକ୍ତ ଦିବସ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଥମ ଏନ.ସି.ସି. ଶିକ୍ଷକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏନ. ସି. ସି. କ୍ୟାଡେଟ ମାନେ ଗାର୍ଡ ଅଫ ଅନର ଦ୍ୱାରା ତାଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ । ଆୟୋଜିତ ସଭାରେ ପ୍ରତ୍ୟେକ ଏନ.ସି.ସି ଛାତ୍ର ଶୃଙ୍ଖଳିତ ହୋଇ ଏକତା ରକ୍ଷା କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ଏନ.ସି.ସି. ଶାଖା ଗଠନର ଇତିହାସ ଛାତ୍ର,ଛାତ୍ରୀଙ୍କୁ ଅବଗତ କରେଇଥିଲେ । ଫାଷ୍ଟ ଅଫିସର ସୁଧାକର ବୋଲି ଉତ୍ସବ ପରିଚାଳନା କରିଥିଲେ । ବିଦ୍ୟାଳୟ ଶାଖାର କାର୍ଯ୍ୟକ୍ରମ ଉପରେ ବିବରଣୀ ରଖିଥିଲେ । ଏନ.ସି.ସି. କ୍ୟାଡେଟ ରାଗିଣୀ ପ୍ରଧାନ, ରାଜେଶ୍ୱରୀ ବିଷୋୟୀ, ପି. ଲଛେୟା ରେଡ୍ଡି, ଅମୃତା ମହାପାତ୍ର, ଆରୟନ ମହାରଣା, ଆଦ୍ୟାଶା ଗୌଡ଼ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ଷ୍ଟେସନର ବିକାଶ ଓ ଯାତ୍ରୀଙ୍କ ସୁବିଧା ନିମନ୍ତେ ଛତ୍ରପୁର ରେଳ ଉପଭୋକ୍ତା କଲ୍ୟାଣ ସଂଘ ପକ୍ଷରୁ ପ୍ରତିବାଦ ଓ ଦାବିପତ୍ର





ଛତ୍ରପୁର, (ସବ୍ୟୁ): ଷ୍ଟେସନର ବିକାଶ ଓ ଯାତ୍ରୀଙ୍କ ବିଭିନ୍ନ ସୁବିଧା ନିମନ୍ତେ ଛତ୍ରପୁର ରେଳ ଉପଭୋକ୍ତା କଲ୍ୟାଣ ସଂଘ ପକ୍ଷରୁ ଦାବି ଜୋର ଧରିଛି । ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରର ହୋଇଥିଲେ ସୁଦ୍ଧା ଏଠି ସବୁ ପ୍ରକାର ଅବହେଳିତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ବନ୍ଦ ହୋଇ ରହିଥିବା ବାଲି ଗେଟନଂ ୫୮୦/୫ କୁ ତୁରନ୍ତ ଖୋଲିବା, କୋର୍ଟ ଷ୍ଟେସନରେ ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରିବା, ଅଚଳ ହୋଇ ରହିଥିବା ୨ ଟି ନଳକୂପକୁ କାର୍ଯ୍ୟକ୍ଷମ କରିବା, ପ୍ଲାଟଫର୍ମରେ ଅଧା ପାନ୍ତରିଆରେ ରହିଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ଟିକଟ ଘରର ନଷ୍ଟ ହୋଇ ପଡ଼ିଥିବା ଝରକା ଓ କବାଟ ଗୁଡିକ ସଜାଡିବା, ଯାତ୍ରୀଙ୍କ ସୁବିଧା ନିମନ୍ତେ ପଲାସା-କଟକ ମେମୋ ଗାଡିରେ ଡବା ସଂଖ୍ୟାକୁ ବୃଦ୍ଧି କରିବା, କଟକ- ଗୁଣପୁର ମେମୋରେ ଯାତ୍ରାୟତ ନିମନ୍ତେ ଦୁଇଟା ରୋକ କରିବା ଏବଂ ଭୁବନେଶ୍ୱର-ପଲାସା ମେମୋର ନିର୍ଦ୍ଧାରିତ ସମୟ ସୀମାର ପରିବର୍ତ୍ତନ କରିବା ସମେତ ବିଭିନ୍ନ ଦାବୀ ନେଇ ରବିବାର ନାଗୁଲୁପେଟା ସ୍ଥିତ ରେଳ ଫାଟକ ନିକଟରେ ଛତ୍ରପୁର ରେଳ ଉପଭୋକ୍ତା କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାପତି ସିଏଚ. ମହେଶ୍ୱର ରାଓ ଓ ସଂପାଦକ ପି.ଭେଙ୍କଟ ପ୍ରସାଦଙ୍କ ନେତୃତ୍ୱ ସୀତାରାମପଲ୍ଲୀ ଏବଂ ସ୍ଥାନୀୟ ବାସିନ୍ଦା ମାନେ ପ୍ରତିବାଦ କରିବା ସହିତ ବିଭିନ୍ନ ଦାବି ସମ୍ପର୍କରେ ଏକ ଲିଖିତପତ୍ର ଷ୍ଟେସନ ମ୍ୟାନଜରଙ୍କୁ ପ୍ରଦାନ କରିଛନ୍ତି ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ଓଡିଶା ଉଚ୍ଚ ନ୍ୟାୟାଳୟ,କଟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ତତ୍ତ୍ୱାବଧାନରେ ଆଜି ରାଜ୍ୟର ପ୍ରତ୍ୟେକ 'ଜିଲ୍ଲା ଆଇନ ସେବା ପ୍ରାଧିକରଣ' ତଥା 'ତାଲୁକ ଆଇନ ସେବା କମିଟି' ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ବ୍ରହ୍ମପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଏବଂ ଜିଲ୍ଲାର ପ୍ରତ୍ୟେକ ତାଲୁକ ଆଇନସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ୧୧୫ ଜଣ ପ୍ରତିଯୋଗୀ, ବିଭିନ୍ନ ସ୍କୁଲ ମାନଙ୍କରୁ ମନୋନୀତ ହୋଇ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗଦାନ କରିବା ସହ, ପ୍ରଥମେ ବିଧିବଦ୍ଧ ଭାବରେ ପଞ୍ଜିକରଣ କରାଯାଇଥିଲା, ପରେ କୋର୍ଟର ୮ଟି କକ୍ଷ ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ କକ୍ଷ ରେ ଭିନ୍ନ ଭିନ୍ନ ବିଚାରପତିଙ୍କ ଦାୟିତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟରୁ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅବିଭାବକ ମାନେ ଶିକ୍ଷାର୍ଥୀଙ୍କ ସହ ଆସିଥିବାବେଳେ କୋର୍ଟ ରେଜିଷ୍ଟର, କୋର୍ଟ ମ୍ୟାନେଜର ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯେଉଁଥିରେ କୋର୍ଟର କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ସହଯୋଗ କରିଥିବା ସୂଚନା ରହିଛି । ଗଞ୍ଜାମ ଜିଲ୍ଲାରେ ମୋଟ ୬୨୭ ଜଣ ପ୍ରୋତିଯୋଗି ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# ଶ୍ରୀ ସତ୍ୟସାଇ ବାବାଙ୍କର ପଞ୍ଚଦିନ ବ୍ୟାପି ଜନ୍ମଦିନ ମହୋତ୍ସବ ସମାପ୍ତ



ବାରିପଦା, (ସବ୍ୟୁ) : ଶ୍ରୀ ସତ୍ୟସାଇ ସେବା ସମିତି, ବାରିପଦା ଠାରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ପଞ୍ଚଦିନ ବ୍ୟାପି ଜନ୍ମଦିନ ମହୋତ୍ସବ ଆଜି ସମାପ୍ତ ହୋଇଅଛି। ଆଜି ପ୍ରାତଃ ୫ଟାରେ ଓଁକାରମ୍, ସୁପ୍ରଭାତମ୍, ନଗରସଂକୀର୍ତ୍ତନ ପରେ ପ୍ରଶାନ୍ତି ପତାକା ସମିତିର ଆବାହକ ମାନସ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଉତ୍ତଳୋନ କରାଯାଇଥିଲା। ଷୋଡଶପଚାର ପୂଜା ପରେ ସକାଳ ୧୦. ୩୦ରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସମ୍ମାନୀୟ ଅତିଥି ସନ୍ଥମୂର୍ତ୍ତି ପୂର୍ଣଚନ୍ଦ୍ର ବୁଗୁଡେଇ ତାଙ୍କର ବକ୍ତବ୍ୟ ରଖିଥିଲେ। ତାପରେ ମୁଖ୍ୟଅତିଥି ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର ତାଙ୍କ ଅଭିଭାଷଣରେ ଯୁଗଧର୍ମ ବିଷୟରେ କହିଥିଲେ। ଶେଷରେ ପଣ୍ଡିତ ଭାଗବତ ପଣ୍ଡାଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିନ ୧୨ଟା ବେଳେ ରଘୁନାଥପୁର ଠାରେ ୨୪୦, ପରିବାରରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ପ୍ରାୟ ୨୫୦୦ ଶ୍ରଦ୍ଧାଳୁ ଭଗବାନଙ୍କ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ୧୦୦ଟି ପ୍ରଦୀପ ଧ୍ୟାନ ବୃକ୍ଷ ନିକଟରେ ପ୍ରଜ୍ଜଳନ କରାଯିବାପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଭଗବାନଙ୍କ ନିକଟରେ ଜନ୍ମଦିନ କେକ କଟାଯାଇଥିଲା। ଶେଷରେ ମଙ୍ଗଳଆରତୀ ପରେ ସମସ୍ତେ ପ୍ରସାଦ ସେବନ କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଭଗବାନଙ୍କ ଅଶେଷ କୃପାରୁ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା ।

# ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ଉତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇଙ୍କ ଶତବର୍ଷ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏ ଅବସରରେ ଓଁକାରମ୍, ସୁପ୍ରଭାତ, ନଗର ସଙ୍କୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା, ରୋଗୀଙ୍କୁ ଶୁଷ୍କ ଖାଦ୍ୟ ବଣ୍ଟନ ଓ ନାରାୟଣ ସେବା ସାଙ୍ଗକୁ ଲିଖିତ ଜପ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହ ସନ୍ଧ୍ୟାରେ ଏକଶତ ଦୀପ ପ୍ରଜ୍ୱଳନ ସାଙ୍ଗକୁ ବେଦ ପାଠ, ଭଜନ ଗାନ ଓ ସତସଙ୍ଗ ପରେ ବାଳ ବିକାଶ ପିଲାଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଉକ୍ତ ଉତ୍ସବ ପରିଚାଳନାରେ ଆବାହକ, ବିଭିନ୍ନ ବିଭାଗର ସଂଯୋଜକ ଓ ସଂଯୋଜିକା ଏବଂ ଯୁବବର୍ଗ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ମାସିକ ଭତ୍ତା ଦିଆ ନଗଲେ ଧାରଣା ଚେତାବନୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ବାସ କରୁଥିବା ବହୁ ଦିବ୍ୟାଙ୍ଗ ଓ ଶତପ୍ରତିଶତ ଥିବା ଦିବ୍ୟାଙ୍ଗ ମାନଙ୍କର ମାସିକ ଭତ୍ତା ଗତ ଆଠ ମାସ ହେଲା ସେମାନଙ୍କୁ ପ୍ରଦାନ କରାଯାଇ ନଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବରିଷ୍ଠ ନାଗରିକ ଯେଉଁମାନେ ୮୦ ବର୍ଷ ରୁ ଉର୍ଦ୍ଧ ସେମାନଙ୍କ ଭତ୍ତା ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତରେ ଗତ ୨୦୨୫ ଜାନୁୟାରୀରୁ ୧୫୦୦ଟଙ୍କାରୁ ବୃଦ୍ଧି ହୋଇ ୩୫୦୦ଟଙ୍କା ଓଡିଶା ସରକାର ଘୋଷଣା କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରାଯାଇ ନାହିଁ। ତେଣୁ ଆସନ୍ତା ୧୫ ଦିନ ମଧ୍ୟରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାସିକ ଭତ୍ତା ତୁରନ୍ତ ପ୍ରଦାନ କରା ନଗଲେ ଆପଣଙ୍କ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ ହେବି ।

# ଚତୁର୍ଥ କଳା ମହୋତ୍ସବ ପ୍ରସ୍ତୁତି ଓ ଉଦ୍ଦେଶ୍ୟ ପ୍ରତିପାଦନ



ବାରିପଦା, (ସବ୍ୟୁ) : ଏମସିଡିଏଫ କାର୍ଯ୍ୟାଳୟରେ ୪ର୍ଥ କଳା ମହୋତ୍ସବର ପ୍ରସ୍ତୁତି ଓ ଉଦ୍ଦେଶ୍ୟ ପ୍ରତିପାଦନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ବିଭୁ ପ୍ରସାଦ କଳା ମୋହତ୍ସବର ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଏବର୍ଷ କୃତି ପ୍ରତିଭାମାନଙ୍କୁ ନେଇ ଲବ୍ଧକଳାକାର ମାନଙ୍କ ଦ୍ୱାର ବର୍ଷତମାମ ପ୍ରଶିକ୍ଷଣ ଶିବିର ମାଧ୍ୟମରେ କଳାର ବିକାଶ ଧାରାରେ ସେମାନଙ୍କୁ ସାମିଲ କରିବା ପାଇଁ ଛୋଟ ପ୍ରୟାସ କରାଯିବ। ଶିଶୁ କଳା ମୋହତ୍ସବର ସଂଯୋଜକ ଆଶିଷ ଚୌଧୁରୀ ମହୋତ୍ସବର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଆର୍କିଟେକ୍ଟ ମନୋଜ କୁଅଁର କାର୍ଯ୍ୟକ୍ରମର ଧାରା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଏବର୍ଷର ବିଶେଶ୍ୱତ ଯଥା ଆଗାମୀ କର୍ମଶାଳା ଗୁଡିକର ପରିକଳ୍ପନା ସମ୍ବନ୍ଧରେ ବରିଷ୍ଠ କଳାକାର ପଦ୍ମଲୋଚନ ଗିରି ଆଲୋକପାତ କରିଥିଲେ। ଶେଷରେ ସଦସ୍ୟା ପଣ୍ଡିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ସୁଶ୍ରୀ ମହାନ୍ତି, ଦେବସ୍ମିତା ମହାପାତ୍ର, ପ୍ରିୟଦର୍ଶିନୀ ପଟ୍ଟନାୟକ, ଅଲିଭା ଧଳ, ସୁନିତା କୁଅଁର, ମହାଶ୍ୱେତା ଜେନା, ଜୟଶ୍ରୀ ମିଶ୍ର, ସୀମା ଦାସଅଧିକାରୀ, ଚିତ୍ରଶିଳ୍ପୀ ମାନସ ପତି ଓ ଶୁଭସ୍ମିତା ଦତ୍ତ ଆଦି ଯୋଗ ଦେଇଥିଲେ ।

# ବୁଗୁଡ଼ା ଅଦାଲତରେ ଚିତ୍ରାଙ୍କନ ପ୍ରତିଯୋଗିତା

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ସ୍ୱପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବାଲ୍ୟ ବିବାହ ନିଷେଧ ଓ ଶିକ୍ଷା ଅଧିକାର ବିଷୟରେ ଚିତ୍ର ଅଙ୍କନ କରିଥିଲେ। ଅଂଶ ଗ୍ରହଣକାରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଚାରପତି ସୁଧାଶ୍ରୀ ସୁରଝାଲିଆଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୋର୍ଟ କର୍ମଚାରୀ ଏବଂ ପେନାଲ ଓକିଲମାନେ ସହଯୋଗ କରିଥିଲେ ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଛତ୍ରପୁର, (ସବ୍ୟୁ): ଶିଶୁ ଦିବସ -୨୦୨୫ ପାଳନ ଅବସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଛତ୍ରପୁର ଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଯୋଗିତା ରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ର ୭ ରୁ ୧୦ ମ ଶ୍ରେଣୀ ର ବହୁ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିନିୟର ସିଭିଲ ଜଜ ପୂଜା ଦେ, ଏସଡିଜେଏମ ପ୍ରିତିଶ କୁମାର ରଥ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗରରେ ଏନ୍‌ସିସି ଦିବସ




ବ୍ରହ୍ମପୁର, (ସବ୍ୟୁ): ରବିବାର ଦିନ ସକାଳ ୮ଟା ସମୟରେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ବ୍ରହ୍ମପୁର ପରିସରରେ ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଅନୁଷ୍ଠାନର ଜାତୀୟ ସମର ଶିକ୍ଷାର୍ଥୀବାହିନୀରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ଏକ ବର୍ଣ୍ଣାଢ଼୍ୟ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ସମର ଶିକ୍ଷାର୍ଥୀ ବାହିନୀ ଦିବସ ଉପଲକ୍ଷେ ଶୁଭେଚ୍ଛା ଏବଂ ଅଭିବାଦନ ଜଣାଇଥିଲେ। ପରେ ପରେ ସମର ଶିକ୍ଷାର୍ଥୀ ବାହିନୀର ସମସ୍ତ କ୍ୟାଡେଟ୍‌ସ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ବିଭାଗରେ ଭାଗ ନେଇଥିବା ପ୍ରମୁଖ ଛାତ୍ରଛାତ୍ରୀମାନେ ହେଲେ ସୁଶ୍ରୀ ଶୁଭଦର୍ଶିନୀ ପ୍ରଧାନ, ସୁଶ୍ରୀ ଶୁଭଶ୍ରୀ ପାଢ଼ୀ, ସୁଶ୍ରୀ ରୋଜାଲିନ ଗୁରୁ, ସୁଶ୍ରୀ ଅଭିଶିକ୍ଷା ମହାନ୍ତି, ସୁଶ୍ରୀ ସ୍ନେହାରାଣୀ ବାଡ଼ତ୍ୟା ଏବଂ ଶ୍ରୀ ଚିନ୍ମୟ ଜେନା, ତତ୍‌ସହିତ ଆରାଧନା ସାହୁଙ୍କ ନେତୃତ୍ୱରେ ନୃତ୍ୟରେ କନିଷ୍ଠ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀମାନେ ନିଜର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ଅନୁସ୍କା ପ୍ରିୟଦର୍ଶିନୀ ନିଜର ବକ୍ତବ୍ୟ ମାଧ୍ୟମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏ.ଏନ୍.ଓ ଲେଫ୍ଟନେଂଟ୍ ଶ୍ରୀମତୀ ସ୍ମିତା ପଟ୍ଟନାୟକ ପରିଚାଳନା କରିବା ସହ ଅବସରପ୍ରାପ୍ତ ଏ.ଏନ୍.ଓ ଲେଫ୍ଟନେଣ୍ଟ ସୁକାନ୍ତ କୁମାର ବେହେରା, ସିଟିଓ ବିଘ୍ନେଶ୍ୱରୀ ସାହୁ ଏବଂ ସିଟିଓ ସୁଦିପ୍ତ ପଣ୍ଡା ସହଯୋଗ କରିଥିଲେ।

# ମାଗୁଣୀ ଗ୍ରାମୀଣ ଦୁଗ୍ଧ ଗାଡି ଦ୍ୱାରା ଦୁଗ୍ଧ ବିକ୍ରିର ଶୁଭାରମ୍ଭ



କଟକ, (ସ୍ୱପ୍ର): ସ୍ଥାନୀୟ ୫୩ ନମ୍ବର ୱାର୍ଡ ଅନ୍ଦରପୁର ଭିଜିଲାନ୍ସ କଲୋନୀ ଛକ ସ୍ଥିତ ମାଗୁଣୀ ଟୀ ଷ୍ଟଲ ପକ୍ଷରୁ ରବିବାର ସକାଳେ ମାଗୁଣୀ ଗ୍ରାମୀଣ ଶୁଦ୍ଧ ଦୁଗ୍ଧ ଗାଡ଼ିରେ ଦୁଗ୍ଧ ବିକ୍ରୀର ଶୁଭାରମ୍ଭ ହୋଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ ଫିତା କାଟି କ୍ଷୀର ଗାଡିରୁ କ୍ଷୀର ବିକ୍ରୀର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଡିଓ କଲ୍‌ରେ ପ୍ରାକ୍ତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଡି ହୋଇ ଦୁଗ୍ଧ ବିକ୍ରୀର ଶୁଭାରମ୍ଭରେ ସାମିଲ ହୋଇଥିଲେ । ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ୫୨ ନମ୍ବର ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ କୁମାର ଭୋଳ, ଶ୍ରୀ'ମା ସାମାଜିକ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ବିନୋଦ ବେହେରା, ସରୋଜ ରାଉତ, ନଗେନ ଦାସ ପ୍ରମୁଖ ଉପସ୍ଥିତ ରହି ମାଗୁଣୀ ଟୀ ଷ୍ଟଲ ପକ୍ଷରୁ ହେଉଥିବା ଏପରି ଏକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏ ଅବସରରେ କ୍ଷୀର କିଣୁଥିବା ପ୍ରତ୍ୟେକ ଲୋକଙ୍କୁ କ୍ଷୀର ସହିତ ଏକ ପାଣି ବୋତଲ ମାଗଣାରେ ପ୍ରଦାନ କରାଯାଇଥିଲା। କ୍ଷୀର ଲିଟରକୁ ୬୦ ଟଙ୍କା ରଖାଯାଇଥିବାବେଳେ ଏହି କ୍ଷୀର ଜଗତସିଂହପୁର ଜିଲ୍ଲା ଏରଡ଼ା ଓ ତାହାର ଆଖପାଖ ଗାଁରୁ ଗୋ'ଚାଷୀ ମାନଙ୍କ ଠାରୁ ସଂଗ୍ରହ କରାଯାଇ ଗାଡି ମାଧ୍ୟମରେ ଅଣାଯାଇ ପ୍ରତ୍ୟେକ ଦିନ ମାଗୁଣୀ ଟୀ ଷ୍ଟଲ ଓ ଏହାର ଆଖପାଖ ଅଞ୍ଚଳରେ ଲିଟର ୬୦ ଟଙ୍କାରେ ବିକ୍ରୀ କରାଯିବ ବୋଲି ଏହାର ମୁଖ୍ୟ ପରିଚାଳକ ମାଗୁଣୀ ଦାସ ପ୍ରକାଶ କରିଛନ୍ତି। ତାଙ୍କ କହିବା କଥା ହେଲା ସହରରେ କେବଳ ପ୍ୟାକେଟ କ୍ଷୀର ଲୋକେ କିଣୁଛନ୍ତି। ଯାହା ତୁଳନାରେ ଏହି ଶୁଦ୍ଧ ଗାଁ ଗାଈ କ୍ଷୀର ଢେର ଗୁଣରେ ଭଲ। ତେଣୁ ଏଣିକି ପ୍ରତ୍ୟେକ ଦିନ ଲୋକମାନଙ୍କୁ ଉଚିତ ମୂଲ୍ୟରେ ଏହି ଗାଡି ମାଧ୍ୟମରେ କ୍ଷୀର ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନମନ୍ତ୍ରୀ ଶୈଳେନ୍ଦ୍ର ଭୋଳ, ପ୍ରଭାକର ମଲ୍ଲିକ, ରଞ୍ଜିତ ରାଉତ, ନିମାଇଁ ସ୍ୱାଇଁ, ସଞ୍ଜୟ ସାହୁ, ନିରୋଦ ରାଉତଙ୍କ ସମେତ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହି କ୍ଷୀର କିଣୁଥିବା ଦେଖିବାକୁ ମିଳିଥିଲା।

# ଓପି ଜିନ୍ଦଲ ସ୍କୁଲରେ ୧୧ତମ ବାର୍ଷିକ ପୁସ୍ତକ ମେଳା




ଅନୁଗୁଳ, (ସବ୍ୟୁ): ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୨୧ ଏବଂ ୨୨ ନଭେମ୍ବର ଦୁଇ ଦିନ ଧରି ୧୧ତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି। ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ଚିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲଷ୍ଟିଲ ଅନୁଗୁଳର ଜେନେରାଲ ମ୍ୟାନେଜର (ସିଏସଆର) ଜୟନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପୁସ୍ତକ ମେଳାରେ ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ୍ ଇଣ୍ଡିଆ ଏବଂ ଦି ହିନ୍ଦୁ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଅଧ୍ୟୟନରେ ରୁଚି ରଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍ପ ଥିଲା। ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ୍, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପିବାର ସୁଯୋଗ ଆଣି ଦେଇଥିଲା । ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣିଥାଏ ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି । ଯାହା ୧୧ତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।

## ୫୩ନମ୍ବର ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଦବଙ୍ଗଗିରି

# ବୋମା ମାଡ କରି ଡିଜେଲ ଚୋରି



ଢେଙ୍କାନାଳ/କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ନୂଆପାଣି ଠାରେ ବୋମାମାଡ଼ କରି ଟ୍ରକରୁ ଡିଜେଲ ଚୋରପରେ ଦୂର୍ବୃର୍ତ୍ତମାନେ ଫେରାର ହୋଇଯାଇଥିବାର ଜଣାପଡିଛି। ସୂଚନା ଅନୁସାରେ ନୂଆପାଣି ଗ୍ରାମ ନିକଟରେ ଥିବା ଭାରତ ପେଟ୍ରୋଲିୟମ ପେଟ୍ରୋଲ ଟାଙ୍କି ସାମ୍ନାରେ ରାତିରେ ବହୁ ଟ୍ରକ ଡ୍ରାଇଭର ବିଶ୍ରାମ ନେବାପାଇଁ ଗାଡି ପାର୍କିଂ କରିଥାନ୍ତି । ଗତକାଲି ଜଣେ ଡ୍ରାଇଭର ପାର୍କିଂରେ ଗାଡି ରଖି ବିଶ୍ରାମ କରୁଥିବା ବେଳେ ରାତି ପ୍ରାୟ ୨ ଟା ସମୟରେ ବୋମାମାଡ଼ ହେବାର ଶବ୍ଦ ଶୁଣିଥିଲେ । ଶବ୍ଦଶୁଣି ସେ ଗାଡିରୁ ଓହ୍ଲାଇ ଦେଖିବାପରେ ପାଞ୍ଚରୁ ଛଅ ଜଣିଆ ଏକ ଡିଜେଲଚୋର ଗ୍ୟାଙ୍ଗ ଟ୍ରକର ଟାଙ୍କିରୁ ଡିଜେଲ ଚୋରି କରୁଥିବା ଦେଖିବାକୁ ପାଇଥିଲେ। କିଛି ସ୍ଥାନୀୟ ଲୋକ ଏହା ଦେଖି ଚୋରଗ୍ୟାଙ୍ଗକୁ ଧରିବାକୁ ଯିବା ବେଳେ ସେମାନେ ବୋମାମାଡ଼ କରି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇ ସେଠାରୁ ଫେରାର ହୋଇଯାଇଥିଲେ ।ଫେରାର ହେବା ପୂର୍ବରୁ ଦୁର୍ବୃତ୍ତ ମାନେ ଗୋଟିଏ ଟ୍ରକର ଡିଜେଲ ଟାଙ୍କିରୁ ସମ୍ପୂର୍ଣ୍ଣ ଡିଜେଲ ଚୋରି କରିନେଇଥିଲେ । ଗତ ପନ୍ଦର ଦିନ ତଳେ ନୂଆପାଣିରେ ଥିବା ସେହି ପେଟ୍ରୋଲଟାଙ୍କି ସାମ୍ନାରେ ଟ୍ରକ ପାର୍କିଂ କରିଥିବା ଗୋଟିଏ ଟ୍ରକରୁ ସମାନ ଭାବେ ଦୁର୍ବୃତ୍ତ ମାନେ ଡିଜେଲ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକ ଦେଖି ସେମାନେ ଆସିଥିବା ଗାଡିକୁ ପୋଲିସ ର ଜିମା ଦେଇଥିବା ବେଳେ ଦୁର୍ବୃତ୍ତ ମାନେ ଫେରାର ହୋଇ ଯାଇଥିଲେ। ତେବେ ଗତକାଲି ରାତିରେ ପୁଣି ବୋମାମାଡ଼ କରି ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରାଇ ଡିଜେଲ ଚୋର ଗ୍ୟାଙ୍ଗ ଚୋରି କରି ଫେରାର ହେବାରେ ସକ୍ଷମ ହୋଇଛନ୍ତ। ବାରମ୍ବାର ଏପରି ଡିଜେଲ ଚୋରି ହେଉଥିବା ବେଳେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ମଦ ଜବତ, ୩ ଗିରଫ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଓ ଠାକୁରଗଡ ପୋଲିସ ବିଭିନ୍ନ ଅଞ୍ଚଳରେ ଶନିବାର ଦିନ ଚଢାଉ କରି ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି । ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି । ହଣ୍ଡପା ପୋଲିସ ଗୁହ୍ରରୀମୁଣ୍ଡା ଗ୍ରାମରେ ଚଢଉ କରି ସୁକାନ୍ତି ମିର୍ଦ୍ଧାଙ୍କ ଘରୁ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ଲୁହାମୁଣ୍ଡା ଗ୍ରାମରେ ଚଢଉ କରି ବିପ୍ଳବ ସାହୁଙ୍କ ଘରୁ ୯ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି । ସେହି ପରି ଠାକୁରଗଡ ପୋଲିସ ଠାକୁରଗଡ ଅଞ୍ଚଳରୁ ବସନ୍ତ କୁମାର ସାହୁଙ୍କ ଠାକୁ ୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି । ଏନେଇ ହଣ୍ଡପା ପୋଲିସ ନମ୍ବର ୪୨୩/୨୫, ୪୨୭/୨୫ ଓ ଠାକୁରଗଡ ପୋଲିସ ନମ୍ବର ୩୧୫/୨୫ ଏକ ମାମଲା ରୁଜୁ କରିଛି ।

# ୩ ବାଇକ୍ ଜବତ, ୩ ଗିରଫ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ପୋଲିସ ପକ୍ଷରୁ ଶନିବାର ଦିନ ହଣ୍ଡପା ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ ଶରଧାମୁଣ୍ଡା ଗ୍ରାମର ତ୍ରିଲୋଚନ ବେହେରା, ବଡହୁଲା ଗ୍ରାମର ଶ୍ରୀକାନ୍ତ ମାହାର, କିଶୋରନଗରଥାନା ବରପଦର ଗ୍ରାମର ଦେବେନ୍ଦ୍ର କୁମାର ନାୟକଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କର ୩ ଟି ବାଇକକୁ ଜବତ କରିଛି । ସେମାନେ ମଦ୍ୟପାନ କରି ବାଇକ ଚଳଉଥିବା ବେଳେ ପୋଲିସ ଯାଞ୍ଚ କରି ଗିରଫ କରିଥିଲା । ଏନେଇ ନମ୍ବର ୪୨୪/୨୫, ୪୨୫/୨୫, ୪୨୬/୨୫ରେ ମାମଲା ରୁଜୁ କରିଛି ।

# ନାଲକୋ ଅନୁଗୁଳ ପକ୍ଷରୁ ପରିପାର୍ଶ୍ୱିକ ଗ୍ରାମର ଯୁବକ-ଯୁବତୀଙ୍କୁ ଚାକିରି ଭିତ୍ତିକ ପ୍ରଶିକ୍ଷଣ



ତାଳଚେର, (ସବ୍ୟୁ): ଭାରତ ସରକାରଙ୍କ ନବରତ୍ନପ୍ରାପ୍ତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ଏହାର ଅନୁଗୁଳ ଠାରେ ସ୍ଥିତ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ(ଏସଆଣ୍ଡପି) ତରଫରୁ ପରିପାର୍ଶ୍ୱିକ ଗ୍ରାମର ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବି କରିବା ଦିଗରେ ଓ ଏକ ନିଶ୍ଚିତ କର୍ମଯୋଗାଣ ଉଦ୍ଦେଶ୍ୟରେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସରକାରଙ୍କ ଅନୁମୋଦିତ ଭୁବନେଶ୍ୱର ସ୍ଥିତ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନ (ସ୍କିଲ ଡେଭେଲପମେଣ୍ଟ ଇନ୍ସଟି ଚ୍ୟୁଟ)ରେ ତିନିମାସ ପାଇଁ ଟ୍ରେନିଂ ଗ୍ରହଣ ସକାଶେ ପଠେଇଛନ୍ତି। ଏସଆଣ୍ଡ ପି କମପ୍ଲେକ୍ସ ସ୍ଥିତ ଟ୍ରେନିଂ ସେଣ୍ଟର ପ୍ରାଙ୍ଗଣରୁ କମ୍ପାନୀ ଦ୍ୱାରା ଏକ ବସ ଯୋଗେ ସମସ୍ତ ଯୁବକ-ଯୁବତୀଙ୍କୁ ପଠେଇବାର ବ୍ୟବସ୍ଥା କରା ଯାଇଥିଲା । ଏକ ଉତ୍ସବରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଆଣ୍ଡ ପି) ସଚ୍ଚିଦାନନ୍ଦ ଜେନା ଓ ସିଜିଏମ (ଏଚଆର) ହିମାଂଶୁ ଶେଖର ପ୍ରଧାନ ପତାକା ଦେଖାଇ ବସକୁ ଭୁବନେଶ୍ୱର ଅଭିମୁଖେ ଯାତ୍ରାପାଇଁ ଶୁଭାରମ୍ଭ କରେଇଥିଲେ। ଏହି ଉତ୍ସବରେ ସମସ୍ତ ଅଭିଭାବକଙ୍କ ସମେତ ସିଏସଆର ବିଭାଗର ମୁଖ୍ୟ ରାଜରାମ ମିଶ୍ର, ସମସ୍ତ କର୍ମଚାରୀ ଓ ନାଲକୋ ଫାଉଣ୍ଡେସନର କର୍ମକର୍ତ୍ତା ମାନେ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟଯେ, ନାଲକୋ ଏହାର ସିଏସଆର କାର୍ଯ୍ୟକ୍ରମ ଜରିଆରେ ପରିପାର୍ଶ୍ୱିକ ଗ୍ରାମ ମାନଙ୍କରେ ଥିବା ଯୁବକ-ଯୁବତୀ ମାନଙ୍କୁ ସ୍ୱାବଲମ୍ବି କରାଇବା ଦିଗରେ ଚାକିରୀ ଭିତ୍ତିକ ନିଶୁଳ୍କ ଟ୍ରେନିଂ ବ୍ୟବସ୍ଥା ଉପରୋକ୍ତ ଅନୁଷ୍ଠାନ ଠାରେ କରାଇଛି । ବର୍ତ୍ତମାନର ବ୍ୟାଚଙ୍କୁ ନିଜର ପ୍ରାଥମିକତା ଅନୁଯାୟୀ ତିନିଟି ଟ୍ରେନିଂ କୋର୍ସରେ ତିନି ମାସ ଧରି କର୍ମ-କ୍ଷେତ୍ର ଉପଯୋଗୀ ଟ୍ରେନିଂର ବ୍ୟବସ୍ଥା କରାଯାଇଛି। ଟ୍ରେନିଂ ସାରିବା ପରେ ବିଭିନ୍ନ ସମ୍ମାନସ୍ପଦ କମ୍ପାନୀ ମାନଙ୍କରେ ନିଶ୍ଚିତ-ଚାକିରୀର ବ୍ୟବସ୍ଥା ମଧ୍ୟ କରାଯାଇଛି । ଗତ ସପ୍ତାହରେ ଉକ୍ତ ଅନୁଷ୍ଠାନ ତରଫରୁ ଏକ ଅନଲାଇନ ଟେଷ୍ଟ କରାଇ ଏହି ଟ୍ରେନିଂ ବ୍ୟବସ୍ଥା ପାଇଁ ଯୁବକ-ଯୁବତୀଙ୍କୁ ଚୟନ କରଯାଇଥିଲା। ଏହି ପ୍ରୋଜେକ୍ଟ ସମ୍ବନ୍ଧୀୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟରେ ଏଜିଏମ (ପିଆର ଓ ସିଏସଆର) ସମୀର ମାଝିଙ୍କ ସହ ଶିବାନନ୍ଦ ସାହୁ, ପ୍ରଭାସ ସିଂହ ଓ ପ୍ରୀତମ ବିଶ୍ୱାଳ ଓ ଅନ୍ୟ ସମସ୍ତେ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଅନୁଗୋଳ, (ସବ୍ୟୁ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁଗୋଳ ତରଫରୁ ଶିଶୁଦିବସ ଅବସରରେ ୭ମ ଶ୍ରେଣୀରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଗୋଳ ଜିଲ୍ଲା ଅଦାଲତ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅନୁଗୋଳ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଅଦାଲତ (ପୋକସୋ), ଅନୁଗୋଳ ସୁଶ୍ରୀ ସୌମ୍ୟା ଶୁଭଦର୍ଶିନୀ, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ଅନୁଗୋଳ ଶ୍ରୀଯୁକ୍ତ ସୁକୁମାର ମହାପାତ୍ର, ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ, କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତା ମଧ୍ୟ ଅନୁଗୋଳ ଜିଲାର ସମସ୍ତ ତାଲୁକ ଆଇନସେବା କମିଟି ଯଥା ତାଳଚେର, ଆଠମଲିକ, ପାଲଲହଡା, ଛେଣ୍ଡିପଦା ଓ ବଁଅରପାଳରେ ଆୟୋଜନ କରାଯାଇଥିଲା।

# ଗ୍ରାମୀଣ ଡ଼ାକସେବା ସଂଘର ବୈଠକ

ତାଳଚେର, (ସବ୍ୟୁ): ଆଜି ତାଳଚେର ବ୍ଲକ ଅନ୍ତର୍ଗତ ହେଂସମୂଳ ଗ୍ରାମ ସ୍ଥିତ ହାଇସ୍କୁଲ ପଡ଼ିଆ ଠାରେ ଅଖିଳ ଭାରତୀୟ ଗ୍ରାମୀଣ ଡ଼ାକସେବକ ସଂଘ ଙ୍କୋନାଳ ମଣ୍ଡଳ ଉପଖଣ୍ଡ ସ୍ତରୀୟ ଜିଡ଼ିଏସ୍ କର୍ମଚାରୀ ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ହରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏବଂ ପ୍ରମୋଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଭାଗୀୟ କର୍ମଚାରୀ ସଂଘର ମଣ୍ଡଳ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ ମୁଖ୍ୟ ଅତିଥି ଏବଂ ବକ୍ତା ଭାବରେ ଉପସ୍ଥିତ ଥିଲେ । ଉକ୍ତ ସଭାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ମହେନ୍ଦ୍ର ପାଣି ଓ ପରମାନନ୍ଦ ବେହେରା ଅନ୍ୟତମ ବକ୍ତାଭାବରେ ଯୋଗଦେଇଥିଲେ । ଜିଡ଼ିଏସ୍ ମାନଙ୍କୁ ସମାନ କାମରେ ସମାନ ଦରମା, ପେନସନ୍, ଚାକିରୀ ସ୍ଥାୟୀତ୍ୱ ଏବଂ ଅନେକ ଗୁଡ଼ିଏ ଅସୁବିଧା ପୂରଣ ନକରାଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା ।

# ଲୁହାପଥର ଚୋରା ଚାଲାଣ ବେଳେ ଜେଲ ଗଲେ ଟ୍ରକ୍ ଡ୍ରାଇଭର ଓ ହେଲ୍ପର

ପାଲଲହଡା, (ସବ୍ୟୁ): ଗତକାଲି ଦିନବେଳେ ପାଲଲହଡା ପୋଲିସ ଏଏସଆଇ ଦୁଷ୍ମନ୍ତ କୁମାର ବାରିକ ସଦଳବଳେ ପେଟ୍ରୋଲିଙ୍ଗ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଏକ ସୋହଳ ଚକିଆ ଟ୍ରକରେ ଲୁହାପଥର ଗୁଣ୍ଡ ଚୋରା ଚାଲାଣ ହେଉଥିବାର ଜାଣିବାକୁ ପାଇ ଟ୍ରକଟିକୁ ଅଟକାଇ ଥିଲେ। ଟ୍ରକ୍‌ରେ ଲୁହା ପଥର ଗୁଣ୍ଡ ଲୋଡ଼ ହୋଇଥିଲେ ମଧ୍ୟ ଏଥିରେ ଆବଶ୍ୟକୀୟ କାଗଜପତ୍ର ନଥିବାର ଜାଣିବାକୁ ପାଇଥିଲେ । ଟ୍ରକ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଶିକାକୁଲମ ଜିଲ୍ଲାର ପୋଲାକି ଥାନା ପ୍ରିୟଗ୍ରହରାମର ସ୍ୱର୍ଗତ ଥଥା ରାଓଙ୍କ ପୁଅ ମାଦଡୁ ଗଣେଷ ରାଓ ଏବଂ ହେଲ୍ପର ସେହି ଶିକାକୁଲମ ଜିଲ୍ଲା ପୋଲାକି ଥାନା ଅନ୍ତର୍ଗତ ଗୋଲ୍ଲାଲାବଲସା ଗାଁର ରାଜ୍ୟୟାଙ୍କ ପୁଅ ଥୋଟାଡା ରାମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଚୋରା ଲୁହା ପଥର ଗୁଣ୍ଡ ଲୋଡ଼ ହୋଇଥିବା ୧୬ ଚକିଆ ଟ୍ରକକୁ ମଧ୍ୟ ଜବତ କରାଯାଇଛି । ଜେରା ସମୟରେ ଗିରଫ ଡ୍ରାଇଭର ମାଦଡୁ ଗଣେଷ ରାଓ ପାଲଲହଡା ପୋଲିସ୍ ଆଗରେ ବାରକୋଟ ପୁରୁଣାପାଣି ଗାଁରେ ନିପୁରସିଂ ଟ୍ରାନ୍ସପୋର୍ଟ ଲୁହାପଥର ଗୁଣ୍ଡ କ୍ରସର କରିଥିବା କ୍ରସର ମାଲିକ ରାମଜୀ ରାମୁ ଉକ୍ତ ଗାଡି ମାଲିକ ଦନ୍ତା ହରିବାବୁ ସହିତ ମିଶିକି ଏହି ବେଆଇନ ଲୁହା ପଥର ଗୁଣ୍ଡ ଲୋଡ଼ କରି ଚୋରା ଚାଲାଣ କରୁଥିବାର ଏକ ରାକେଟ କାମ କରୁଥିବାର ଜଣାପଡ଼ିଛି ।

# ଦୁଇ ଦେଶୀ ବନ୍ଧୁକ ଜବତ ଆସାମୀ କୋର୍ଟଚାଲାଣ

ପାଲଲହଡା, (ସବ୍ୟୁ): ପାଲଲହଡା ଥାନା ଅନ୍ତର୍ଗତ ପେଚାମୁଣ୍ଡି ପଂଚାୟତର ପେଚାମୁଣ୍ଡି ଗାଁରେ ଚଢ଼ାଉ କରି ଆଜି ପାଲଲହଡା ପୋଲିସ ଦୁଇଟି ଦେଶୀ ବନ୍ଧୁକ ଜବତ କରିବା ସହିତ ବେଆଇନ ବନ୍ଧୁକ ରଖିଥିବା ଅଭିଯୋଗରେ ଘର ମାଲିକ କୁଳମଣୀ ପଲେଇ (୪୧)କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରାପ୍ତ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଆଜି ପାଲଲହଡା ପୋଲିସ ଏଏସ ଆଇ ପ୍ରଦୀପ ପଟ୍ଟନାୟକ ପେଟ୍ରୋଲିଙ୍ଗ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ପେଚାମୁଣ୍ଡି ଗାଁ ରେ ଚଢ଼ାଉ କରି ସେହି ଗାଁର କୁଳମଣି ପଲେଇଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ ରଖିଥିବାର ଜାଣିବାକୁ ପାଇଥିଲା । ଫଳରେ କୁଳମଣୀକୁ ପାଲଲହଡା ଥାନା କେଶ ନମ୍ବର ୪୩୯ରେ ଅର୍ମସ ଆକ୍ଟ ୨୫(୧)(ଏ )/୨୫(୧-ଇ)(ଏ ) ବଳରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା




ଆଠମଲ୍ଲିକ, (ସବ୍ୟୁ): ତାଲୁକ ଆଇନ ସେବା କମିଟି ଆଠମଲ୍ଲିକ ତରଫରୁ ନ୍ୟାୟାଳୟ ପରିସରରେ ହାଇସ୍କୁଲ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତା ସରିସାରିଲା ପରେ ନ୍ୟାୟାଳୟ ପରିସରରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜନ କୁମାର ସୁତାର ଯୋଗ ଦେଇ ଲିଗାଲ ଏଡ଼ ସର୍ଭିସ ତରଫରୁ କିପରି ଭାବରେ ଗରିବ, ଶିଶୁ ଓ ମହିଳାଙ୍କୁ ମାଗଣାରେ ନ୍ୟାୟ ସେବା ଯୋଗାଇ ଦିଆଯାଉଛି ତାହା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ସବଜଜ ଲିଙ୍କିପ୍ରିୟା ସାହୁ, ଏସଡ଼ିଜେଏମ ସିଙ୍କୁନ ରଏ ମଞ୍ଚାସିନ ଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ ଅମିତ କୁମାର ନାଏକ, ସିଦ୍ଧାର୍ଥ ମହାନ୍ତି, ଦିପ୍ତୀରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ରାସୋଳ, (ସବ୍ୟୁ): ହିନ୍ଦୋଳ ବନାଞ୍ଚଳ ଠେଙ୍ଗା ଗ୍ରାମରେ ଆଜି ସକାଳ ସମୟରେ ଶୌଚ ହୋଇ ଫେରୁଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ ଯୁବକ। ଗୁରୁତର ଯୁବକ ହେଲେ ଠେଙ୍ଗା ଗ୍ରାମର ବସନ୍ତ ବେହେରା ୪୦ ବର୍ଷ । ସୂଚନା ଅନୁଯାୟୀ ବସନ୍ତ ଶୌଚ ହେବାକୁ ଗାଁ ମୁଣ୍ଡ ପୋଖରୀକୁ ଯାଇଥିଲେ। ଫେରିବା ସମୟରେ ହାତୀ ସହ ମୁହାଁମୁହିଁ ହୋଇଥିଲେ । ବସନ୍ତକୁ ହାତୀ ଶୁଣ୍ଢରେ ଫୋଫାଡ଼ି ଦେଇଥିଲା । ଖବରପାଇ ବନବିଭାଗ କର୍ମଚାରୀ ତାଙ୍କୁ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି ।

# ଜାତୀୟ ସଂହତି, ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା

ଅନୁଗୋଳ, (ସବ୍ୟୁ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଅନୁଗୋଳ ଷ୍ଟାଡିୟମ ଠାରୁ ଏକତା ପଦଯାତ୍ରା ବାହାରିଥିଲା। ଭାରତୀୟ ଏକତା ଓ ଅଖଣ୍ଡତାର ପୁରୋଧା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ଏବଂ ଓଡିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଯୋଗ ଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କିପରି ଗଡଜାତ ରାଜ୍ୟଗୁଡିକୁ ଭାରତ ସହିତ ମିଶ୍ରଣ କରିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଆଜିର ଯୁବ ପିଢି ସର୍ଦ୍ଦାର ପଟେଲଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢି ତୋଳିବା ପାଇଁ ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ବିଧାୟକ ଅଶୋକ ମହାନ୍ତି, କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା । ବନ୍ଦେ ମାତରମ୍, ଭାରତ ମାତା କି ଜୟ, ଜାତୀୟ ଏକତା ଜିନ୍ଦାବାଦ ନାରା ସହ 'ଏକତା ପଦଯାତ୍ରା । ଅନୁଗୋଳ ଷ୍ଟାଡିୟମ ଠାରୁ ବାହାରି ଥାନା ଛକ, ରାଜା ଛକ, ବଜାର ଛକ, ହରି ମହୁରୀ ଛକ ଦେଇ ଅନୁଗୋଳ ଷ୍ଟାଡିୟମ ଠାରେ ପହଞ୍ଚିଥିଲା । ପଦଯାତ୍ରାରେ ପାଇକ ଆଖଡା, ବିଭିନ୍ନ ସାଂସ୍କୃତିକ ଦଳ ରଣ କୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ପଦଯାତ୍ରାରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ପୂର୍ବତନ ସାମରିକ ବାହିନୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନବକୃଷ୍ଣ ଚୌଧୁରୀଙ୍କ ଜିଲ୍ଲାସ୍ତରୀୟ ୧୨୪ ତମ ଜୟନ୍ତୀ



ଅନୁଗୁଳ, (ସବ୍ୟୁ): ବାଜି ରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ ଓ ଅନୁଗୁଳ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ଜୟନ୍ତୀ ଉତ୍ସବ ବାଜିରାଉତ ଛାତ୍ରାବାସ ଠାରେ ପାଳିତ ହୋଇଯାଇଛି। ଅନୁଗୁଳ ଜିଲ୍ଲାପାଳ ଅବଦାଲ ଏମ ଅଖତର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରାବାସର ଉପସଭାନେତ୍ରୀ ଡ଼. ଇନ୍ଦିରା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉଦଘାଟକ ଭାବରେ ଯୋଗ ଦେଇ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା କଳା ବିକାଶ କେନ୍ଦ୍ରର ସଭାପତି ଡ଼ ବିଜୟାନନ୍ଦ ସିଂହ କହିଲେ ଯେ, ଓଡ଼ିଆ ଜନମାନସରେ ଆଜିବି ବଂଚି ରହିଛନ୍ତି ନବକୃଷ୍ଣ । ଯେ ଅନ୍ୟର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୁଏ, ସେ ହିଁ ମଣିଷ ଭାବରେ ଗଣା ହୁଏ । ନବକୃଷ୍ଣ ବାସ୍ତବରେ ସେହିଭଳି ଜଣେ ମଣିଷ ଥିଲେ। ରାଜ୍ୟରେ ଅନେକ ମୁଖ୍ୟମନ୍ତ୍ରୀ ଥିଲେ ଓ ଅଛନ୍ତି । ହେଲେ ନିଜ ଜାତିର ମଙ୍ଗଳ ନିମନ୍ତେ ସ୍ୱାଧୀନତା ପୂର୍ବରୁ ଚାରିଥର ଓ ସ୍ୱାଧୀନତା ପରେ ଥରେ କାରାବରଣ କରିଥିବା ନବକୃଷ୍ଣ ବାସ୍ତବରେ ଅନନ୍ୟ। ଓଡ଼ିଶାରେ ଓଡ଼ିଆ ଭାଷାର ଶାସନ ପାଇଁ ସେ ଆମ ସମାଜରେ ସବୁଦିନ ବଞ୍ଚି ରହିଥିବେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନୁଗୁଳ ଜିଲ୍ଲାପାଳ ଅବଦାଲ ଏମ ଅଖତର ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଯେ, ବାସ୍ତବରେ ନବବାବୁ ଜଣେ ମାନବତାବାଦୀ ଓ ଗାନ୍ଧିବାଦୀ ହିଁ ଥିଲେ। ଆଜି ସମଗ୍ର ବିଶ୍ୱ ଉପଭୋକ୍ତାବାଦର କବଳିତ ହୋଇପଡିଥିବା ବେଳେ ନବକୃଷ୍ଣଙ୍କ ସମଗ୍ର ଜୀବନ ତ୍ୟାଗ ଓ ବଳିଦାନର ଥିଲା । ମୁଖ୍ୟବକ୍ତା ଭାବରେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ କହିଲେ ଯେ, ଗୁଣରୁ ରୂପ ତିଆରି ହୁଏ, ନବକୃଷ୍ଣ ହେଉଛନ୍ତି ଏହାର ବଳିଷ୍ଠ ଉଦାହରଣ। ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଡାକ୍ତର ବିଶ୍ୱଜିତ ଏହି ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରାବାସର ସମ୍ପାଦକ ଇଂ ଧନେଶ୍ୱର ସାହୁ ଭାଷଣ ପ୍ରଦାନ କରିଥିଲେ। ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କର ସୁକନ୍ୟା କୃଷ୍ଣା ମହାନ୍ତି ଚରଖାରେ ସୂତା କାଟି ପିତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ଡ଼ ଚୈତନ୍ୟ ସାହୁଙ୍କ ଯୁଗସ୍ରଷ୍ଟା ମଧୁସୂଦନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ନବକୃଷ୍ଣ ଜୟନ୍ତୀ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ନାଥ, ଆନନ୍ଦ ଚନ୍ଦ୍ର ମହାପାତ୍ର, ଆଦ୍ୟଶ୍ଳୋକ ମିଶ୍ର, ଡ଼ ବିକ୍ରମ କେଶରୀ ଦାଶ, ଅକ୍ଷୟ ପଟ୍ଟନାୟକ, ଡ଼ କୁଳମଣି ନାୟକ, ଶିବରାମ ମିଶ୍ର, ଲିପିକା ମହାପାତ୍ର, ସୁଜାତା ପ୍ରୀତିନନ୍ଦା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ସ୍ଥାନୀୟ ସଭାଘର ଠାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମହାନ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବାଜିରାଉତ ଛାତ୍ରାବାସ ର ଅନ୍ତେବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଘର ଭିତରକୁ ପଶିଗଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଦମ୍ପତି



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ ର ବାଙ୍ଗୁରା ଛକ ନିକଟରେ ଭାରସାମ୍ୟ ହରାଇ ଘର ଭିତରକୁ ଦଶଚକିଆ ଟ୍ରକପଶିଯାଇଥିବା ବେଳେ ଘରେରହୁଥିବା ବୃଦ୍ଧ ଦମ୍ପତି ଅଳ୍ପକେ ରକ୍ଷାପାଇଯାଇଛନ୍ତି। ସୂଚନା ଅନୁସାରେ ଏକ ଦଶଚକିଆ ଟ୍ରକ କାମାକ୍ଷାନଗରରୁ ତାଳଚେର ଆଡେ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ବାଙ୍ଗୁରା ଛକ ନିକଟରେ ଜାତୀୟରାଜପଥ ପାର୍ଶ୍ୱରେ ଥିବା ଏକ ଘରେ ପଶିଯାଇଥିଲା । ସୌଭାଗ୍ୟବଶତଃ ସେହି ଘରେ ରହୁଥିବା ବୃଦ୍ଧ ଦମ୍ପତ୍ତି ଦୁର୍ଘଟଣା ସମୟରେ ଘରେ ନଥିବା ଯୋଗୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ସ୍ଥାନୀୟ ଗ୍ରାମବାସୀ ମାନେ ପହଂଚିବା ପୂର୍ବରୁ ଡ୍ରାଇଭର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ତେବେ ବୃଦ୍ଧଦମ୍ପତ୍ତ ଙ୍କ ଘର ଭାଙ୍ଗିଯାଇଥିବା କାରଣରୁ ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ବନ୍ଦ ରହିଥିଲା । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳକୁ ଯାଇ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିବା ବେଳେ ପୋଲିସ ଟ୍ରକକୁ ଜବତ କରିଛି ।

# ସ୍ୱାମୀ ମାଡରେ ସ୍ତ୍ରୀ ମୃତ : ଅଭିଯୁକ୍ତ ଗିରଫ




ମୋରଡା , (ସବ୍ୟୁ): ଶନିବାର ବିଳମ୍ବିତ ରାତିରେ ନିଶାସକ୍ତ ସ୍ୱାମୀ ମାଡରେ ସ୍ତ୍ରୀର ମୃତ୍ୟୁ ହୋଇଛଇ । ଫଳରେ ନାଥ ହୋଇଗଲେ ଦୁଇ ଝିଅ ଏବଂ ନାବାଳକ ସନ୍ତାନ । ଏଭଳି ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ପାଞ୍ଚଗୁଛିଆ ଗ୍ରାମରେ ।।ପାଞ୍ଚଗୁଛିଆ ଗ୍ରାମର ଶଙ୍କର୍ଷଣ ଧଣିକ ଶନିବାର ବିଳମ୍ବିତ ରାତିରେ ମଦପିଇ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିବା ପରେ ସ୍ତ୍ରୀ ରଇବାରୀ ଧଣିକ ସହିତ କୌଣସି କଥାକୁନେଇ ଯୁକ୍ତିତର୍କ ହୋଇଥିଲା । ଯୁକ୍ତିତର୍କ ବଢିବାରୁ ଶଙ୍କର୍ଷଣ କ୍ରୋଧର ବଶବର୍ତ୍ତୀ ହୋଇ ଏକ ବାଉଁଶ ବାଡିରେ ସ୍ତ୍ରୀ ରଇବାରୀକୁ ମୁଣ୍ଡ ଓ ଦେହରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲା । ତେବେ ବାପାର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଘରେ ଥିବା ନାବଳକ ପୁଅ ଭୟଭୀତ ଅବସ୍ଥାରେ ଥିଲା । ସକାଳୁ ପୋଡଶୀ ଲୋକେ ଖବରପାଇ ପୋଲିସକୁ ଖବର ଦେଇଥିଲେ । ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ହତ୍ୟାକାରୀ ସ୍ୱାମୀ ଶଙ୍କର୍ଷଣ ଧଣିକକୁ ଗିରଫ କରିବା ସଙ୍ଗେ ସଙ୍ଗେ ମାଡ ମାରିଥିବା ବାଉଁଶ ବାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାର ଅଧିକ ତଦନ୍ତ ପାଇଁ ଫରେନସିକ ଟିମର ସହାୟତା ନେଇଥିବା ଦେଖିବାକୁ ମିଳିଛି। ପରେ ପୋଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇ ଜବତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ପଠାଇଥିବା ଜଣାପଡିଛି। ତେବେ ହତ୍ୟାକାରୀ ଶଙ୍କର୍ଷଣ ଏବଂ ମୃତା ରଇବାରୀଙ୍କ ଦୁଇ ଝିଅ ସହିତ ଗୋଟିଏ ନାବାଳକ ପୁଅ ଥିବା ଜଣାପଡିଛି ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହତ୍ୟା ଧମକ ଅଭିଯୋଗର ତଦନ୍ତ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ କାର୍ଯ୍ୟରତ ଜନୈକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ମାରପିଟ ଓ ହତ୍ୟା ଧମକ ଅଭିଯୋଗରେ ବେତନଟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।ଏତଲାକାରୀ ରାସଗୋବିନ୍ଦପୁର ଥାନା ଚିଞ୍ଚଳଗଡିଆ ଉପକଣ୍ଠ ନାକିଟୁଆ ଗ୍ରାମର ଦେବେନ୍ଦ୍ରନାଥ ଦେଙ୍କ ପୁଅ ରଜନୀ କୁମାର ଦେଙ୍କ ଅଭିଯୋଗ ମୁତାବକ ସେ ବେତନଟାବ୍ଲକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ବ୍ଲକଅଫିସ ପକ୍ଷରୁ ତାଙ୍କୁ ପରିନ୍ଦ ଗ୍ରାମପଞ୍ଚାୟତର ଦାୟୀତ୍ୱ ପ୍ରଦାନ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୦ଟା ପାଖାପାଖି ସମୟରେ ରଜନୀ କୁମାର ଦେ ପୁରିନ୍ଦା ଯାଇ ପଞ୍ଚାୟତ ଅଫିସରେ କାର୍ଯ୍ୟରତ ପିଅନଙ୍କ ଘରୁ ଅଫିସ ଚାବିକାଠି ନେଇ ଫେରୁଥିବା ବେଳେ ରାସ୍ତାରେ ଦୁଇଜଣ ଅଟକାଇ ରାସନକାର୍ଡ ଆବେଦନକୁ କେନ୍ଦ୍ରକରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ ଓଁ ରଜନୀ କୁମାର ଦେ ମୋବାଇଲ କାଢି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ଚେଷ୍ଟା କରୁଥିବା ବେଳେ ହତ୍ୟା ଧମକ ଦେବା ସହିତ ଆକ୍ରମଣ ମଧ୍ୟ କରିଥିଲେ ଏନେଇ ରଜନୀ କୁମାର ଦେଙ୍କ ଏତଲାକ୍ରମେ ବେତନଟୀ ପୁଲିସ ୪୧୫ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

## ରାଜ୍ୟ ଗୋଖା ମହାସଂଘର ଜିଲ୍ଲାସ୍ତରୀୟ ବୈଠକ

ତିହିଡି,(ସବ୍ୟୁ): ରାଜ୍ୟ ଗୋଖା ମହାସଂଘର ଜିଲ୍ଲାସ୍ତରୀୟ ବୈଠକ ତିହିଡି ବାରୁଣୀପୋଖରୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହାସଂଘର ଜିଲ୍ଲା ସଭାପତି ଅଜୟ ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ନେତୃତ୍ୱ ନେଉଥିବା ଅଭୟ କୁମାର ମଲ୍ଲିକ, ଶୁକଦେବ ମଲ୍ଲିକ, ଗଣେଶ କୁମାର ମଲ୍ଲିକ, ପ୍ରତାପ ଦାସ, ଖୋକେନ ଦାସ, ବିଦ୍ୟାଧର ଦାସ, ତାପସ ଦାସ ଓ ସାଗର ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ମହାସଂଘର ସାଙ୍ଗଠନିକ ଅଭିବୃଦ୍ଧି ନେଇ ଆଲୋଚନା ହେବା ସହ ମହାସଂଘର କର୍ମୀମାନେ ପରସ୍ପର ଭିତରେ ସବୁ ହୀନମନ୍ୟତାକୁ ଭୁଲି ଏକତା ଓ ଭାତୃଭାବରେ ଆବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା । ସେହିପରି ଶିକ୍ଷା, ଚାକିରୀ ଓ ବ୍ୟବସାୟ ବାଣିଜ୍ୟ ଆଦି କ୍ଷେତ୍ରରେ ଗୋଖା ସଂପ୍ରଦାୟର ଯୁବକ ମାନେ ଯେପରି ଆଗକୁ ବଢିବେ ତଥା ଆତ୍ମନିର୍ଭର ହୋଇପାରିବେ ସେଥିନେଇ ବୈଠକରେ ଆଲୋଚନା ହୋଇଥିଲା । ଶେଷରେ ସବୁଠି ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ସହିତ ପରସ୍ପର ସହିତ ଶାନ୍ତି ଓ ସଦଭାବନା ପ୍ରତିଷ୍ଠା କରିବାକୁ ଆହ୍ୱାନ ଦିଆଯାଇ ବୈଠକ ସମାପିତ ହୋଇଥିଲା।

## ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ବାଜିରାଉତ ଜନ୍ମ ଶତବାର୍ଷିକୀ ଉତ୍ସବ

ବାଲେଶ୍ୱର,(ସବ୍ୟୁ) : ଏଫଏମବିଶ୍ୱବିଦ୍ୟାଳୟର ଫକୀରମୋହନ ସାହିତ୍ୟଘର ଦ୍ୱାରା ସାହିତ୍ୟ ଓ ଇତିହାସରେ ବାଜିରାଉତଙ୍କ ଅମର ଅବଦାନକୁ ଉଦ୍‌ବୋଧିତ କରି ବାଜିରାଉତ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାଯ୍ୟକ୍ରମର ଅଧ୍ୟକ୍ଷତା କରି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ ବାଜିରାଉତଙ୍କ ତ୍ୟାଗ ଓ ବୀରତା ଉପରେ ଆଲୋଚନା ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏହାର ସଠିକ ଅବଗତି ପ୍ରଦାନ ପାଇଁ ଏପରି ଚର୍ଚ୍ଚା ଓ ଆୟୋଜନ ଅତ୍ୟନ୍ତ ଉପଯୁକ୍ତ ବୋଲି ଉଲ୍ଲେଖ କରିଥିଲେ।ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ବ୍ରଜମୋହନ ମିଶ୍ର, ବାଜିରାଉତଙ୍କ ମାତୃଭୂମି ପ୍ରେମରେ ଉଦବୁଦ୍ଧ ଅଭିକଳ୍ପନୀୟ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ପ୍ରସିଦ୍ଧ ସାହିତ୍ୟିକ ଓ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ବାଜିରାଉତଙ୍କ ଇତିହାସ ଓ ସାହିତ୍ୟର ସଂଧିସ୍ଥଳରେ ଦୃଢ଼ ଭାବେ ଠିଆ ଥିବା ବ୍ୟକ୍ତିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନ କରିଥିଲେ ତଥା ଡ଼କ୍ଟର ପ୍ରହଲ୍ଲାଦ ଖିଲ, ସହାୟକ ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ସମସ୍ତ ଅତିଥି, ଅଂଶଗ୍ରାହୀ ଓ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଟାଟା ଷ୍ଟିଲ ଯୋଡ଼ା ରନ-ଏ-ଥନର ଦ୍ୱିତୀୟ ସଂସ୍କରଣ

# ଦୌଡ଼ିଲେ ୪,୬୦୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ : ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ

କେନ୍ଦୁଝର /ଯୋଡ଼ା ,(ଜିପ୍ର/ସବ୍ୟୁ): ଟାଟା ଷ୍ଟିଲ ପକ୍ଷରୁ ଯୋଡ଼ା ରନ-ଏ-ଥନ ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ରୀୟ ଖେଳପଡ଼ିଆ ଠାରେ ରବିବାର ଆୟୋଜିତ ଏହି ଗଣଦୌଡ଼ରେ ଭାଗ ନେଇଥିଲେ ପ୍ରାୟ ୪,୬୦୦ ରୁ ଊର୍ଦ୍ଧ୍ୱ ଧାବକଧାବିକା। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ କୁମାର ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି. ଡି. ହନୁମନ୍ତ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, କୋଇଡା ତହସିଲଦାର ନିର୍ମଳ ବିଶାଳ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଓ ସୁରଭି ଭଟ୍ଟନାଗର ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ୧୦କିମି ପୁରୁଷ ଓ ମହିଳା ବର୍ଗରେ ଉତ୍ତର ପ୍ରଦେଶର ପ୍ରଶାନ୍ତ ଚୌଧୁରୀ ଓ ଝାଡ଼ଖଣ୍ଡର ବାସନ୍ତୀ କୁମାରୀ ଯଥାକ୍ରମେ ବିଜୟୀ ହୋଇଥିବା ବେଳେ ଉତ୍ତର ପ୍ରଦେଶର ଧୀରଜ କୁମାର ଓ ଓଡ଼ିଶାର ବାସନ୍ତୀ ମାଣ୍ଡିଆ ୭କିମି ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ ବିଜୟୀ ହୋଇଛନ୍ତି। ସେହିପରି ୫କିମି ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ ଝାଡ଼ଖଣ୍ଡର ଉଦୟ ମେଲଗାଣ୍ଡୀ ଓ ଓଡ଼ିଶାର ମମତା କୁମାରୀ ବିଜୟୀ ହୋଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ କୁମାର ସାହୁ କହିଛନ୍ତି ଯେ, ଏହି ରନ-ଏ-ଥନ ଆୟୋଜନ କରିଥିବାରୁ ଯୋଡ଼ା ପୌରପାଳିକା ତରଫରୁ ମୁଁ ଟାଟା ଷ୍ଟିଲକୁ ଧନ୍ୟବାଦ ଦେଉଛି। କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି ଡି ହନୁମନ୍ତ ଏପରି କାର୍ଯ୍ୟକ୍ରମରେ ଭାଗନେଇ ମୁଁ ବହୁତ ଖୁସି ବୋଲି କହିଥିଲେ। ଏହି ଅବସରରେ ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଁ ସ୍ଥାନୀୟ ପ୍ରଶାସନ, ଯୋଡ଼ା ପୌରପାଳିକା ଓ ଯୋଡ଼ାବାସୀଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ମୁଖ୍ୟତଃ ତିନୋଟି ବର୍ଗରେ (୧୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୧୦କିମି ଓ ୭କିମି ଏବଂ ୧୬ବର୍ଷରୁ କମ ବୟସ ଲୋକଙ୍କ ପାଇଁ ୫କିମି) ଏହି ଦୌଡ଼ ଆୟୋଜନ କରାଯାଇଥିଲା।। ଏଥିସହ ଦିବ୍ୟାଙ୍ଗଜନଙ୍କ ପାଇଁ ୨କିମି ର ଏକ ସ୍ୱତନ୍ତ୍ର ଦୌଡ଼ ର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ଅଞ୍ଚଳର ୮୪ ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ। ସମସ୍ତ ବର୍ଗ ପାଇଁ ସର୍ବମୋଟ ୫ ଲକ୍ଷ ୬୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଯୋଡ଼ା ଟାଉନସିପରୁ ବାହାରୁ ଥିବା ଶୁଖିଲା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରାଯାଇ ପୁନର୍ବ୍ୟବହାର ଯୋଗ୍ୟ ଉତ୍ପାଦ ଗୁଡ଼ିକର ଏକ ପ୍ରଦର୍ଶନୀ କରାଯାଇଥିଲା।। ଦୌଡ଼ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଜାମସେଦପୁର ରୁ ରାଇଡ ୱିଥ ପ୍ରାଇଡ ନାମକ ଏକ ସୁପର୍ ବାଇକର ଗ୍ରୁପ ହାର୍ଲେ ଡେଭିଡସନ, ଡୁକାଟି ଓ ବିଏମଡବ୍ଲୁ ପରି ବାଇକ ଧରି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଓ ବିନିତା ସିଂହ, ଓ ଏମ କ୍ୟୁ ମୁଖ୍ୟ ମେଡିକାଲ ଅଫିସର ଧୀରେନ୍ଦ୍ର କୁମାର ଓ ବୀଣା କୁମାରୀ, ନୁଆମୁଣ୍ଡି ମୁଖ୍ୟ ଡି. ବିଜୟେନ୍ଦ୍ର, ଓ ଏମ କ୍ୟୁ ପ୍ଲାନିଂ ଓ ପ୍ରୋଜେକ୍ଟ ମୁଖ୍ୟ ଅବନିଶ କୁମାର, କଳମଙ୍ଗ ଓ ଗନ୍ଧଲପଦ ପ୍ରୋଜେକ୍ଟ ମୁଖ୍ୟ ଦୀପକ ବେହେରା, ଏନ ଆଇ ଏନ ଏଲ ଖଣି ମୁଖ୍ୟ ରାହୁଲ କିଶୋର, ଏଫ ଏ ଏମ ଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଓ ଏମ କ୍ୟୁ ଇଞ୍ଜିନିୟରିଂ ସର୍ଭିସେସ ଓ ପ୍ରୋଜେକ୍ଟ ମୁଖ୍ୟ ନାରାୟଣ ଶର୍ମା ଏବଂ କ୍ରିଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଉପସ୍ଥିତ ଥିଲେ।




## ଏଫଏମ ବିଶ୍ୱବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ସପ୍ତାହ ପାଳନ

ବାଲେଶ୍ୱର,(ସବ୍ୟୁ): -ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜନଜାତିୟ ଗୌରବ ଦିବସ ସପ୍ତାହ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନ୍ଥୋପୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଭାରତର ଜନଜାତି ସମୁଦାୟମାନଙ୍କ ସାମ୍ପ୍ରଦାୟିକ ଐତିହ୍ୟ, ପରିଚୟ ଓ ଐତିହାସିକ ଅବଦାନକୁ ସ୍ମରଣ କରିଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଧ୍ୟକ୍ଷୀୟ ଉଦ୍‌ବୋଧନରେ ଭଗବାନ ବିର୍ସାମୁଣ୍ଡାଙ୍କୁ ସମ୍ମାନ ଜଣାଇ କହିଲେ ଯେ, ଭାରତର ଜନଜାତି ମୁକ୍ତିଆନ୍ଦୋଳନରେ ତାଙ୍କ ଅପୂର୍ବ ଅବଦାନ ଆଜି ମଧ୍ୟ ଦେଶର ଅସଂଖ୍ୟ ଲୋକଙ୍କୁ ପ୍ରେରିତ କରେ ବୋଲି କହିଥିଲେ । ଡ଼କ୍ଟର ବସନ୍ତ କୁମାର ମହାନ୍ତ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଭଗବାନ ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଘଟିଥିବା ବିଭିନ୍ନ ବିରୋଧ ଆନ୍ଦୋଳନକୁ ଉଲ୍ଲେଖ କରି କହିଥିଲେ ଯେ, ସେଗୁଡିକ କେବଳ ଐତିହାସିକ ଘଟଣା ନୁହେଁ ସମକାଳୀନ ଭାରତର ଜନଜାତି ସମୁଦାୟମାନଙ୍କ ସମସ୍ୟାଗୁଡିକୁ ବୁଝିବାର ଏକ ମହତ୍ୱପୂର୍ଣ୍ଣ ପରିପ୍ରେକ୍ଷ୍ୟ। ଡ଼କ୍ଟର ବିଭୁ କଲ୍ୟାଣ ମହାନ୍ତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।ମୁଖ୍ୟବକ୍ତା ଭାବେ ପ୍ରଫେସର କାହ୍ନୁଚରଣ ଶତପଥୀ, (ଉତ୍କଳ ବିଶ୍ୱବିଦ୍ୟାଳୟ), ଯୋଗଦେଇ-ଭାରତର ମୁକ୍ତିଆନ୍ଦୋଳନରେ ବିର୍ସାମୁଣ୍ଡାଙ୍କ ବିପ୍ଳବୀୟ ଅବଦାନ ସଂପର୍କରେ ଉପସ୍ଥାପନ କରିବା ସହ ମୁଖ୍ୟ ଧାରା ଶିକ୍ଷା ଓ ଗବେଷଣାରେ ଜନଜାତି ଦୃଷ୍ଟିଭଙ୍ଗୀ ଓ ସୂକ୍ଷ୍ମଜ୍ଞାନକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତାକୁ ଉଦ୍‌ବୋଧନ କରିଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଉଦବୋଧନ ବିଭାଗ ସଂଯୋଜକ ଡ଼କ୍ଟର ସଚିତା ନନ୍ଦ ସା ପ୍ରଦାନ କରି, ଜନଜାତିୟ ଗୌରବ ଦିବସର ଗୁରୁତ୍ୱ ଓ ଭଗବାନ ବିର୍ସାମୁଣ୍ଡାଙ୍କ ଶାଶ୍ୱତ ଐତିହ୍ୟବିଷୟରେ ଆଲୋକ ପାତ କରିଥିଲେ। କାର୍ଯ୍ୟକ୍ରମଟି ସହାୟକ ପ୍ରଫେସର ଡ଼କ୍ଟର ବିଶ୍ୱଜିତ ପରିଡାଙ୍କ ସଂଚାଳନାରେ ହୋଇଥିଲା ଏବଂ ସହାୟକ ପ୍ରଫେସର ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଯୁବକ ନିଖୋଜ : ୭ ଦିନ ପରେ ବି ମିଳୁନି ପତ୍ତା

ଜଳେଶ୍ୱର,(ସବ୍ୟୁ):ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଗୁଆଗଡ଼ିଆ ନିକଟରେ ସୁବର୍ଣ୍ଣରେଖା ନଦୀ ପାର ହେଉଥିବା ବେଳେ ଖୁଦିଆମାଝୀ ସାହିର ସୁରେଶ ମାରାଣ୍ଡି (୪୧) ଚୋରା ବାଲିରେ ଫସି ନିଖୋଜ ହୋଇଯାଇଛନ୍ତି। ଘଟଣାନୁଯାୟୀ ନଦୀରେ ଅଳ୍ପ ପାଣି ଥିବାରୁ ସୁରେଶ ଏକ ସାଇକେଲ ଧରି ନଦୀ ପାର ହେଉଥିବା ସମୟରେ ଭୋଡ଼ା ବାଲିରେ ପଡ଼ିଯାଇଥିଲେ। ଏବେ ସେ ନିଖୋଜ । ପରିବାର ପକ୍ଷରୁ ଏଥିନେଇ ରାଇବଣିଆ ଥାନାରେ ଅଭିଯୋଗ କରାଯାଇଛି । ଅଗ୍ନିଶମ ବିଭାଗ, ଓସଡମା ପକ୍ଷରୁ ଖୋଜାଖୋଜି ହୋଇଥିଲେ ମଧ୍ୟ ପତ୍ତା ମିଳିନାହିଁ । ସେହିପରି ଗତ ୧୭ ତାରିଖ କଳେଶ୍ୱର ଥାନା ଶିଖରପୁର ପଂଚାୟତ ରାଜନଗର ଗ୍ରାମର ଚିତ୍ତରଂଜନ ବେହେରା (୭୩) ଗ୍ରାମ ନିକଟ ନଦୀକୂଳକୁ ଶୌଚ ପାଇଁ ଯାଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ତେବେ ୨ ଦିନ ପରେ ରାଜଘାଟ ନିକଟସ୍ଥ ବରହମପୁରା ଗ୍ରାମ ନିକଟ ନଦୀରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି ଚୋରା ବାଲି ଯୋଗୁଁ ତାଙ୍କର ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ପାଳନ

ଧାମନଗର,(ସବ୍ୟୁ): ଧାମନଗର ମହତାବ ସେବାସଦନ ପରିସରରେ ନବ ଉତ୍କଳର ନିର୍ମାତା,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ପାଳନ ହୋଇଯାଇଛି। ଭଦ୍ରକ ଜିଲ୍ଲାର ଗର୍ବ ଗୌରବ ଡକ୍ଟର ମହତାବ ଓଡ଼ିଶା ରାଜନୀତିର ଚାଣକ୍ୟ ଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ଏବଂ ନୂତନ ଓଡ଼ିଶା ଗଠନରେ ତାଙ୍କର ଭୂମିକାକୁ ଓଡ଼ିଆ ଜାତି ଭୁଲିପାରିବନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ଅପରାହ୍ନରେ ମହତାବ ସେବାସଦନ ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ,ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର,ଧାମନଗର ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ,ବରିଷ୍ଠ ଆଇନଜୀବୀ ଶସିଭୂଷଣ ପଣ୍ଡା,ଦେବାଶିଷ ସାମଲ,ଅମରେନ୍ଦ୍ର ମହାନ୍ତି,ରମେଶ ଚନ୍ଦ୍ର ବେହେରା,କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ,ସଞ୍ଜୟ କୁମାର ମିଶ୍ର,ବିଦ୍ୟାଧର ଯେନା,କଳାକାର ସଂଘର ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ,ଶିକ୍ଷାବିତ ହୃଦାନନ୍ଦ କର,ମହେଶ୍ୱର ସ୍ୱାଇଁ,ରସାନନ୍ଦ ମହାପାତ୍ର,ଅଭିମନ୍ୟୁ ମଲ୍ଲିକ,ଭୋଳାନାଥ ସାହୁ,ଅଧ୍ୟାପକ ଚିତ୍ତରଞ୍ଜନ ଦାଶ,ଅଧ୍ୟାପିକା ହରପ୍ରିୟା ସେଠୀ,ଏବିଡିଓ ହେମେନ୍ଦ୍ର ନାଥ ମହାନ୍ତି,ପ୍ରମୁଖ ଯୋଗଦେଇ ଡକ୍ଟର ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ସରୋଜ କୁମାର ସେଠୀ,ଦୁର୍ଗାପ୍ରସାଦ ମହାପାତ୍ର,ବିବେକାନନ୍ଦ ପଣ୍ଡା,ଗୌରାଙ୍ଗ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସେବାସଦନ ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସଦୀୟ କ୍ଷେତ୍ର ସାଂସଦ ଖେଳ ମହୋତ୍ସବ

ଭଦ୍ରକ,(ସବ୍ୟୁ): ଭଦ୍ରକ ସଂସଦୀୟ କ୍ଷେତ୍ର ସାଂସଦ ଖେଳ ମହୋତ୍ସବ ଭଦ୍ରକର ଏକ ଶିକ୍ଷାନୁଷ୍ଠାନ ଏସବିଡି ଇନଟରନେସନାଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା,ଓଡ଼ିଆ ଭାଷା ସାହିତ୍ୟ,ସଂସ୍କୃତି,ଯୁବ ସେବା ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠୀ,ବିଧାୟକ ସିତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ଦିଲିପ୍ ରାଉତରାଏ,ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗଦେଇ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ ଏବଂ ସଂସଦୀୟ କ୍ଷେତ୍ର ବାଲେଶ୍ୱର ଜିଲ୍ଲାର ସୋର ଏବଂ ସିମୁଳିଆରୁ ଆସିଥିବା ମୋଟ ୯ଶହ ଛାତ୍ର ଛାତ୍ରୀ କ୍ରୀଡାବିତମାନଙ୍କୁ ସଂସଦୀୟ ଖେଳ ମୋହତ୍ସବରେ ଶୁଭେଚ୍ଛା ଜଣାଇଥିଲେ । ଏହି ସାଂସଦ ଖେଳ ମହୋତ୍ସବରେ ସମସ୍ତେ ଶପଥ ପାଠ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରତିଯୋଗୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କ୍ରିଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

## କଲେଜ ବସ-ହାଇୱା ମୁହାଁମୁହିଁ ଉଭୟ ଚାଳକ ଗୁରୁତର

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲାର ଚମ୍ପୁଆ ନିକଟ ଝାରଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ମାଣିକପୁର ନିକଟରେ ଘନ କୁହୁଡି ଯୋଗୁ ଏକ କଲେଜ ବସ ଓ ଲୁହା ପଥର ବୋଝେଇ ହାଇୱା ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡିର ଚାଳକ ଗୁରୁତର ଆହତ ହୋଇଥିବାବେଳେ ବସରେ ଥିବା କେତେକ ଛାତ୍ର ଆହତ ହୋଇଛନ୍ତି। ଆହତମାନଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତର ଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଶନିବାର ସକାଳ ପ୍ରାୟ ୬ ଟାରେ ନୂଆମୁଣ୍ଡି କଲେଜର ଏକ ବସ ନୁଆମୁଣ୍ଡି ଆଡ଼କୁ ଯାଉଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇ ଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିବାବେଳେ ଉଭୟ ଗାଡି ଜବତ କରି ତଦନ୍ତ କରୁଛି।

## ଶ୍ୱଶୁର ଘର ଉପରେ ବୋମା ମାଡ ଖସିଗଲେ କ୍ୱାଇଁ, ଧରାପଡ଼ିଲେ ୨ ସାଙ୍ଗ

ଭଦ୍ରକ,(ସବ୍ୟୁ): ପ୍ରେମ ବିବାହ କରିବାରେ କିଛି ଦିନ ପର୍ଯ୍ୟନ୍ତ ଠିକଠାକ୍ ଚାଲିବା ପରେ ସମ୍ପର୍କରେ ଛିଟା ପଡ଼ିଗଲା। କଥା ଏତେ ଆଗକୁ ଚାଲିଗଲା ଯେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ହୋଇଗଲା। ଏଥିପାଇଁ ଶ୍ୱଶୁର ଘର ଲୋକଙ୍କୁ ଦାୟୀ କରି ପ୍ରତିଶୋଧରେ ଜଳୁଥିବା କ୍ୱାଇଁ ୨ସାଙ୍ଗଙ୍କ ସହିତ ମିଶି ଶଶୁର ଘର ଉପରକୁ ବୋମା ଫିଙ୍ଗିବାର ଶାଶୁ ଥାନାରେ ଅଭିଯୋଗ କହିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା କରଣପଲ୍ଲୀ ଅଂଚଳରେ। ଭଦ୍ରକ ଜିଲ୍ଲା ବନ୍ତ ଅଂଚଳର ଆପଣ୍ଡା ଗ୍ରାମର ଶ୍ରୀଧର ନାୟକ ବାଂଶଡା ଥାନା ଅଧୀନସ୍ଥ କରଣପଲ୍ଲୀ ପଞ୍ଚାୟତ ବିଜୟ ପାଟଣା ଗ୍ରାମର ରାମଚନ୍ଦ୍ର ମହାଳିକଙ୍କ ଝିଅ ମାମୁନିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ଠିକଠାକ୍ ଚାଲିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ପରେ ଗାଁର ଭଦ୍ର ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇଥିଲା। ବିଚ୍ଛେଦ ପରେ ଦୁହେଁ ନିଜ ନିଜ ଘରେ ରହୁ ଥିଲେ। କିନ୍ତୁ ସ୍ୱାମୀ ଶ୍ରୀଧର ନାୟକ ଏହାକୁ ସହ୍ୟ କରି ପାରି ନଥିଲେ। ବିବାହ ବିଚ୍ଛେଦ ପାଇଁ ମାମୁନିଙ୍କ ବାପ ଘର ଲୋକଙ୍କୁ ସେ ଦାୟୀ କରିବା ସହିତ ପ୍ରତିଶୋଧ ପରାୟଣ ହୋଇ ଶଶୁର ଘର ଲୋକଙ୍କୁ ବୋମା ମାଡ଼ ପାଇଁ ଧମକ ଦେଇଥିଲେ। ମୌକା ଖୋଜି ବିଳମ୍ବିତ ରାତିରେ ଦୁଇ ସାଙ୍ଗ ଅଶୋକ ଦାସ ଓ କିଶୋର ନାୟକଙ୍କ ସହ ସେ ଶିଶୁର ଗାଁରେ ପହଂଚି ସେମାନେ ରାମଚନ୍ଦ୍ର ମହାଳିକଙ୍କ ଘର ଉପରକୁ ବୋମା ମାଡ଼ କରିଥିଲେ। ଏଥିରେ ରାମଚନ୍ଦ୍ରଙ୍କର ଆଜବେଷ୍ଟସ୍ ଘରର କିଛି ଅଂଶ ଭାଙ୍ଗି ଯାଇଥିଲା। ଅନ୍ୟ ପଟେ ବୋମାମାଡ଼ ଶବ୍ଦରେ ଗ୍ରାମବାସୀ ଉଠି ପଡ଼ି ଥିଲେ। ଖସି ପଳାଉ ଥିବା ୩ଜଣଙ୍କ ମଧ୍ୟରୁ ବାଇକ୍ ସହିତ ଦୁଇ ସାଙ୍ଗକୁ ମାଡ଼ି ବସିଥିଲେ। କିନ୍ତୁ ଶ୍ରୀଧର ଖସି ପଳାଇଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବାଂଶଡ଼ା ପୁଲିସ ଘଟଣାସ୍ଥଳରେ ପହଂଚି ଶ୍ରୀଧରଙ୍କ ୨ସାଙ୍ଗକୁ ଥାନାକୁ ନେଇ ଅଟକ ରଖିଛି। ରାମଚନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମହାଳିକଙ୍କ ଲିଖିତ ଅଭିଯୋଗ ପରେ ବାଂଶଡା ଥାନା ଅଧିକାରୀ ତଦନ୍ତ ଚଳାଇଛି।

## ପୋଡାପାଟଣାକୁ ନୂତନ ଗ୍ରାମପଞ୍ଚାୟତ ଦାବି

ବନ୍ତ,(ସବ୍ୟୁ): ବନ୍ତ ବ୍ଲକ ପୋଡାପାଟଣାକୁ ନୂତନ ଗ୍ରାମ ପଞ୍ଚାୟତ ଦାବୀ ନେଇ ରବିବାରଦିନ ପୋଡାପାଟଣା ଠାରେ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିଲୋ-କଣ୍ଟାପଡା, ଭୁବନେଶ୍ୱରପୁର, ଶାଳକଣିଆ ସମେତ ୭ଟି ଗ୍ରାମର ବୁଦ୍ଧିଜୀବି, ସମାଜସେବୀ ଓ ଜନସାଧାରଣ ମାନେ ଯୋଗ ଦେଇଥିଲେ । ଶିକ୍ଷାବିତ୍ ପ୍ରଶାନ୍ତ କୁମାର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ରବିନ୍ଦ୍ର ଦାସ, ବସନ୍ତ କୁମାର କର, ସୁବାଷ ଦାସ, ରମେଶ ଜେନା, ମନୋଜ ଦାସ, ରବିନ୍ଦ୍ର ଓଝା, ଅଶୋକ କୁମାର ଦାସ, ସେକ୍ ସୌକତ ଅଲ୍ଲୀ, ସଞ୍ଜୟ କୁମାର ସାହୁ, ଦିଗମ୍ବର ଜେନା, ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ପେଡା, ପଦ୍ମଲୋଚନ ଦାସ, କଳିଙ୍ଗ ଦାସ, ପ୍ରଶାନ୍ତ ଦାସ, ବଟକୃଷ୍ଣ ସାହୁ, ନରେନ୍ଦ୍ରକୁମାର ରାଉଳ, କାହ୍ନୁଚରଣ ବେହେରା, ବିଭୂତି ପଲେଇଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ବୈଠକରେ ନୂତନ ପଞ୍ଚାୟତ ଗଠନର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା । ଟିଲୋ ପଞ୍ଚାୟତର ଜନସଂଖ୍ୟା ୧୦ ହଜାରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ କପାଳୀ ନଦୀ ଉପକୂଳ ବର୍ତ୍ତୀ ପ୍ରାୟ ୧୦ ଗ୍ରାମର ଦୂରତା ପଞ୍ଚାୟତ ଠାରୁ ୫କିମିରୁ ଉର୍ଦ୍ଧ୍ୱ ହେବ । ବର୍ଷା ଦିନେ ଉପରୋକ୍ତ ଗ୍ରାମର ଲୋକ ମାନେ ପଞ୍ଚାୟତକୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏପରିପେକ୍ଷୀରେ ରାଜ୍ୟ ସରକାର ପଞ୍ଚାୟତ ପୁର୍ନଗଠନ ପାଇଁ ସମସ୍ତ ପ୍ରକ୍ରିୟା ଜାରି ରଖିଥିବା ବେଳେ ପୋଡାପାଟଣାକୁ ନୂତନ ଗ୍ରାମ ପଞ୍ଚାୟତ ଘୋଷଣା କରାଗଲେ ସମସ୍ତ ଜନସାଧାରଣ ଉପକୃତ ହୋଇ ପାରିବେ ବୋଲି ଆଲୋଚନା ହୋଇଥିଲା । ୧ ଓ ୨ ନଂ.ୱାର୍ଡକୁ ନେଇ ପୋଡାପାଟଣା, ୩ନଂ.ୱାର୍ଡରେ ଭୁବନେଶ୍ୱରପୁର ଓ ଶାଳକଣିଆ, ୬ ନଂ.ୱାର୍ଡରେ ଟିଲୋ କଣ୍ଟାପଡା, ୭ନଂ.ୱାର୍ଡରେ ଭାରତୀମଠ, ବଉଳସାହି ଏବଂ ୧୧ନଂ.ୱାର୍ଡରେ ହାଟସାହିର ଆଂଶିକ ରହିଥିବା ବେଳେ ଏସମସ୍ତ ୱାର୍ଡ ଏବଂ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ହେବ । ତେବେ ସରକାରୀ ଗାଇଡ ଲାଇନ ଅନୁସାରେ ପୋଡାପାଟଣା ନୂତନ ଗ୍ରାମ ପଞ୍ଚାୟତ ପାଇଁ ଯୋଗ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲ । ଏହି ଦାବୀ ସମ୍ପର୍କରେ ଖୁବ ଶିଘ୍ର ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ପଞ୍ଚାୟତରାଜ ସଚିବ, ଜିଲାପାଳ, ବିଡିଓ ଓ ତହସିଲଦାରଙ୍କୁ ଲିଖିତ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,(ସବ୍ୟୁ): ଫକୀର ମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ଉତ୍କଳକେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ, ଲେଖକ ଓ ସଂପାଦକ ଡ଼କ୍ଟର ପବିତ୍ର ପାଣିଗ୍ରାହୀ, ମହତାବଙ୍କ ସହ ନିଜର ଅନୁଭବର ସ୍ମୃତିଚାରଣ କରି, ତାଙ୍କୁ ସାରସ୍ୱତ ସାଧକ ବୋଲି ବର୍ଣ୍ଣିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ପ୍ରସିଦ୍ଧ ସ୍ତମ୍ଭକାର ଓ ସାହିତ୍ୟିକ ଅଭିରାମ ବିଶ୍ୱାଳ, ମହତାବଙ୍କ ଜୀବନଦର୍ଶନ, କାର୍ଯ୍ୟଦକ୍ଷତା ଓ ଦୃଷ୍ଟିବୈଶାଳ୍ୟକୁ ଉଲ୍ଲେଖ କରି, ତାଙ୍କୁ ଆଦର୍ଶବାଦ ଓ ବାସ୍ତବବାଦର ଅଦ୍ଭୁତ ସମନ୍ୱୟ ବୋଲି ସମ୍ବୋଧନ କଲେ। ସେ ମହତାବଙ୍କୁ ଓଡ଼ିଶାର ସ୍ୱର୍ଣ୍ଣାଭ ଇତିହାସର ଏକ ମୁଖ୍ୟ ନିର୍ମାତା ବୋଲି ବର୍ଣ୍ଣନା କରିଥିଲେ। ସମସ୍ତ ଅତିଥିମାନେ ବିଶ୍ୱବିଦ୍ୟାଳୟରେ ସ୍ଥାପିତ ଡ଼କ୍ଟର ହରେକୃଷ୍ଣ ମହତାବ ନାମକ ପାଠାଗାରକୁ ବିଶେଷ ପ୍ରଶଂସା କରି ତାଙ୍କ ଉତ୍ତରାଧିକାରକୁ ସମ୍ମାନ କରିବାରେ ଏହାର ବହୁମୂଲ୍ୟ ଅବଦାନକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ସଂଚାଳନ ଓ ସଂଯୋଜନା ଭାଷା ଓ ସାହିତ୍ୟ ବିଭାଗମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କରିଥିଲେ। ଶେଷରେ ଡ଼କ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଜଣାଇ କାଯ୍ୟକ୍ରମର ସମାପନ କରିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନମେଳା ସହ ଭଲିବଲ ପ୍ରତିଯୋଗିତା : କେନ୍ଦୁଝର ଚାମ୍ପିଅନ



କେନ୍ଦୁଝର, (ସବ୍ୟୁ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଏବଂ ଭଲିବଲ ପ୍ରତିଯୋଗୀତା ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ କେନ୍ଦୁଝର, ଙ୍କୋନାଳ, ଅନୁଗୁଳ, ଯାଜପୁର, କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ପ୍ରଭୃତି ୯ଟି ଜିଲ୍ଲାରୁ ୧୩ଟି ପ୍ରକଳ୍ପ ଏଠାରେ ସ୍ଥାନ ପାଇଥିଲା । ୧୩ଟି ପ୍ରକଳ୍ପ ପାଇଁ ବିଭିନ୍ନ ବିଦ୍ୟାଳୟରୁ ୧୩ଜଣ ଗାଇଡ ଟିଚର ଏବଂ ୨୬ ଜଣ ଶିଶୁ ବିଜ୍ଞାନୀ ବିଜ୍ଞାନମେଳାରେ ଭାଗ ନେଇଥିଲେ । ଏହି ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି । ଅନୁଗୁଳ ଜିଲ୍ଲା ଫୁଲମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ସିମରନ ପ୍ରିୟଦର୍ଶିନୀ ନାଏକ ଏବଂ ପ୍ରିୟଙ୍କା ସେଠୀ,କଟକ ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ ମାଧପୁରର ମିରୁ ହେମ୍ବ୍ରମ ଓ ଚନ୍ଦ୍ରିକା ହାଁସଦା,କେନ୍ଦୁଝର ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅସନପାଟର ଶୁଭଲକ୍ଷ୍ମୀ ନାୟକ ଓ ଶୁଭସ୍ମିତା ତନ୍ତୀ,କୁସୁମିତା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିମା ମୁଣ୍ଡା ଓ ଅର୍ଚ୍ଚିତା ନାଏକ,ଜଗତସିଂହପୁର ଜିଲ୍ଲାରୁ ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାରାଦୀପରୁ ସାରଥୀ ଟୁଡୁ ଓ ବିଷ୍ଣୁପ୍ରୀୟ ସେଠୀ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୟାଗଡର ରୁପାଞ୍ଜଳୀ ମଲ୍ଲିକ ଓ ସସ୍ମିତା ଜାନୀଙ୍କ ପ୍ରଦର୍ଶିତ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଛି । ଶ୍ରେଷ୍ଠ ୬ଟି ପ୍ରକଳ୍ପ ଡିସେମ୍ବର ୧୮ ରୁ ୨୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡିଛି । ମଣ୍ଡଳସ୍ତରୀୟ ଭଲିବଲ ପ୍ରତିଯୋଗୀତାରେ ବାଳକ ଏବଂ ବାଳିକା ବିଭାଗରେ ୧୪ ଟି ଦଳ ଭାଗ ନେଇଥିଲେ । ଏଥିରେ ଉଭୟ କେନ୍ଦୁଝର ବାଳକ ଏବଂ ବାଳିକା ଦଳ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛି । ଉଦଯାପନୀ ସମାରୋହରେ କେନ୍ଦୁଝର ଜୋନ ଶିକ୍ଷା ମଣ୍ଡଳାଧିଶ ସଂଚିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ,ଜିଲ୍ଲା ଶିକ୍ଷା ନିରିକ୍ଷକ ସଞ୍ଜୟ କୁମାର ଧଳ,ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତ ସିଂହାର,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ରାଉତ,ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରା,ପ୍ରଧାନ ଶିକ୍ଷକ ସୋମନାଥ ଆଇଚ ପ୍ରମୁଖ ଅତିଥିମାନେ ମନୋନୀତ ସମସ୍ତ ଦଳକୁ ଟ୍ରଫି ଏବଂ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



କେନ୍ଦୁଝର , (ଜିପ୍ର): କେନ୍ଦୁଝର ଜିଲାରେ ଖରିଫ୨୦୨୫ ୨୬ ବର୍ଷ ପାଇଁ ଜିଲାସ୍ତରୀୟ ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲାପାଳ ରବ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ଯୋଗାଣ ଗାଣ ଅଧିକାରୀ ପବିତ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ୭୯୧୦୮ ପଞ୍ଜୀକୃତ ଚାଷୀଙ୍କଠାରୁ ୯୫ଟି ମଣ୍ଡି ଓ ୮୨ଟି ପ୍ୟାକ୍ସ ତଥା ଲ୍ୟାମ୍ପସ ମାଧ୍ୟମରେ ରେ ୧୩,୧୩,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।ଜିଲାପାଳ ଚାଷୀ ଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନ ଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍ପି ନାୟକ ଅଧିକ ଆଦର୍ଶ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକମାନେ ପର୍ଯ୍ୟାପ୍ତ ଝୋଟ ବସ୍ତା ଯୋଗାଣ, ମଣ୍ଡିରେ ବିଜୁଳି, ଭିଭିଭୂମି, ଆଶ୍ରୟ ସ୍ଥଳ, ଟୋକନ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେଶିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନର ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହାନ ଦେଇଥିଲେ ।ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟପ୍ରତି କୁଇଣ୍ଟାଲ ପିଛା ୨୩୬୯ ଟଙ୍କା ଏବଂ ଗ୍ରେଡ ଏ ମୂଲ୍ୟ ପ୍ରତି କୁଇଣ୍ଟାଲ ପିଛା ୨୩୮୯ ଟଙ୍କା ରଖାଯାଇ ଯାଇଛି। ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଜାଣ୍ଟ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଞ୍ଚର ତଥ୍ୟ ଓ କୃଷକମାନଙ୍କ ନାମ ଉଲ୍ଲେଖ ରହିବ। ଏଥ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆବସ୍ୟକିୟ ପଦକ୍ଷେପ ଗ୍ରହଣ କରିବେ। । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯାଇଥିଲା।

(ଶ୍ରୀମଦ୍ଭଗବଦ୍ ଗୀତା ୧/୧୯)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।**
**ନଭଶ୍ଚ ପୃଥିବୀଞ୍ଚୈବ ତୁମୁଲୋଵ୍ୟନୁନାଦୟନ୍ ॥ ୧୯ ॥**

( ସ ଚ ଶଙ୍ଖାନାଂ ନାଦଃ ତ୍ୱଦୀୟାନାଂ ମହାଭୟଂ ଜନୟାମାସ ଇତ୍ୟାହ)-ସଃ (ଶଙ୍ଖାନାଂ) ତୁମୁଳଃ ଘୋଷଃ (ଶବ୍ଦଃ) ନଭଶ୍ଚ (ଆକାଶମଣ୍ଡଳଞ୍ଚ) ପୃଥିବୀଂ ଚ ଏବ ଅଭ୍ୟନୁନାଦୟନ୍ (ପ୍ରତିଧ୍ୱନିଭିରାପୁରୟନ୍) ଧାର୍ତ୍ତରାଷ୍ଟ୍ରାଣାଂ (ଦୁର୍ଯ୍ୟୋଧନାଦୀନାଂ) ହୃଦୟାନି ବ୍ୟଦାରୟତ୍ (ବିଦାରିତବାନ୍) ॥ ୧୯ ॥

# ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଯିଏ ସରଳ ଜୀବନଯାପନ କରୁଥିଲେ

ସେ ଥିଲେ ଏବର ଜଗତସିଂହପୁର ଜିଲ୍ଲାର ଖେରସ ଅନ୍ତର୍ଗତ ଜମିଦାର ପରିବାରର ଜଣେ ବ୍ୟକ୍ତି । ସେ ସକ୍ରିୟ ରାଜନୀତିରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ଓ ପରେ ମୁଖ୍ୟମନ୍ତ୍ରୀ ବି ହୋଇଥିଲେ । ମାତ୍ର ରାଜନୀତିକୁ କଳୁଷିତ ନ କରି ଲୋକଙ୍କ ପାଇଁ କିଛି କରିବାକୁ ସେ ଯେପରି ପ୍ରତିଜ୍ଞାବଦ୍ଧ ଥିଲେ । ଯେଉଁ ଦିନ ସେ ରାଜନୀତି ଛାଡିଲେ, ନିଜର ପୈତୃକ ଘର କଟକରେ ନ ରହି ସେ ସିଧା ଅନୁଗୁଳ ଚାଲି ଆସି 'ବାଜି ରାଉତ ଛାତ୍ରାବାସ'ର ଗୋଟିଏ ଛୋଟ ଚାଳ ଘରେ ରହି ସନ୍ନ୍ୟାସୀଙ୍କ ପରି ଅବଶିଷ୍ଟ ଜୀବନଯାପନ କରି ଅନେକ ଦିନ ପରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଥିଲେ ଓଡ଼ିଶାର ଅନ୍ୟତମ ବରପୁତ୍ର ନବକୃଷ୍ଣ ଚୌଧୁରୀ ।

ସେ ଜନ୍ମ ହୋଇଥିଲେ, କଟକର ଐତିହାସିକ ସଂଗ୍ରାମ ପୀଠ ସ୍ୱରାଜ୍ୟ ଆଶ୍ରମରେ- ୧୯୧୧ ମସିହା ନଭେମ୍ବର ୨୩ ତାରିଖରେ । ପିତା ଗୋକୁଳାନନ୍ଦ ଚୌଧୁରୀ ଓ ଜ୍ୟୋଷ୍ଠ ଭ୍ରାତା ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରୁ ସେ ସମାଜସେବା ଓ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଛାତ୍ର ଜୀବନରେ ସେ ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ସେ ତାଙ୍କର ବନ୍ଧୁ ଜୟ ପ୍ରକାଶ ନାରାୟଣଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ । ସେତେବେଳେ ଓଡ଼ିଶାରେ ଜୟପ୍ରକାଶଙ୍କ ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ । ପରିଣତ ବୟସରେ ତାଙ୍କୁ ବାରିପଦା ଜେଲରେ ରଖା ଯାଇଥିଲା । ସେଠାରେ ସେ ଜେଲ ଭିତରେ ଅଚେତ ହୋଇଗଲେ । ଅବଶ୍ୟ ତାଙ୍କର ଚିକିତ୍ସା ପାଇଁ ୧୯୭୬ରେ ତାଙ୍କୁ ଖଲାସ କରି ଦିଆଗଲା । ତାଙ୍କର ଭାଉଜ ରମା ଦେବୀ ନବବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଜୟପ୍ରକାଶ ନାରାୟଣଙ୍କୁ ଅବଗତ କରାଇବାରୁ ତାଙ୍କର ଏପରି ସ୍ୱାସ୍ଥ୍ୟବସ୍ଥା ପାଇଁ ନିଜକୁ ଦାୟୀ କରି ଜୟପ୍ରକାଶ (ଜେପି) କୁଆଡ଼େ କାନ୍ଦି ପକାଇଥିଲେ ବୋଲି ସମାଜସେବା ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ଠାଏ ଉଲ୍ଲେଖ କରିଛନ୍ତି ।

ଦୁଃଖର କଥା, ଯେଉଁ ଜୟପ୍ରକାଶଙ୍କ ଆନ୍ଦୋଳନ ଯୋଗୁଁ ଉଭୟ କେନ୍ଦ୍ରରେ ଓ ରାଜ୍ୟରେ ତତ୍କାଳୀନ କଂଗ୍ରେସ ଶାସନର ଅବସାନ ଘଟିଲା ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟର ଅଣକଂଗ୍ରେସ ଦଳର ଶାସନ ସମ୍ଭବ ହୋଇଥିଲା, ସେହି ସରକାରମାନେ ଜୟପ୍ରକାଶ ଓ ନବବାବୁଙ୍କୁ ଯେତିକି ମର୍ଯ୍ୟାଦା ଦେବା କଥା ତାହା ଦେଇ ନଥିଲେ । ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ ନବ ବାବୁ ଓ ତାଙ୍କର ପତ୍ନୀ ମାଳତୀ ଦେବୀ ଯୁବକ ଓ ଛାତ୍ରମାନଙ୍କୁ ସଂଗଠିତ କରି ସାମାଜିକ ପରିବର୍ତ୍ତନ ସକାଶେ ଉଦ୍ୟମ ଜାରି ରଖିଥିଲେ । ମାତ୍ର ୧୯୮୪ ଜୁନ୍ ୨୩ ତାରିଖରେ ନବ ବାବୁଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ପୂର୍ବରୁ ଜୟପ୍ରକାଶ ନାରାୟଣଙ୍କର ଦେହାନ୍ତ ୧୯୭୯ ଅକ୍ଟୋବର ୮ ତାରିଖରେ ହୋଇ ଯାଇଥିଲା । ତେଣୁ ଭାରତରେ କେବଳ ନୁହେଁ, ଓଡ଼ିଶାରେ ଜୟପ୍ରକାଶ ନାରାୟଣଙ୍କର 'ସମ୍ପୂର୍ଣ୍ଣ କ୍ରାନ୍ତି' ବିପ୍ଳବ ଅଧା ରାସ୍ତାରେ ଅଟକି ରହିଗଲା ।

ନବବାବୁଙ୍କ ଘଟଣାବହୁଳ ଜୀବନ ତାଙ୍କୁ ନିଃସ୍ୱାର୍ଥପର ଭାବେ କାମ କରିବାକୁ ଖୁବ୍ ପ୍ରେରଣା ଦେଇଥିଲା । ସେ ୧୯୨୧ ବି.ଏ ପରୀକ୍ଷା ଦେବା ପୂର୍ବରୁ ଗାନ୍ଧିଜୀଙ୍କ ଆହ୍ୱାନରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ । ଜେଲରୁ ଫେରି ସେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଯାଇ ଦଶମାସ କାଳ ତାଲିମ ନେଇଥିଲେ । ୧୯୨୫ରେ ଶାନ୍ତି ନିକେତନର ବିଶ୍ୱଭାରତୀ ବିଶ୍ୱ ବିଦ୍ୟାଳୟରେ ସେ ମଧ୍ୟ ଦଶ ମାସ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସେଠାରେ ଜଣେ ବଙ୍ଗୀୟ ବାରିଷ୍ଟରଙ୍କ କନ୍ୟା ମାଳତୀ ସେନ୍‌ଙ୍କ ସଂସ୍ପର୍ଶରେ ଆସି ସେ ତାଙ୍କର ପାଣିଗ୍ରହଣ କରିଥିଲେ । ଉଭୟ ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀଙ୍କ ସମେତ ନବ ବାବୁ ଓ ମାଳତୀ ଦେବୀ ଏହିପରି ଗୋଟିଏ ପରିବାରରୁ ଚାରିଜଣ ସ୍ୱାଧୀନତା ସଂଗ୍ରାମରେ ଜେଲ ଯାଇଥିଲେ ।

ଜଗତସିଂହପୁର ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ର, ସରଳା ଦେବୀ ଓ ସେମାନଙ୍କ ପୁତ୍ର ଅମିତାଭ ମହାପାତ୍ରଙ୍କ ସମେତ ଓ ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ଅଳକାଶ୍ରମ ଜରିଆରେ ଅନେକ ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ସମାଜସେବା କରିବା ଲାଗି ମଧ୍ୟ ପ୍ରଭାବିତ କରିଥିଲେ । ଫଳରେ ଜଗତସିଂହପୁର ଜିଲ୍ଲାରୁ ବହୁ ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଜଗତସିଂହପୁର ଜିଲ୍ଲାର ମର୍ଯ୍ୟାଦା ବଢ଼ାଇଛନ୍ତି । ଏବେ ବି ଶିକ୍ଷା, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ସମ୍ମାନ ଉପରେ ରହିଛି ଓଡ଼ିଶାରେ । ୧୯୪୬ରୁ ୧୯୪୮ ମଧ୍ୟରେ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସେ ରାଜସ୍ୱ ମନ୍ତ୍ରୀ ଥିଲେ । ଏପରିକି ତାଙ୍କ ପୁତ୍ର ବିୟୋଗ କାରଣରୁ ସେ ନିଜେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ସ୍ୱର୍ଗୀୟ ଚୌଧୁରୀ ତା ୧୨/୫/୧୯୫୦ରୁ ତା ୧୯/୧୦/୧୯୫୬ ପର୍ଯ୍ୟନ୍ତ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ । ସେ ଜନତାର ମୁଖ୍ୟମନ୍ତ୍ରୀ ଭାବେ ଅତି ସରଳ ଜୀବନଯାପନ କରି ଆସୁଥିଲେ । ସେ ନିଜେ ବିଧାନସଭାରେ ତାଙ୍କର ବଜେଟ ଭାଷଣ ଓଡ଼ିଆରେ ଦେଇଥିଲେ । ସେ ନିଜେ ଜମିଦାର ଘରର ହୋଇଥିଲେ ମଧ୍ୟ ଜମିଦାରୀ ଉଚ୍ଛେଦ ବିଲ୍‌ଟିକୁ ବିଧାନସଭାରେ ସେ ପାରିତ କରାଇଥିଲେ । ଭୂମିହୀନ ଚାଷୀଙ୍କୁ ପାଇଁ ସେ ମଧ୍ୟ ଆଇନ ପ୍ରଣୟନ କରିଥିଲେ । ୧୯୫୪ରେ ସେ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବାକୁ ପ୍ରଥମେ ଆଇନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । ସମଗ୍ର ଭାରତ ବର୍ଷରେ ଏପରି ବ୍ୟବସ୍ଥା ଥିଲା ସମ୍ଭବତଃ ପ୍ରଥମ । ଅବଶ୍ୟ ନବୀନ ପଟ୍ଟନାୟକଙ୍କ ସରକାରରେ ଏହି ଆଇନର ନିୟମାବଳି ପ୍ରସ୍ତୁତ ହୋଇଥିଲା । ତଥାପି ସରକାରୀ କାର୍ଯ୍ୟ ଓଡ଼ିଆରେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇ ପାରି ନାହିଁ । ନୂତନ ସରକାର ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆମର ଆଶା ।

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ-ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ବିକଶିତ ଭାରତ ୨୦୪୭-ଏକ ବିହଙ୍ଗାବୋଲକନ



**ତେଜେଶ୍ୱର ପଟ୍ଟନାୟକ**

ଭାରତ ଆଜି ଇତିହାସର ଏକ ନିର୍ଣ୍ଣାୟକ ମୋଡରେ ଠିଆ ହୋଇଛି । ଆଉ ଦୁଇ ଦଶନ୍ଧି ପରେ ୨୦୪୭ ମସିହାରେ ଦେଶବାସୀ ସ୍ୱାଧୀନତାର ଶତବାର୍ଷିକ ସମାରୋହ ପାଳନ କରିବେ । କେନ୍ଦ୍ର ସରକାର ଏଥିପାଇଁ ସମସ୍ତ ବର୍ଗର ବିକାଶ ଏବଂ ନିରନ୍ତର ପ୍ରଗତି ପାଇଁ ଏକ ବ୍ୟାପକ ସୁଚିଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି । ସ୍ମରଣ କରାଯାଇ ପାରେ ଯେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ମସିହା ଡିସେମ୍ବର ୧୧ ତାରିଖରେ ବିକଶିତ ଭାରତ ୨୦୪୭ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଭାରତ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛି । ମୂଳ ଉଦ୍ଦେଶ୍ୟ ହେଲା, ଭାରତକୁ ଆତ୍ମନିର୍ଭରଶୀଳତା, ସମାନତା ଏବଂ ଉନ୍ନତ ଜୀବନଧାରଣ ମାନଦଣ୍ଡ ଦ୍ୱାରା ଏକ ପ୍ରମୁଖ ବିକଶିତ ରାଷ୍ଟ୍ରରେ ପରିଣତ କରିବା । ଏହି ଦୀର୍ଘ ମିଆଦି ଦୃଷ୍ଟିଭଙ୍ଗୀ ସମାଜର ଚାରୋଟି ବର୍ଗ ଯଥା- ଯୁବପିଢ଼ି, ମହିଳା, କୃଷକ ଏବଂ ଗରିବଙ୍କ ଉପରେ ଆଧାରିତ । କାରଣ ଆମ ରାଷ୍ଟ୍ରର ସାମୂହିକ ବିକାଶକୁ ସେମାନେ ପ୍ରତିନିଧିତ୍ୱ କରନ୍ତି । ବିକଶିତ ଭାରତ ପରିକଳ୍ପନା ଅନୁସାରେ ସରକାର ୨୦୪୭ ମସିହା ସୁଦ୍ଧା ଆମ ଦେଶକୁ ୩୦ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି । କେନ୍ଦ୍ରୀୟ ବଜେଟ ୨୦୨୫-୨୬ରେ ଅନେକ ପଦକ୍ଷେପ ଏହି ମିଶନକୁ ଆଖିରେ ରଖି ନିଆଯାଇଛି ।

ବଜେଟରେ ଆୟକର ଛାଡ ସୀମା ୮ ଲକ୍ଷରୁ ୧୨ ଲକ୍ଷକୁ ବୃଦ୍ଧି କରିବା ଦ୍ୱାରା ଉପଭୋଗିତା, ସଞ୍ଚୟ ଏବଂ ନିବେଶ ବୃଦ୍ଧି ପାଇବାର ଆଶା କରାଯାଉଛି । କୃଷି, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME), ଘରୋଇ ଉତ୍ପାଦନ ଏବଂ ରପ୍ତାନି କ୍ଷେତ୍ର ଆର୍ଥିକ ଅଭିବୃଦ୍ଧିର ମୁଖ୍ୟ କାରଣ ଅଟେ । କୃଷି କ୍ଷେତ୍ରରେ, ସବ୍‌ସିଡି ଋଣ ସହିତ ଏକ ଅଧିକ-ଅମଳ ଫସଲ ଯୋଜନା ଉତ୍ପାଦକତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରେ । 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ଭଳି ପଦକ୍ଷେପ ସ୍ୱଦେଶୀ ଶିଳ୍ପଗୁଡ଼ିକୁ ମଜବୁତ କରିବା ସହିତ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି ।

କେନ୍ଦ୍ର ସରକାର ଉତ୍ପାଦନ-ଜଡ଼ିତ ପ୍ରୋତ୍ସାହନ (PLI) ଯୋଜନା ଜରିଆରେ ଘରୋଇ ଓ ବୈଦେଶିକ ନିବେଶକୁ ଆକର୍ଷିତ କରିବା, ଉତ୍ପାଦନ ଏବଂ ରପ୍ତାନିକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଭାରତୀୟ ରପ୍ତାନି ଦ୍ରବ୍ୟ ଉପରେ ଆମେରିକା ଦ୍ୱାରା ସଦ୍ୟ ଲାଗୁ ହୋଇଥିବା ବର୍ଦ୍ଧିତ ୫୦ ପ୍ରତିଶତ ଶୁଳ୍କକୁ ମୁକାବିଲା କରିବା ପାଇଁ, ଭାରତ ଅନେକ ୟୁରୋପୀୟ ରାଷ୍ଟ୍ର ସହିତ ନୂତନ ମୁକ୍ତ-ବାଣିଜ୍ୟ ଚୁକ୍ତିନାମା (free trade agreement) ସ୍ୱାକ୍ଷର କରିଛି ଏବଂ ବଜାର ପ୍ରବେଶକୁ ବିସ୍ତାର କରିବା ପାଇଁ ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ଆଲୋଚନା କରୁଛି । ବର୍ତ୍ତମାନର ବଜେଟ୍ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍‌କୁ ଋଣ ପ୍ରଦାନ ବୃଦ୍ଧି ପାଇଁ ରେକ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାକୁ ବ୍ୟାପକ କରାଯାଉଛି ଏବଂ ନବସୃଜନକୁ ମଧ୍ୟ ଉତ୍ସାହିତ କରାଯାଉଛି । ସାମ୍ପ୍ରତିକ ସାମଗ୍ରୀ ଓ ସେବା ଟିକସ(GST) ର ସଂସ୍କାର ଫଳରେ , ୩୭୫ଟି ସାମଗ୍ରୀ ଉପରେ ଟିକସ ସ୍ଲାବକୁ ୫ ପ୍ରତିଶତ ଏବଂ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ଏବଂ ଗ୍ରାହକମାନଙ୍କୁ ଖର୍ଚ୍ଚ କରିବା ପାଇଁ ପ୍ରୋତ୍ସାହିତ ବି କରୁଛି । ଏବେ ଏକ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି ଯେ ଇଲୋକ୍ଟ୍ରୋନିକ୍ସ, ଅଟୋମୋବାଇଲ୍ ଏବଂ ନିର୍ମାଣ ସାମଗ୍ରୀରେ ଟିକସ ହ୍ରାସ ଯୋଗୁଁ ବିଗତ ଦଶବର୍ଷରେ ବିକ୍ରି ସର୍ବୋଚ୍ଚ ବୃଦ୍ଧି ପାଇଛି । ଜିଏସଟି (GST) ପଞ୍ଜୀକରଣ ଏବଂ ଫେରସ୍ତ ବ୍ୟବସ୍ଥାକୁ ମଧ୍ୟ ସରଳୀକରଣ କରାଯାଇଛି । ତଥାପି ସରକାର ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଏକ ରିପୋର୍ଟ ଅନୁଯାୟୀ , ଭାରତର ମୁଣ୍ଡପିଛା GDP ୨,୮୨୦ ଅଛି , ଯାହା ବିଶ୍ୱରେ ୧୩୬ତମ ସ୍ଥାନ ଅଟେ । ସରକାରଙ୍କ ରଣନୀତି ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି(inclusive growth )କୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ନିବେଶ ଆକର୍ଷିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

**ସାମାଜିକ ଲକ୍ଷ୍ୟ...**

ବିକଶିତ ଭାରତର ସାମାଜିକ ଦିଗ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣରେ ନିହିତ । ଭାରତର ନିତି ଆୟୋଗ ସଂସ୍ଥା ଏକ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (Multi dimensional poverty index ) ବ୍ୟବହାର କରୁଛନ୍ତି, ଯାହା ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଆଧାରିତ । ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ପାଇଁ ମୁଣ୍ଡ ପିଛା ଆୟ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣ ମାନ ମାଧ୍ୟମରେ ଅଭାବକୁ ଆକଳନ କରୁଛି । ମହିଳା ସଶକ୍ତିକରଣ ଏହି ଦୃଷ୍ଟିକୋଣର ଏକ କେନ୍ଦ୍ରବିନ୍ଦୁ ଅଟେ । ଏକ ରିପୋର୍ଟ ଅନୁଯାୟୀ,୨୦୨୪ ମସିହାରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ଏହା ଏକ ସକାରତ୍ମକ ସୂଚନା । ମହିଳାମାନଙ୍କ ମୋଟ ଜନଧନ ଖାତାର ୫୬ ପ୍ରତିଶତ ଅଂଶବିଶେଷ ଅଟେ । ଲକ୍ଷ ଲକ୍ଷ ଲୋକ ମଧ୍ୟ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ସେବା ପାଇ ଉପକୃତ ହେଉଛନ୍ତି ।

ପି ଏମ ଜେ ଜେ ବୀମା ଯୋଜନା (PMJJBY), ପିଏମ ସୁରକ୍ଷା ବୀମା ଯୋଜନା (PM SSBY) ଏବଂ ଅଟଳ ପେନସନ ଯୋଜନା (APY)ଭଳି ସାମଜିକ ସୁରକ୍ଷା ଯୋଜନାଗୁଡିକ ଦ୍ୱାରା ଗ୍ରାମାଞ୍ଚଳ ଲୋକମାନେ ବିଶେଷ ରୂପେ ଋଣ, ବୀମା ଏବଂ ପେନସନ ସୁବିଧା ହାସଲ କରିପାରୁଛନ୍ତି ।

ମହିଳା ସଂରକ୍ଷଣ ଆଇନ ବଳରେ ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ସ୍ଥିରୀକୃତ ହେଇଛି ,ମହିଳାଙ୍କ ରାଜନୈତିକ ସଶକ୍ତିକରଣରେ ଏହି ଆଇନ ଏକ ମାଇଲଖୁଣ୍ଟ ସଦୃଶ । ମୁସଲିମ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ ମହିଳାଙ୍କ ମର୍ଯ୍ୟାଦା ଏବଂ ସମାନତାକୁ ସୁରକ୍ଷା ଦେବାରେ ସହାୟକ ହେଇଛି ।

**ଚାଷୀ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା...**

କୃଷକମାନେ ଭାରତୀୟ ଅର୍ଥନୀତିର ବିଶେଷ ସ୍ତମ୍ଭ ଅଟନ୍ତି । ପ୍ରଧାନମନ୍ତ୍ରୀ-କିଷାନ ଯୋଜନା, ଫସଲ ବୀମା ଯୋଜନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଭଳି ଯୋଜନାଗୁଡ଼ିକ କୃଷକ ବର୍ଗକୁ ଆର୍ଥିକ ସ୍ତରରେ ସୁରକ୍ଷା ଯୋଗାଏ । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଏବଂ କୃଷି ଭିତ୍ତିଭୂମି ପାଣ୍ଠି, ଜଳସେଚନ ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ । ଜୈବ କୃଷି ଏବଂ ସନ୍ତୁଳିତ ସାର ବ୍ୟବହାର ପାଇଁ ସରକାର ଉଦ୍ୟମ କରୁଛନ୍ତି । ଶିକ୍ଷା ଏବଂ ଦକ୍ଷତା ବିକାଶ ପରିବର୍ତ୍ତନର ପ୍ରମୁଖ ବାହକ । ଏହାର ସଫଳ ରୂପାୟନ ପାଇଁ ସ୍କିଲ୍ ଇଣ୍ଡିଆ ମିଶନ ଏବଂ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ ସାକ୍ଷରତା ଏବଂ ଶିକ୍ଷାର ଉନ୍ନତ ଗୁଣବତ୍ତା ବୃଦ୍ଧି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି, ଯଦ୍ୱାରା ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ସରକାରଙ୍କ ଦ୍ୱାରା ଗଠିତ ଷ୍ଟାର୍ଟଅପ୍ ଇଣ୍ଡିଆ ପାଣ୍ଠି ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି । ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିବେଶ ଭାରତର ଜ୍ଞାନ ଅର୍ଥନୀତିକୁ ମଜବୁତ କରେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଆୟୁଷ୍ମାନ ଭାରତ ଏବଂ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରଗୁଡ଼ିକ ଜନ ସାଧାରଣଙ୍କୁ ସୁଲଭ ଚିକିତ୍ସା ଏବଂ ଅତ୍ୟାବଶ୍ୟକ ଔଷଧ ଯୋଗାଉଛନ୍ତି । ଏହା ଜୀବନଶୈଳୀରେ ଗୁଣବତ୍ତା ଆଣି ଦିଏ ।

ଭିତ୍ତିଭୂମି ଏବଂ ଡିଜିଟାଲ୍ ଭିତ୍ତିଭୂମି ଜାତୀୟ ସମୃଦ୍ଧିର ମେରୁଦଣ୍ଡ ଅଟେ । ଗମନାଗମନ ଓ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ସରକାର ବିଶେଷ ପୁଞ୍ଜି ନିବେଶ କରି ରେଳ, ସଡ଼କ, ବାୟୁ ଏବଂ ଜଳପଥ ନେଟୱାର୍କକୁ ବିସ୍ତାର କରିବାର ଯୋଜନା ରଖିଛନ୍ତି । ପ୍ରଧାନମନ୍ତ୍ରୀ ଗତି ଶକ୍ତି ଏବଂ ଉଡାନ୍ ଯୋଜନା ମାଧ୍ୟମରେ ଦେଶରେ ପରିବହନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି । ଆଧାର ଓ ୟୁପିଆଇ(UPI ) ଭାରତର ଡିଜିଟାଲ୍ ଭିତ୍ତିଭୂମିକୁ ଦୃଢ଼ୀଭୂତ କରିଛି ଓ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ ନାଗରିକମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପାରଦର୍ଶିତା ଆଣିବା ପାଇଁ ଏକ ସଫଳ ପ୍ରୟାସ । ଏହା ଶାସନରେ ଦକ୍ଷତାକୁ ପ୍ରୋତ୍ସାହିତ କରୁଛି ।

ସରକାରଙ୍କ ଭାରତନେଟ୍ ଯୋଜନା ଦ୍ୱାରା ୨.୫ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ମାଧ୍ୟମରେ ଗ୍ରାମବାସୀଙ୍କୁ ସଂଯୋଗ କରି ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା କରାଯାଉଛିଛି ।

ଭାରତ ସରକାର ୫G ଏବଂ ଡିଜିଟାଲ୍-ସ୍କିଲିଂ କାର୍ଯ୍ୟକ୍ରମ ଯୁବପିଢ଼ି ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରୁଛି, ଯାହା ଭାରତକୁ ଫିନଟେକ୍, କୃତ୍ରିମ ବୁଦ୍ଧିମତା ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାରେ ସକ୍ଷମ କରିଛି । ସ୍ମାର୍ଟ ସିଟି ମିଶନର ଲକ୍ଷ୍ୟ ଅଟେ । ସହରାଞ୍ଚଳର ବିକାଶ ଯୋଜନା, ଦକ୍ଷ ନାଗରିକ ପରିଚାଳନା ଏବଂ ଉନ୍ନତ ଜୀବନଧାରଣ ମାନ ଦ୍ୱାରା ଭାରତର ସହରାଞ୍ଚଳରେ ଆଖିଦୃଶିଆ ପରିବର୍ତ୍ତନ ହେଇପାରିବ ।

ପରିବେଶ ପରିଚାଳନା ବିକଶିତ ଭାରତ ୨୦୪୭ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ଅଟେ । କେନ୍ଦ୍ର ସରକାରଙ୍କ ଉର୍ଜା ନୀତିରେ ନବୀକରଣୀୟ ଉର୍ଜା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜୈବ ବିବିଧତା ସଂରକ୍ଷଣ ଭଳି ବିଷୟ ଉପରେ ଧ୍ୟାନ ଦିଆଯାଇଛି । ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ (non -fossil fuel) ଉତ୍ସରୁ ୪୦ ପ୍ରତିଶତ ଶକ୍ତି ଉତ୍ପାଦନ କରିବାକୁ ଆମ ଦେଶ ୨୦୧୫ ମସିହାରେ ପ୍ୟାରିସ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଛି । ଖୁସିର ବିଷୟ ଯେ ଭାରତ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ପ୍ରତିଶତ ନବୀକରଣୀୟ ଉର୍ଜା ଉତ୍ପାଦନ କରିସାରିଛି ।

ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଅଧୀନରେ, ୧୦ ନିୟୁତରୁ ଅଧିକ ପରିବାର ଏବେ ମାଗଣା ବିଜୁଳି ପ୍ରଦାନ କରୁଥିବା ଛାତ ଉପରେ ସୌର ପ୍ୟାନେଲ୍ ବ୍ୟବହାର କରୁଛନ୍ତି । ନବୀକରଣୀୟ ଉର୍ଜା ଉତ୍ପାଦନ ହାସଲରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ସରକାର ବନୀକରଣ ଯୋଜନା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦ୍ୱାରା ପରିବେଶର ସନ୍ତୁଳନ ପାଇଁ ଅବିରତ ଉଦ୍ୟମ କରୁଛନ୍ତି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟଗୁଡିକରେ ପ୍ରଶାସନିକ ସ୍ତରରେ ସଂସ୍କାର ଆଣି ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ଦରକାର । ଡିଜିଟାଲ ଇଣ୍ଡିଆ ମିଶନ ଓ ଡିଜିଟାଲ ଭିତ୍ତିଭୂମିକୁ ଏକ ସାର୍ବଜନୀନ ଭାବରେ ଉପଯୋଗ କଲେ ପାରଦର୍ଶିତା ରହିବ ଏବଂ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଓ ଉତ୍ତରଦାୟିତ୍ୱ ଅତି ଆବଶ୍ୟକ ଅଟେ । ସରକାରୀ ଇ-ମାର୍କେଟପ୍ଲେସ୍ (GeM) ଭଳି ପ୍ଲାଟଫର୍ମଗୁଡ଼ିକ ବହୁଳ ଭାବରେ ବ୍ୟବହାର କରିବା ଦରକାର । ଡିଜିଟାଲ ବ୍ୟାଙ୍କିଂ ଏବଂ ଇ-ଶାସନ ଦେଶର ଅର୍ଥନୀତିରେ ଅନ୍ତର୍ଭୁକ୍ତି ବୃଦ୍ଧି କରିବାରେ ସହାୟକ ହେବ ।

ନିୟମାବଳୀର ସରଳୀକରଣ, ପୁରୁଣା ଆଇନର ବିଲୟ ଯୋଗୁଁ ବ୍ୟବସାୟ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି । ବିଶ୍ୱ ବ୍ୟାଙ୍କର ଅନୁମାନ ଅନୁଯାୟୀ, ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଗଣିତ ହେବା ପାଇଁ ଭାରତକୁ ବାର୍ଷିକ ହାରାହାରି ୭.୮ ପ୍ରତିଶତ ଅଭିବୃଦ୍ଧି ଆବଶ୍ୟକ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(IMF )ଏବଂ ଡେଲୋଇଟ୍ ସଂସ୍ଥା ମତରେ ଭାରତକୁ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବାକୁ ହେଲେ, ସରକାରଙ୍କୁ ଉତ୍ପାଦନ, ସେବା ଓ କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ । ନିଜ ରଣନୈତିକ ଦୃଷ୍ଟିକୋଣକୁ ଭାରତ ପ୍ରାଥମିକତା ଦେଉଛି । ବ୍ରିକ୍ସ (BRICS)ରାଷ୍ଟ୍ର ସମୂହର ସଭାପତିତ୍ୱ ଆସନ ଆସନ୍ତା ବର୍ଷ ଭାରତ ଅଳଂକୃତ କରିବା ସହ ବିଶ୍ୱ ଦରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୟୁରୋପୀୟ ରାଷ୍ଟ୍ର ସଙ୍ଘ, ଆଫ୍ରିକା ମହାଦେଶ ଏବଂ ଲାଟିନ୍ ଆମେରିକାର ଦେଶଗୁଡିକ ସହିତ ସହଭାଗିତା ମାଧ୍ୟମରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ରଣନୈତିକ ନୀତିକୁ ଭାରତ ସୁଦୃଢ଼ କରିବ । ବିଶ୍ୱ ଗୋଟିଏ ପରିବାର – 'ବସୁଧୈବ କୁଟୁମ୍ବକମ' ନୀତିରେ ।

ଉର୍ଜା, ଜଳବାୟୁ ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତ ଏକ ସନ୍ତୁଳିତ କୂଟନୀତି ଅବଲମ୍ବନ କରୁଛି । ଏକବିଂଶ ଶତାବ୍ଦୀରେ ବିକଶିତ ଭାରତ -୨୦୪୭ ଏକ ଜାତୀୟ ମିଶନ । ଏହାର ସଫଳତା ସମସ୍ତ ଭାଗିଦାରୀ ଯଥା-ସରକାର, ଘରୋଇ କ୍ଷେତ୍ର ଓ ଜନସାଧାରଣଙ୍କ ସାମୂହିକ ପ୍ରୟାସ ଓ ସହଯୋଗ ଉପରେ ନିର୍ଭର କରୁଛି । ସୁଶାସନ, ସ୍ଥାୟୀ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତ ବିକାଶ (inclusive development) ମାଧ୍ୟମରେ, ଭାରତ ଏହାର ଜନସଂଖ୍ୟାଗତ ଲାଭାଂଶ (Demographic dividend ) କୁ ପାଥେୟ କରି ବିକଶିତ ଅର୍ଥନୀତିରେ ପରିଣତ ହେଇପାରିବ । ଏଥିପାଇଁ ଆମ ସମସ୍ତେ ଦୃଢ଼ ସଂକଳ୍ପ କରିବା ଦରକାର ।

**ବିଶ୍ୱ ବ୍ୟାଙ୍କର ଅନୁମାନ ଅନୁଯାୟୀ, ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଗଣିତ ହେବା ପାଇଁ ଭାରତକୁ ବାର୍ଷିକ ହାରାହାରି ୭.୮ ପ୍ରତିଶତ ଅଭିବୃଦ୍ଧି ଆବଶ୍ୟକ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(IMF ) ଏବଂ ଡେଲୋଇଟ୍ ସଂସ୍ଥା ମତରେ ଭାରତକୁ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବାକୁ ହେଲେ, ସରକାରଙ୍କୁ ଉତ୍ପାଦନ, ସେବା ଓ କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ । ନିଜ ରଣନୈତିକ ଦୃଷ୍ଟିକୋଣକୁ ଭାରତ ପ୍ରାଥମିକତା ଦେଉଛି । ବ୍ରିକ୍ସ (BRICS)ରାଷ୍ଟ୍ର ସମୂହର ସଭାପତିତ୍ୱ ଆସନ ଆସନ୍ତା ବର୍ଷ ଭାରତ ଅଳଂକୃତ କରିବା ସହ ବିଶ୍ୱ ଦରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୟୁରୋପୀୟ ରାଷ୍ଟ୍ର ସଙ୍ଘ, ଆଫ୍ରିକା ମହାଦେଶ ଏବଂ ଲାଟିନ୍ ଆମେରିକାର ଦେଶଗୁଡିକ ସହିତ ସହଭାଗିତା ମାଧ୍ୟମରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ରଣନୈତିକ ନୀତିକୁ ଭାରତ ସୁଦୃଢ଼ କରିବ । ବିଶ୍ୱ ଗୋଟିଏ ପରିବାର – 'ବସୁଧୈବ କୁଟୁମ୍ବକମ' ନୀତିରେ ।**

**ପୂର୍ବତନ ଉପ-ମହାପ୍ରବନ୍ଧକ,**
**ବ୍ୟାଙ୍କ ଅଫ ଇଣ୍ଡିଆ,**
**ଏଚ ଆଇ ଜି ୨୫୬**
**କଳିଙ୍ଗ ବିହାର**
**ଭୁବନେଶ୍ୱର**

# ବ୍ୟବହାରିକ ବିଦ୍ୟା

**ଶ୍ରୀବତ୍ସ ନାୟକ**

ପ୍ରାଚୀନ ଯୁଗରେ କଶ୍ୟପ ମୁନୀଙ୍କର ଗୁରୁକୁଳ ବ୍ୟବସ୍ଥା ବେଶ୍ ଚର୍ଚ୍ଚିତ ଥିଲା । ଦିନେ କଶ୍ୟପ ମୁନି ଉଦାସ ମନରେ ଥିବା ସମୟରେ କେହି ଜଣେ ଛାତ୍ର ପ୍ରଶ୍ନ କଲା ଯେ, ଗୁରୁଜୀ ଆପଣଙ୍କର ଚିର ପ୍ରସନ୍ନ ମୁଖ ଆଜି କାହିଁକି ମଉଳି ଯାଇଛି ? ଆପଣ ଚିନ୍ତାଗ୍ରସ୍ତ ଥିବା ଭଳି ଲାଗୁଛନ୍ତି ?

ଏହା ଶୁଣି କଶ୍ୟପ ମୁନି କହିଲେ-ମୋର କନ୍ୟା ବିବାହଯୋଗ୍ୟା ହୋଇଗଲାଣି ତା'ରି ଲାଗି ଉପଯୁକ୍ତ ବରପାତ୍ରଟିଏ ଯୋଗାଡ କରିଛି । କିନ୍ତୁ କନ୍ୟା ପକ୍ଷରୁ ବର କନ୍ୟାଙ୍କୁ ଉପହାର ଦେବା ପାଇଁ ମୋ ନିକଟରେ କିଛି ବି ନାହିଁ । ଏହା ଶୁଣି ସାରିବା ପରେ ଗୁରୁକୁଳର କିଛି ଧନାଢ୍ୟ ଶିଷ୍ୟ କହିଲେ-ଗୁରୁଦେବ ! ଏ ସମ୍ବନ୍ଧରେ ଆପଣ ଆଦୌ ଚିନ୍ତା ପ୍ରକଟ କରନ୍ତୁ ନାହିଁ । ଆମେ ଆମ ଘରେ କହି ଆବଶ୍ୟକ ଧନରାଶି ଆପଣଙ୍କ ନିମନ୍ତେ ଆଣିଦେବୁ । ତତ୍‌କ୍ଷଣାତ ଗୁରୁଜୀ କହିଲେ- ହଁ, ଠିକ୍ ଅଛି ପିଲାମାନେ ତୁମେମାନେ ଯଦି କହୁଛ, ତା' ହେଲେ ମୁଁ ଆଜ୍ଞା ଦେଉଛି କିନ୍ତୁ ମନେରଖ ।

ଏଥି ନିମନ୍ତେ ମୋର ଏକ ସର୍ତ୍ତ ତୁମମାନଙ୍କୁ ମାନିବାକୁ ପଡ଼ିବ । ସର୍ତ୍ତଟି ହେଉଛି ତୁମେମାନେ ଯାହା ଆଣିବ, ତାହା ଯେମିତି କେହି ନ ଦେଖନ୍ତି କେହି ଦେଖିଲେ, ଏହା ମୋର କୌଣସି କାର୍ଯ୍ୟରେ ଆସିବ ନାହିଁ । ଅନ୍ୟଥା ଏହା ଅଶୁଭ ବୋଲି ବିବେଚିତ ହେବ । ଶିଷ୍ୟମାନେ ଏହି ସର୍ତ୍ତକୁ ଗ୍ରହଣ କରି ନିଜ ନିଜ ଘରକୁ ଚାଲି ଯାଇଥିଲେ ।

ପରଦିନ ପ୍ରତ୍ୟେକ ପିଲା ପର୍ଯ୍ୟାପ୍ତ ଉପହାର ସାମଗ୍ରୀ ସହ ଘରୁ ପ୍ରତ୍ୟାବର୍ତ୍ତନ କଲେ । କିନ୍ତୁ ଏକମାତ୍ର ଶିଷ୍ୟ ରିକ୍ତ ହସ୍ତରେ ଫେରିଥିଲା । ଏହା ଦେଖି ଗୁରୁଜୀ ପ୍ରଶ୍ନ କଲେ- କଣ ତୁମେ ଶୂନ୍ୟ ହସ୍ତରେ ଫେରି ଆସିଲ? ତୁମର ପିତା ମାତା କ'ଣ ନିର୍ଦ୍ଧନ?

ଶିଷ୍ୟ ଉତ୍ତର ଦେଇଥିଲା, ଗୁରୁଦେବ ! ଆପଣଙ୍କ ସର୍ତ୍ତ ପୂରଣ କରିବାର ସୁଯୋଗ ମୁଁ ପାଇଲି ନାହିଁ । ତେଣୁ ଶୂନ୍ୟ ହସ୍ତରେ ଆଗମନ କଲି । ମୋତେ କ୍ଷମା କରିଦିଅନ୍ତୁ । ଗୁରୁଦେବ, ଆପଣ କହିଥିଲେ ନା ଉପହାର ଆଣିବା ସମୟରେ ଯେମିତି କେହି ନ ଦେଖନ୍ତି ।

ମୁଁ ଏଭଳି ଅବସର ପାଇନଥିଲି । ମୁଁ ଅନୁଭବ କଲି, କେହି ଦେଖନ୍ତୁ କି ନଦେଖନ୍ତୁ ଜଣେ ତ ସବୁ କିଛି ଦେଖୁଛନ୍ତି । ତାଙ୍କ ଠାରୁ କିପରି ବା ଏହା ଲୁଚି ଯାଇପାରିବ ! ସେ ତ ପ୍ରତିକ୍ଷଣ ଆମର ପ୍ରତ୍ୟେକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାନ୍ତି । ଆପଣ ପରା ଶିକ୍ଷା ଦେଇଥିଲେ,

**'ଯାହା ମୁଁ କରଇ, ଯାହା ମୁଁ ଦେଖଇ ଯାହା**
**ମୁଁ ଚିନ୍ତଇ ମନେ, ଜଗତର ପ୍ରଭୁ ଜଗତ**
**ଈଶ୍ୱର ଦେଖୁଛନ୍ତି ପ୍ରତି କ୍ଷଣେ ।'**

ମୁଁ ସେହି ସର୍ବବ୍ୟାପୀ ସତ୍ତାର ଅସ୍ତିତ୍ୱ ଅନୁଭବ ପରେ ଯାହା କିଛି ଆପଣଙ୍କ ପାଇଁ ଉପହାର ସ୍ୱରୂପ ଆଣିଥାନ୍ତି, ତାହା ଅଶୁଭ ବିବେଚିତ ହୋଇଥାନ୍ତା । ଆପଣଙ୍କର ଏହି ନିର୍ଦ୍ଦେଶକୁ ଧ୍ୟାନରେ ରଖି ମୁଁ କିଛି ଆଣିପାରିଲି ନାହିଁ ।

ଏହା ଶୁଣିସାରିବା ପରେ ମୁନି କାଶ୍ୟପ ଆନନ୍ଦରେ ବିଭୋର ହୋଇ ଶିଷ୍ୟଟିକୁ ଆଲିଙ୍ଗନ ପରେ ଆଲିଙ୍ଗନ କରି କହିଥିଲେ- ତୁମେ ହିଁ ପ୍ରକୃତ ଶିକ୍ଷା ଗ୍ରହଣ କରିଛ । ମୋର ନିର୍ଦ୍ଦେଶ ସତ୍ତ୍ୱେ ତୁମେ ଅଶୋଭନୀୟ କାର୍ଯ୍ୟ ନକରି ତୁମ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛ ।

ମୁଁ ମୋର କନ୍ୟା ନିମନ୍ତେ ଧନ ଦୌଲତ ଖୋଜୁ ନଥିଲି ବରଂ ଖୋଜୁଥିଲି ଉପଯୁକ୍ତ ପାତ୍ର । ତୁମେ ମୋ ବିଚାରରେ ଯୋଗ୍ୟତମ । ଏଥି ସହିତ ଗୁରୁ କଶ୍ୟପ ସମବେତ ଶିଷ୍ୟଙ୍କ ଉଦ୍ଦେଶ୍ୟରେ କହିଥିଲେ-

**'ଗୁରୁଙ୍କଠାରୁ ଶୁଣିବା କିମ୍ବା ପୁସ୍ତକ ପଠନ କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହଁ ବରଂ ବ୍ୟବହାରିକ ଜୀବନରେ ଏହାର ଠିକ୍ ବ୍ୟବହାର କଲେ ଶିକ୍ଷା ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୋଇଥାଏ । '**

**ଶିଷ୍ୟ ଉତ୍ତର ଦେଇଥିଲା, ଗୁରୁଦେବ ! ଆପଣଙ୍କ ସର୍ତ୍ତ ପୂରଣ କରିବାର ସୁଯୋଗ ମୁଁ ପାଇଲି ନାହିଁ । ତେଣୁ ଶୂନ୍ୟ ହସ୍ତରେ ଆଗମନ କଲି । ମୋତେ କ୍ଷମା କରିଦିଅନ୍ତୁ । ଗୁରୁଦେବ, ଆପଣ କହିଥିଲେ ନା ଉପହାର ଆଣିବା ସମୟରେ ଯେମିତି କେହି ନ ଦେଖନ୍ତି । ମୁଁ ଏଭଳି ଅବସର ପାଇନଥିଲି । ମୁଁ ଅନୁଭବ କଲି, କେହି ଦେଖନ୍ତୁ କି ନଦେଖନ୍ତୁ ଜଣେ ତ ସବୁ କିଛି ଦେଖୁଛନ୍ତି । ତାଙ୍କ ଠାରୁ କିପରି ବା ଏହା ଲୁଚି ଯାଇପାରିବ !**

**ଅଧ୍ୟାପକ,**
**ବାଣିଜ୍ୟ ବିଭାଗ, କଟକ**

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜି-୨୦ ଘୋଷଣାନାମାରେ...

ସଦସ୍ୟ ଦେଶମାନେ ସ୍ବାଗତ କରିଛନ୍ତି ।

ପ୍ରଥମ ଥର ପାଇଁ ଆଫ୍ରିକା ମାଟିରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ଅନେକ କାରଣରୁ ସମଗ୍ର ବିଶ୍ୱର ଫୋକସରେ ରହିଛି । ଆମେରିକାର ଅସହଯୋଗ ପଦକ୍ଷେପ ଏବଂ ମିଳିତ ଘୋଷଣାପତ୍ର ଜାରି ନକରିବା ପାଇଁ ଦିଆଯାଇଥିବା ସଙ୍କେତକୁ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ପ୍ରତ୍ୟାଖ୍ୟାନ କରିଛନ୍ତି । ରାମାଫୋସାଙ୍କ ନେତୃତ୍ୱରେ ସମ୍ମିଳନୀ ସବୁଦିଗରୁ ସଫଳ ହୋଇଛି ଏବଂ ଏକ ବିସ୍ତୃତ ଘୋଷଣାପତ୍ର ଗୃହୀତ ହୋଇଛି । ଏହି ଘୋଷଣାପତ୍ରରେ ଋଣଗ୍ରସ୍ତ ଦେଶମାନଙ୍କ ପାଇଁ ତୁରନ୍ତ ଋଣ ମୁକ୍ତି, ନବୀକରଣଯୋଗ୍ୟ ଶକ୍ତିର ତିନିଗୁଣ ବୃଦ୍ଧି, ଖଣିଜ ସମ୍ପଦର ମୂଲ୍ୟ ନିର୍ଦ୍ଧାରଣ ଓ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଶାନ୍ତି ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କୁ ବିକାଶର ନୂଆ ପର୍ଯ୍ୟାୟରେ ପହଞ୍ଚାଇବା ନିଷ୍ପତ୍ତିକୁ ଆଗକୁ ବଢ଼ାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇଛି । ଏହା ସହିତ "ଗ୍ଲୋବାଲ୍ ସାଉଥ୍'ର ଶକ୍ତି ବୃଦ୍ଧି ଓ ସହଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସ୍ତାବକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ପ୍ରାକୃତିକ ବିପର୍ଯ୍ୟୟ ମାନବତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରି ଚାଲିଛି । ଏହି ବର୍ଷ ମଧ୍ୟ, ସେମାନେ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶକୁ ପ୍ରଭାବିତ କରିଛନ୍ତି । ଏହି ଘଟଣାଗୁଡ଼ିକ ପ୍ରଭାବଶାଳୀ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ମଜବୁତ କରିବାର ଆବଶ୍ୟକତାକୁ ସ୍ପଷ୍ଟ ଭାବରେ ଉଜ୍ଜ୍ୱଳ କରିଥାଏ । ଏହି ଚିନ୍ତାଧାରାକୁ ସମର୍ଥନ କରିବା ପାଇଁ, ଭାରତ ଏହାର ଗ୍ରୁପ୨୦ ସଭାପତିତ୍ୱ ସମୟରେ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟ ଗୋଷ୍ଠୀ ଗଠନ କରିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡାକୁ ପ୍ରାଥମିକତା ଦେବା ପାଇଁ ମୁଁ ଦକ୍ଷିଣ ଆଫ୍ରିକାକୁ ମଧ୍ୟ ଅଭିନନ୍ଦନ ଜଣାଉଛି ।

ବିପର୍ଯ୍ୟୟ ସ୍ଥିରତା ପାଇଁ ଆମର ଆଭିମୁଖ୍ୟ 'ପ୍ରତିକ୍ରିୟା-କେନ୍ଦ୍ରିକ' ହେବା ଠାରୁ 'ବିକାଶ-କେନ୍ଦ୍ରିକ' ହେବା ଉଚିତ । ବିପର୍ଯ୍ୟୟ ସ୍ଥିରତା ପାଇଁ ଆମର ଆଭିମୁଖ୍ୟ 'କେନ୍ଦ୍ରିକ' ହେବା ଉଚିତ । ବିପର୍ଯ୍ୟୟ ସ୍ଥିରତା ପାଇଁ ମେଣ୍ଟ ପ୍ରତିଷ୍ଠା କରିବା ପାଇଁ ଭାରତର ପଦକ୍ଷେପ ପଛରେ ଏହା ହିଁ ଧାରଣା ଥିଲା ।ସିଡିଆରଆଇ ସହିତ ମିଶି କାମ କରି, ଜି୨୦ ଦେଶଗୁଡ଼ିକ ଏକ ସ୍ଥିର ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଅର୍ଥ, ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତାକୁ ଏକତ୍ରିତ କରିପାରିବେ ।

ଭାରତ ଏହା ମଧ୍ୟ ବିଶ୍ୱାସ କରେ ଯେ ମହାକାଶ ପ୍ରଯୁକ୍ତିବିଦ୍ୟା ସମଗ୍ର ମାନବତାକୁ ଲାଭ ପହଞ୍ଚାଇବା ଉଚିତ । ସେଥିପାଇଁ ଆମେ ଜି୨୦ ମୁକ୍ତ ସାଟେଲାଇଟ୍ ଡାଟା ସହଭାଗୀତା ପ୍ରସ୍ତାବ ଦେଉଛୁ । ବିଶ୍ୱ ଅଭିବୃଦ୍ଧି ପାଇଁ ସ୍ଥାୟୀତ୍ୱ ଏବଂ ସ୍ୱଚ୍ଛ ଶକ୍ତି ଅତ୍ୟାବଶ୍ୟକ ।ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଗୁରୁତ୍ୱପୂର୍ଣ୍ଣ ଏବଂ ମାନବତା ପାଇଁ ଏକ ସହଭାଗୀ ସମ୍ବଳ ଭାବରେ ଦେଖାଯିବା ଉଚିତ । ସେଥିପାଇଁ ଭାରତ ଜି୨୦ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସର୍କୁଲାରିଟି ଇନିସିଏଟିଭ୍ ପ୍ରସ୍ତାବ ଦେଇଛି ଯାହା ପୁନଃଚକ୍ରଣ, ସହରାଞ୍ଚଳ ଖଣି ଏବଂ ଦ୍ୱିତୀୟ-ଜୀବନ ବ୍ୟାଟେରୀ ଭଳି ନବସୃଜନକୁ ଚଳାଇପାରିବ । ସର୍କୁଲାରିଟିରେ ବିନିଯୋଗ ପ୍ରାଥମିକ ଖଣି ଉପରେ ନିର୍ଭରଶୀଳତା ହ୍ରାସ କରିବ, ଯୋଗାଣ ଶୃଙ୍ଖଳ ଉପରେ ଚାପ କମ କରିବ ଏବଂ ପରିବେଶକୁ ଲାଭ ଦେବ । ଏହି ପଦକ୍ଷେପ ବିଶ୍ୱ ଦକ୍ଷିଣରେ ମିଳିତ ଗବେଷଣା, ସାଧାରଣ ପ୍ରଯୁକ୍ତି ମାନଦଣ୍ଡ ଏବଂ ପାଇଲଟ୍ ପୁନଃଚକ୍ରଣ ସୁବିଧାଗୁଡ଼ିକୁ ମଧ୍ୟ ସକ୍ଷମ କରିପାରିବ ।

ନୂଆଦିଲ୍ଲୀ ଜି୨୦ ଶିଖର ସମ୍ମିଳନୀ ସମୟରେ, ଆମେ ୨୦୩୦ ସୁଦ୍ଧା ନବୀକରଣୀୟ ଶକ୍ତିକୁ ତିନି ଗୁଣ ଏବଂ ଶକ୍ତି-ଦକ୍ଷତା ହାରକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଥିଲୁ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ବିକଶିତ ଦେଶଗୁଡ଼ିକୁ ସମୟସୀମା ମଧ୍ୟରେ ସୁଲଭ ଜଳବାୟୁ ଆର୍ଥିକ ଏବଂ ପ୍ରଯୁକ୍ତି ଯୋଗାଇବା ପାଇଁ ସେମାନଙ୍କର ପ୍ରତିଶ୍ରୁତି ପୂରଣ କରିବାକୁ ପଡିବ । ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଚ୍ୟାଲେଞ୍ଜ ଯୋଗୁଁ, ଆମର କୃଷି କ୍ଷେତ୍ର ଏବଂ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ଅଧିକ ଗୁରୁତର ହେଉଛି । ଅନେକ ଦେଶରେ ଚାଷୀମାନେ ସାର, ପ୍ରଯୁକ୍ତିବିଦ୍ୟା, ଋଣ, ବୀମା ଏବଂ ବଜାର ପାଇବାରେ ବଢୁଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରତ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିଜସ୍ୱ ପ୍ରୟାସ କରୁଛି । ଭାରତରେ ଆମେ ବିଶ୍ୱର ସର୍ବବୃହତ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିକର ସହାୟତା କାର୍ଯ୍ୟକ୍ରମ ଚଳାଉ । ଆମେ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଏବଂ ସର୍ବବୃହତ ଫସଲ ବୀମା ଯୋଜନା ମଧ୍ୟ ଚଳାଉ ।

## ୪୮ ଘଣ୍ଟାରେ...

ବାତ୍ୟା ପ୍ରଭାବରେ ଓଡ଼ିଶାରେ ୨୮ ତାରିଖ ବେଳକୁ ବର୍ଷା ଆରମ୍ଭ ହୋଇପାରେ । ତେବେ ବର୍ଷା ହେବା ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଛି । ଧାନକ୍ଷେତ୍ରରେ ଧାନଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ଜୋରସୋରରେ ଧାନ କାଟିବା ଆରମ୍ଭ କରିସାରିଛନ୍ତି । ତେବେ ନଭେମ୍ବର ଶେଷରେ ଯଦି ବର୍ଷା ହୁଏ, ତା'ହେଲେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି । ତେବେ ଚାଷୀମାନେ ଯଥାଶୀଘ୍ର ପାଚିଲା ଧାନ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ କୃଷି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ରାଜଧାନୀ ଭୁବନେଶ୍ୱରରେ କୁହୁଡିର ପ୍ରଭାବ ବଢ଼ିଛି । ସାରା ରାଜ୍ୟରେ ଶୀତ କମିଥିବା ବେଳେ କୁହୁଡି ପଡୁଥିବା ଦେଖା ଦେଇଛି । ଆଜି (ରବିବାର) ଭୋରରୁ ରାଜଧାନୀ ଭୁବନେଶ୍ୱର ଏୟାରପୋର୍ଟରେ କୁହୁଡି ଯୋଗୁଁ ସର୍ବନିମ୍ନ ଦୃଶ୍ୟମାନ ଦୂରତା ୫୦ ମିଟର ରେକର୍ଡ କରାଯାଇଛି । ଗୁରୁଚାପ ବଳୟ ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ କୁହୁଡିର ପରିସ୍ଥିତି ଦେଖାଦେବ ।

## ହ୍ୟୁମାନ ସାଗର...

ମୋ ପାଖରେ ଔଷଧ ଅଛି ମୁଁ ଖାଇଲେ ଭଲ ହୋଇଯିବ ବୋଲି ଟେଲିଫୋନ୍ ଯୋଗେ ମାଙ୍କୁ କହିଥିଲେ ।

ଚଳିତ ମାସ ୧୦, ୧୧, ୧୨ ତାରିଖରେ କଣ କଣ ସବୁ ଘଟିଲା ତାହା ଟେଲିଫୋନ୍ ଯୋଗେ ମା ଗଣମାଧ୍ୟମକୁ କହିବା ବେଳେ କହିଥିଲେ ଯେ, ୧୦ ତାରିଖରେ ପୁଅର ମେ'ଫେୟାର ଲାଗୁନରେ ପୋଗ୍ରାମ ଅଛି । ପୋଗ୍ରାମ ସରିବା ପରେ ମା'ଙ୍କୁ ସେ ଜଣାଇଥିଲେ ଯେ, ପୋଗ୍ରାମ ଭଲ ହେଲା ବୋଲି । ୧୧ ତାରିଖ ଦିନ ମା ହ୍ୟୁମାନଙ୍କୁ ଫୋନ୍ କରିବା ପରେ ଦେହ ଭଲ ଲାଗୁନି, ପେଟ ବହୁତ ଜୋର କାଟୁଛି ବୋଲି ସେ କହିଥିଲେ । ଖଟରେ ପଡି ଛଟପଟ ହେବା ସହ ଚିତ୍କାର କରିବା କଥା ମା ଟେଲିଫୋନରେ ଶୁଣି ହସ୍ପିଟାଲ ଯିବା ପାଇଁ କହିଥିଲେ । ଏପରିକି ପୁଅକୁ ହସ୍ପିଟାଲ୍ ନେବାକୁ ମ୍ୟାନେଜରଙ୍କୁ ତାଙ୍କ ମା କହିଥିଲେ । ହ୍ୟୁମାନଙ୍କୁ ହସ୍ପିଟାଲ ନେଇ ଇଞ୍ଜେକସନ ଦେବା ସହ ସେଠାରେ ଦୁଇ ଘଣ୍ଟା ରଖିବା ପରେ ଘରକୁ ଆଣି ପୋଗ୍ରାମକୁ ତାଙ୍କୁ ମ୍ୟାନେଜର ନେଇଥିଲେ । ଚିକିତ୍ସା ବେଳେ ଡାକ୍ତର କହିଥିଲେ ଯେ, ମଦ ଛାଡି ସନ୍ତୁଳିତ ଖାଦ୍ୟ ଖାଇବା ସହ ବିଶ୍ରାମ ଆବଶ୍ୟକ । ହେଲେ ଡାକ୍ତରଙ୍କ କଥାକୁ ତାଙ୍କ କର୍ମଚାରୀମାନେ ନମାନି ପୋଗ୍ରାମ କରିବାକୁ ହ୍ୟୁମାନଙ୍କୁ ସାଙ୍ଗରେ ନେଇ ଯାଇଥିଲେ ।

୧୨ ତାରିଖ ଦିନ ପୁଣି ପେଟ ପ୍ରବଳ ଜୋର କାଟିବାରୁ ମା'ଙ୍କୁ ସେ ଫୋନ କରି କହିଥିଲେ ମୋତେ ହସ୍ପିଟାଲକୁ ଯିବାକୁ ହେବ । ପରିସ୍ଥିତି ଅସମ୍ଭାଳ ହେବାରୁ ତାଙ୍କ କର୍ମଚାରୀମାନେ ତାଙ୍କୁ ମେଡ଼ିକାଲକୁ ନେଇଥିଲେ । ଏପରିକି ସେ ଆଇସିୟୁରେ ଭର୍ତ୍ତି ହୋଇ ଭେଣ୍ଟିଲେଟର ସହାୟତାରେ ଚିକିତ୍ସିତ ହୋଇଥିଲେ । ସେଠାରେ ତାଙ୍କ ବକାୟା ଟଙ୍କା ସେ ମାଗିବାରୁ ୨ ଲକ୍ଷ ଟଙ୍କା ତାଙ୍କ ଅଫିସ୍ ଷ୍ଟାଫ ତାଙ୍କୁ ଦେଇଥିବା ଗଣମାଧ୍ୟମକୁ ମତ ଦେଇଛନ୍ତି । ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ପୁଅକୁ ଚିକିତ୍ସା ପାଇଁ ବାହାରକୁ ନେବା ପାଇଁ ମା ମତ ରଖିବାରୁ ଅଫିସ କର୍ମଚାରୀ କହିଥିଲେ ଓଡ଼ିଶାରେ କଣ ନାହିଁ ଯେ, ଚିକିତ୍ସା ପାଇଁ ବାହାରକୁ ନେବାକୁ ହେବ । ପୁଅର ରୋଜଗାର ଟଙ୍କା ସମ୍ପର୍କରେ ମା ଜାଣିବାକୁ ଚାହିଁବାରୁ ସେମାନେ ତାଙ୍କୁ ଦେଲେ ନାହିଁ । ସେହି ୧୨ ତାରିଖ ଦିନ ହ୍ୟୁମାନଙ୍କ ମୃତ୍ୟୁ ହୋଇଗଲା ବୋଲି ମା କହିଛନ୍ତି । ଟେଲିଫୋନ ବାର୍ତ୍ତାରେ ମା କହିଥିଲେ ଯେ, ପୁଅ କଟକ ଘର ଥିବା ବେଳେ ରାତିରେ କିଏ ତାଙ୍କ ପାଖକୁ ନିୟମିତ ଆସନ୍ତି । ଏମ୍ସକୁ ମଧ୍ୟ ସେହି ସନ୍ଦିଗ୍ଧ ବିଳମ୍ବିତ ରାତିରେ ଯାଇଥିଲେ । ଚଳିତ ମାସ ୧୦, ୧୧, ୧୨ ତାରିଖରେ କଣ ସବୁ ଘଟିଲା ତାଙ୍କ ମା ଗଣମାଧ୍ୟମକୁ ଟେଲିଫୋନ୍ ବାର୍ତ୍ତାରେ କହିଛନ୍ତି । ତାଙ୍କୁ ଦୁଇ ବର୍ଷ ହେଲା ଚିକିତ୍ସା କରୁଥିବା ଡାକ୍ତର ବିଶ୍ରାମ ନେବାକୁ କହିଥିବା ବେଳେ ଅଫିସ କର୍ମଚାରୀମାନେ ପୋଗ୍ରାମ ପରେ ପୋଗ୍ରାମ ଆଡଭାନ୍ସ ରଖୁଥିଲେ । ବିଶ୍ରାମ କରିବା ପାଇଁ ସେ ସୁଯୋଗ ପାଇଲେ ନାହିଁ । ଯାହା ଫଳରେ ତାଙ୍କର ମୃତ୍ୟୁ ହେଲା । ଏମ୍ସରେ ହ୍ୟୁମାନଙ୍କ ଚିକିତ୍ସା ଯାଉଥିବା ଡାକ୍ତର କହିବା କଥା ଯଦି ୧୫ ଦିନ ପୂର୍ବରୁ ତାଙ୍କୁ ଚିକିତ୍ସା ପାଇଁ ଅଣାଯାଇଥାନ୍ତା ହୁଏତ ସେ ବଞ୍ଚି ଯାଇଥାନ୍ତେ ।

ତାଙ୍କ ମୃତ୍ୟୁ ପୂର୍ବରୁ ମାଙ୍କ ଉପସ୍ଥିତିରେ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ନିର୍ଦ୍ଦେଶନାରେ ଯେଉଁ ଶେଷ ଗୀତ କମ୍ପୋଜ ହୋଇଥିଲା ତାହା ରିଲିଜ ହୋଇପାରିନାହିଁ । ସେ ଗୀତର ମୁଖୁଡା ଓ ଅନ୍ତରା ରିଏଲସେଲ ହୋଇଥିବା ବେଳେ ତାହା ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । ସେହି ଶେଷ ଗୀତ ହେଲା 'ବରଷାର ଛିଟା ଲାଗେ ମିଠା ମିଠା' । ଗୀତଟି ସଂଗୀତପ୍ରେମୀଙ୍କ ପାଖକୁ ଆସିଥିଲେ ସଂଗୀତପ୍ରେମୀମାନେ ତାକୁ ଭୁଲି ପାରିନଥାନ୍ତେ ବୋଲି ପ୍ରେମାନନ୍ଦ ମତ ଦେବା ସହ ହ୍ୟୁମାନଙ୍କୁ ବିଶ୍ରାମ କରିବାକୁ ସେ ବହୁ ପୂର୍ବରୁ ପରାମର୍ଶ ଦେଇଥିଲେ । ତାଙ୍କ ଅଫିସ୍ କର୍ମଚାରୀମାନେ ତାହା ଠିକ୍ ସେ ପାଳନ କରିନଥିଲେ । ଯାହା ଫଳରେ ଜଣେ ଦକ୍ଷ କଣ୍ଠଶିଳ୍ପୀଙ୍କୁ ଓଡ଼ିଶା ହରାଇଲା । ନିୟମିତ ରାତିରେ ପୁଅ ପାଖକୁ ଆସୁଥିବା ଯୁବତୀ ୨୦ ଲକ୍ଷ ଟଙ୍କାର କାର ଚଢିବା ସହ ୪୦ ହଜାର ଟଙ୍କା ଘରଭଡା ଦେଇ ରହୁଛନ୍ତି, କାହା ଟଙ୍କାର ବୋଲି ହ୍ୟୁମାନ ପ୍ରଶଂସକମାନେ ପ୍ରଶ୍ନ କରିଛନ୍ତି । ହ୍ୟୁମାନଙ୍କ ମୃତ୍ୟୁମାମଲାର ନିରପକ୍ଷ ତଦନ୍ତ ହେଲେ ସବୁ ରହସ୍ୟ ସାମ୍ନାକୁ ଆସିବ ବୋଲି ପ୍ରଶଂସକ ମତ ଦେଇଛନ୍ତି ।

## ୧ରୁ ସଂସଦର...

ପ୍ରସ୍ତାବ ଏହି ବିଲ୍ ଚଣ୍ଡିଗଡ଼କୁ ସମ୍ବିଧାନର ଧାରା ୨୪୦ ଅଧୀନରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରଖିଛି ଯାହା ଦ୍ୱାରା ଏହାର ପ୍ରଶାସନକୁ ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ସମାନ କରାଯାଇପାରିବ ଯେଉଁଠାରେ ବିଧାନସଭା ନାହିଁ, ଯେପରିକି ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ, ଏବଂ ପୁଡୁଚେରୀ (ଯେତେବେଳେ ଏହାର ବିଧାନସଭା ଭଙ୍ଗ କିମ୍ବା ସ୍ଥଗିତ କରାଯାଏ) । କିନ୍ତୁ କଂଗ୍ରେସ, ଅକାଳୀ ଦଳ ପରି ଦଳ ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି । ଧାରା ୨୪୦ ରାଷ୍ଟ୍ରପତିଙ୍କୁ କିଛି ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ, ଯେପରିକି ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ, ଏବଂ ପୁଡୁଚେରୀ (ଯେତେବେଳେ ଏହାର ବିଧାନସଭା ଭଙ୍ଗ କିମ୍ବା ସ୍ଥଗିତ କରାଯାଏ) ସମ୍ପର୍କରେ ଆଇନ ପ୍ରଣୟନ କରିବାର କ୍ଷମତା ପ୍ରଦାନ କରେ । ରାଷ୍ଟ୍ରପତି ଏହି କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାନ୍ତି, ବିକାଶ ଏବଂ ସୁଶାସନ ପାଇଁ ଆଇନ ପ୍ରଣୟନ କରିପାରିବେ ।

# ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ, ଯୋଗ ଦେଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,(ଜିପ୍ର): କେନ୍ଦୁଝରର ରାଇକଳା ଠାରେ ଆୟୋଜିତ ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଅନୁରାଗ ଏଇ, ଶୁଆକାଟୀ ଦଳକୁ ପୁରସ୍କୃତ କରିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟଯେ, ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୨ ତାରିଖ ଠାରୁ ରାଇଜିଂ ଷ୍ଟାର, ରାଇକଳା ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏହାର ଫାଇନାଲ ମ୍ୟାଚ ଆଜି ଅନୁରାଗ ଏଇ, ଶୁଆକାଟୀ ଏବଂ ରିଷି ଫାଇଟର, ଝୁମ୍ପୁରା ମଧ୍ୟରେ ହୋଇଥିଲା । ରନର୍ସ ଅପ ରିଷି ଫାଇଟର, ଝୁମ୍ପୁରାକୁ ୧. ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳିଙ୍ଗ କପ ହେଉଛି ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ଫଳ । ଏହା ଆମକୁ ଶିଖାଏ-ଖେଳ କେବଳ ଶାରୀରିକ କ୍ରିୟାନୁଷ୍ଠାନ ନୁହେଁ, ବରଂ ଏକ ଜୀବନ ଶୈଳୀ, ଏକ ମନୋଭାବଛଦଳୀୟ ଆତ୍ମା, ସମୟାନୁଷ୍ଠାନ, ଶିଷ୍ଟାଚାର ଓ ସମ୍ମାନ-ଏହି ସବୁ ହେଉଛି ଏହି ପ୍ରତିଯୋଗିତାର ପ୍ରକୃତ ଲକ୍ଷ୍ୟ । କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ । ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି ଛ ବିଗତ ଦିନରେ ଓଡିଶା ଦ୍ୱାରା ଓଡ଼ିଶା ଇଣ୍ଡିଆନ୍ ସୁପର ଲିଗ୍, କଳିଙ୍ଗ ସୁପର କପ୍, ଇଘଏ ଓଡ଼ିଶା ମାଷ୍ଟର୍ସ (ବ୍ୟାଡମିଣ୍ଟନ୍), ଏଓିଓ ହକି ପ୍ରୋ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ସଫଳତାର ସହିତ ଆୟୋଜନ ହୋଇଛି ଭାରତରେ କ୍ରୀଡା ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଓଡିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି । ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍. ଟ୍ରଫି ଶୁଭାରମ୍ଭ କରାଯାଇଛି ଛ ଗ୍ରାମୀଣ ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ଆହୁରି କହିଥିଲେ ଯେ, ଆମ ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ । ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ, କ୍ରିକେଟ, ଫୁଟବଲ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ରହିବ ଛ ଏହାବ୍ୟତୀତ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଏବଂଅନ୍ୟାନ୍ୟ ଇଣ୍ଡୋର କ୍ରୀଡା ପାଇଁ ଏକ ଇଣ୍ଡୋର ହଲ ରହିବ । ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଛ ୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛିଛ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଆୟୋଜକ ରାଇଜିଂ ଷ୍ଟାର କ୍ଲବର ଚେୟାରମ୍ୟାନ ଗଣେଶ୍ୱର ମହାନ୍ତ, ସଭାପତି ଶ୍ରୀକାନ୍ତ ନାଏକ, ସାଧାରଣ ସମ୍ପାଦକ ଗୋପାଳ ବାରିକ, ଉପସଭାପତି ରାମଚନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ଲୋଚନ ମହାନ୍ତ, ମହମ୍ମଦ ମଝାର ହୁସେନ ଓ ବଳଭଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ଜନଜୀବନକୁ ପ୍ରଭାବିତ କରିଛି ଭଦ୍ରକର ଲୋକକଳା ଓ ସାଂସ୍କୃତିକ ପରମ୍ପରା



ଭଦ୍ରକ,(ସବ୍ୟୁ):ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିଭାତ ହୋଇଛି ।ସେପରି ଲୋକକଳା ଓ ସାଂସ୍କୃତିକ ଜଗତକୁ ତାର ଅବଦାନ ଅବିସ୍ମରଣୀୟ । ଭଦ୍ରକ ମାଟିର ମଣିଷ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ,କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର,ଜାତୀୟ କବି ବାଞ୍ଛାନିଧି ମହାନ୍ତି,କେଶବ କବି କୃଷ୍ଣପ୍ରସାଦ ବେହେରା,ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା,ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର,ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର,ଗୀତିକାର,ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷା ନିବୃତ୍ତ ପ୍ରଫେସର ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା,ନବକାକଳୀର ସମ୍ପାଦକ ଡ.ସୁରେନ୍ଦ୍ରନାଥ ତ୍ରିପାଠୀ,ବିଶିଷ୍ଟ ଅତିଥି,ନାଟ୍ୟଶ୍ରୀ ନିର୍ମଳ ରାଉତ,ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଡ.ରମାକାନ୍ତ ନାୟକ,ନାଟ୍ୟ ନିର୍ଦ୍ଦେଶକ ତଥା କବି ସାରଥୀ ପଣ୍ଡା, ମଂଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ,ଅଭିନେତା ତଥା ସଂଗଠକ ନିମାନନ୍ଦ ସାହୁ, ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ବୈକୁ= ବିଶ୍ୱାଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଡଭୋକେଟ୍ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ । ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ ଏବଂ ସମ୍ପାଦକ ରବି ନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ମୁଖ୍ୟମନ୍ତ୍ରୀଙ୍କ...

ପଞ୍ଜୀକରଣ କରିଥିଲେ । ବିଭିନ୍ନ ଅନିବାର୍ଯ୍ୟ କାରଣରୁ ସେପ୍ଟେମ୍ବର ୮ ତାରିଖ ଓ ପରବର୍ତ୍ତୀ ସୋମବାର ଗୁଡ଼ିକରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନ ଶୁଣାଣି ହୋଇପାରିନଥିଲା ।

ସୋମବାର ସକାଳ ୧୦.୩୦ ସମୟରୁ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ସେମାନଙ୍କର ଜନଶୁଣାଣି କରିବେ ।

## ପରିବାରର ୪...

ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଂଚିଛି ଏବଂ ତଦନ୍ତ ଜାରି ରହିଛି । ହତ୍ୟାକାଣ୍ଡର କାରଣ ବାବଦରେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହ । ତେବେ କୁହାଯାଉଛି ଯେ ଗୁଣିଗାରେଡି ଯୋଗୁଁ ଏହି ହତ୍ୟାକାଣ୍ଡ ହୋଇଥାଇପାରେ । ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୋଲିସ ଫୋରେନସିକ୍ ଦଳକୁ ଡକାଇ ତଦନ୍ତ ଆରମ୍ଭ କରିଛି । ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି । ସେମାନେ ହେଉଛନ୍ତି ବୀରେନ୍ଦ୍ର ମାଞ୍ଝି (୩୦), ଆରତୀ କୁମାର (୨୪), ରୋହି କୁମାରୀ (୪) ଏବଂ ବିରାଜ କୁମାର (୨) । ମୃତକଙ୍କ ବାପା ମନୋଜ ମାଞ୍ଝି କହିଛନ୍ତି ଯେ ବୀରେନ୍ଦ୍ର ଏବଂ ଆରତୀ ଛଅ ବର୍ଷ ପୂର୍ବେ ବିବାହ କରିଥିଲେ ।ପୋଲିସ

## ବସ୍ ଧକ୍କାରେ...

ନନ୍ଦ,ଯାଜପୁର ଅତିରିକ୍ତ ତହସିଲଦାର ବି ହରେକୃଷ୍ଣ ପହଁଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଖବରପାଇ ଯାଜପୁର ବିଧାୟିକା ସୁଜାତା ସାହୁ,ବିଜେପି ନେତା ସଂଗ୍ରାମ ପାତ୍ର ଘଟଣାସ୍ଥଳରେ ପହଁଚି ରାସ୍ତାରୋକ କରିଥିବା ଲୋକମାନଙ୍କୁ ବୁଝାଶୁଝା କରି ଆନ୍ଦୋଳନରୁ ଓହରି ଯିବାକୁ ପରାମର୍ଶ ଦେଇଥିଲେ। ରବିବାର ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ରାସ୍ତାରୋକ ହଠାଯାଇ ଗାଡି ଚଳାଚଳ ସୁବିଧା କରାଇଥିଲେ। ଆହତଙ୍କ ମଧ୍ୟରୁ ରବିନ୍ଦ୍ର ଜେନାଙ୍କ ପୁଅ ଅଭୟ ଜେନା(୨୦)ଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ଯୁବକ ବସନ୍ତ ଜେନାଙ୍କ ପୁଅ କିଶୋର(୧୫),ବିପିନ ଜେନାଙ୍କ ପୁଅ ମନମୋହନ(୧୮) ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଭାବରେ ବିରକିଶୋର ଜେନାଙ୍କ ପୁଅ ରାକେଶ(୧୮) ଯାଜପୁର ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧିନ ଅଛନ୍ତି ।

## ତିନି ଦୁର୍ଦ୍ଧାନ୍ତ...

ବଜାରର ମା' ତାରିଣୀ ଟ୍ରାନ୍ସପୋର୍ଟରୁ ଲୁଟ୍-ଆଟ୍ କରିଥିଲେ । ବନ୍ଧୁକ ଦେଖାଇ ଲୁଟି ନେଇଥିଲେ ସାଢେ ୩ ଲକ୍ଷ ଟଙ୍କା । କୋଇଡ଼ା ରେଙ୍ଗାଲବେଡ଼ାରେ ଦୁଇ ଗାଡ଼ିମାଲିକଙ୍କୁ ବନ୍ଧୁକ ଦେଖାଇ ଦୁଇଲକ୍ଷ ଲେଖାଏଁ, ମୋଟ ୪ ଲକ୍ଷ ଲୁଟିନେଇ ଚମ୍ପଟ ମାରିଥିଲେ । ସେମାନେ ପୁଲିସକୁ ଖାତିର ନକରି ବେଧଡ଼କ ଲୁଟ୍ କରୁଥିଲେ । ଖଣି ଅଞ୍ଚଳରେ ଏମିତି ଗୋଟିଏ ପରେ ଗୋଟିଏ ଟ୍ରାନ୍ସପୋର୍ଟ ଅଫିସକୁ ଟାର୍ଗେଟ୍ କରୁଥିଲେ ଅପରାଧୀ ।

ବାଙ୍କୋର ବରସୁଆଁ ଡକାୟତି ଏବଂ କୋଇଡାରେ ଦୁଇଟି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚାଣ୍ଡେ (ଚନ୍ଦା ନାୟକ) ଗ୍ୟାଙ୍ଗ ଗିରଫ ହୋଇଛି । ଲହୁଣୀପଡ଼ା ଓ ଚାନ୍ଦିପୋଷ ପିଏସରେ ପୁଲିସ ସହ ଗୁଳିବିନିମୟ ପରେ ଗ୍ୟାଙ୍ଗର ୩ ସଦସ୍ୟ ଖସିଯିବା ସମୟରେ ଆହତ ହୋଇଛନ୍ତି ।

# ଦଳବଦଳ କରିବାରୁ ୬ ପାରିଷଦଙ୍କ ସଭ୍ୟପଦ ରଦ୍ଦ



ସୋର,(ସବ୍ୟୁ): ସୋର ପୌର ପାଳିକାର ୬ ଜଣ ପାରିଷଦ ବିଜେପି ରୁ ଇସ୍ତଫା ନ ଦେଇ ବିଜେଡିରେ ଯୋଗଦାନ କରିଥିବାରୁ ରାଜ୍ୟ ନିର୍ବାଚନ କମିଶନର ଏହି ୬ ଜଣଙ୍କର ସଭ୍ୟପଦକୁ ରଦ୍ଦ କରିଛନ୍ତି । ସଭ୍ୟପଦ ରଦ୍ଦ ହୋଇଥିବା ପାରିଷଦମାନେ ହେଲେ ରଞ୍ଜନ ଦାସ, ସସ୍ମିତା ଦାସ,ପବିତ୍ର ସେଠି,ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରିନାରାଣୀ ସେଠୀ । ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଏହି ୬ ପାରିଷଦ ବିଜେପି ଦଳ ଛାଡି ବିଜେଡିରେ ମିଶିବା ସହ ବିଜେଡି ବିଧାୟକଙ୍କୁ ସମର୍ଥନ କରିଥିଲେ । ଏନେଇ ବିଜେପି ନେତା ନଳିନିକାନ୍ତ ମହାପାତ୍ର ଜୁନ ୩ ତାରିଖରେ ନିର୍ବାଚନ କମିଶନଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ । ଦୀର୍ଘ ୧୭ମାସ ପରେ ରାଜ୍ୟ ନିର୍ବାଚନ କମିଶନ ଭାରପ୍ରାପ୍ତ ପୌରାଧକ୍ଷଙ୍କ ସମେତ ୬ ଜଣ ପାରିଷଦଙ୍କ ସଭ୍ୟ ପଦକୁ ରଦ୍ଦ କରିଛନ୍ତି ।ବାଲେଶ୍ୱର ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ମହାପାତ୍ରଙ୍କ ଦ୍ୱାରା ୩ ଜୁନ୍, ୨୦୨୪ ରେ ଏସଇସି, ଓଡିଶା ସମ୍ମୁଖରେ ଏକ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା । ୨୦୨୨ ମସିହାରେ ସୋରୋ ପୌରପାଳିକାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିଜେପି ଦଳୀୟ ଟିକେଟ୍ ଏବଂ ଦଳୀୟ ଚିହ୍ନରେ ସୋରୋ ପୌରପାଳିକାର କାଉନସିଲର ହୋଇଥିବା ଛଅ ଜଣ କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗରେ ଓଡ଼ିଶା ପୌରପାଳିକା ଆଇନ, ୧୯୫୦ର ଧାରା-୪୬କ ଅନୁଯାୟୀ ଏମାନେ ଅଯୋଗ୍ୟ ହୋଇଛନ୍ତି ।

**AFFIDAVIT**

By virtue of an affidavit sworn Executive Magistrate, Bhuban, Affidavit No.- anita rout 1142 dated 23.04.2025 W/o nilamani sahoo permanent resident of Vill.- ekatali Po/Ps- Bhuban, Dist.- Dhenkanal, Odisha-759017 declare that my doughter have changed her name from archita sahoo @ smruti snigdha sahoo. Henceforth, my daughter be known as smruti snigdha sahoo for all purposes. Her name wrongly metion as archita sahoo on addhar card. That's why my daughter known as smruti snigdha sahoo as her birth certificate foreaver.

**Anita rout**

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**

ନୋଟିସ୍ ନଂ- ୩୧୩ ତା. ୧୯.୧୧.୨୦୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ତା. ୨୧.୧୨.୨୦୨୫ ରିଖଠାରୁ ତା. ୨୦.୧୨.୨୦୨୬ରିଖି ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ. ୧୫୦୦/- (ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟ ଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା. ୨୩.୧୧.୨୦୨୫ରିଖ ଠାରୁ ତା. ୩୦.୧୧.୨୦୨୫ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇ ନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇ ନଥିବା ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ **www.maatarini.co.in** ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା. ୦୧.୧୨.୨୦୨୫ରିଖ ୧୧ ଘଟିକା | ତା. ୦୧.୧୨.୨୦୨୫ରିଖ ୧୨ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା. ୦୮.୧୨.୨୦୨୫ରିଖ ୧୧ ଘଟିକା | ତା. ୦୮.୧୨.୨୦୨୫ରିଖ ୧୨ଘଟିକା |
| ତୃତୀୟ ପର୍ଯ୍ୟାୟ | ତା. ୧୫.୧୨.୨୦୨୫ରିଖ ୧୧ ଘଟିକା | ତା. ୧୫.୧୨.୨୦୨୫ରିଖ ୧୨ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ପୂଜା ସାମଗ୍ରୀ ଦୋକାନ ନଂ-୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ. ୨୯,୨୫,୫୫୪/- | ଟ. ୨,୯୨,୫୫୫/- |
| ୨. | ପୂଜା ସାମଗ୍ରୀ ଦୋକାନ ନଂ-୨ (ସ୍ଥାନ- ଚୁଳପକା ମଣ୍ଡପ ପାର୍ଶ୍ୱ) | ଟ. ୨୨,୫୬,୭୧୦/- | ଟ. ୨,୨୫,୬୭୧/- |
| ୩. | ପୂଜା ସାମଗ୍ରୀ ଦୋକାନ ନଂ-୩ (ସ୍ଥାନ- ଗାଡ଼ି ପୂଜା) | ଟ. ୨୫,୯୪,୮୮୮/- | ଟ. ୨,୫୯,୪୮୮/- |
| ୪. | ଚୁଳପକା | ଟ.୪୮,୬୮,୧୪୩/- | ଟ. ୪,୮୬,୮୧୪/- |
| ୫. | ତେଜରାତି ସାମଗ୍ରୀ ଯୋଗାଇବା | | ଟ. ୧,୯୯,୬୫୦/- |
| ୬. | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ. ୧,୭୬,୦୦୦/- |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୩୩୭୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୭୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୭୫୧୨୮ ।

## ବୁଢ଼ାବାବାଙ୍କ ୯୭ତମ ଜନ୍ମ ଦିବସ

# ବୁଢ଼ାବାବା ହସ୍ପିଟାଲରେ ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର) : ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ତାଙ୍କ ଆଶିଷ ବିନା କିଛି କରିବା ଅସମ୍ଭବ । ଏହି ଗୁରୁ ଶିଷ୍ୟ ପରମ୍ପରାକୁ ପାଥେୟ କରି ବରିଷ୍ଠ ଶଲ୍ୟ ଡାକ୍ତର ଉମେଶ ରାୟ ଗୁରୁଙ୍କ ନାଁରେ ଖୋଲିଛନ୍ତି ବୁଢାବାବା ମଲ୍‌ଟି ସ୍ପେସିଆଲଟି ହସ୍‌ପିଟାଲ । ରବିବାର ଥିଲା ଗୁରୁ ବୁଢ଼ାବାବାଙ୍କ ୯୭ତମ ଜନ୍ମ ଦିବସ । ଏହି ଜନ୍ମ ଦିବସକୁ ଜୋବ୍ରା ସ୍ଥିତ ଲକ୍ଷ୍ମୀବଜାର ଠାରେ ସ୍ଥାପିତ ବୁଢ଼ାବାବା ମଲଫି ସ୍ପେସିଆଲଟି ହସ୍ପିଟାଲ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅର୍ଥୋପେଡିକ୍ସ, ଗାଇନୋକ୍ଲୋଜି, ନ୍ୟୁରୋଲୋଜି, ଜେନେରାଲ ସର୍ଜରୀ ଏବଂ କାର୍ଡିଓଲୋଜିର ବିଶେଷଜ୍ଞ ଡାକ୍ତର ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଯୋଗାଇ ଦେଇଥିଲେ । ଏଥିସହିତ ସେମାନେ ନିଜର ବିଏମଡି, ଲିପିଡ୍ ପ୍ରୋଫାଇଲ, ଏଲଏଫଟି ଏବଂ ବଲାଁ ସୁଗାର ଆଦି ପରୀକ୍ଷା ବିନା ମୂଲ୍ୟରେ କରାଇଥିଲେ । ରକ୍ତର ଅଭାବକୁ ଦୃଷ୍ଟିରେ ରଖି ହସ୍ପିଟାଲ ପକ୍ଷରୁ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଶିବିରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଏହି ଶିବିରଟିରୁ ୬୪ୟୁନିଟି ରକ୍ତ ସଂଗୃହିତ ହୋଇଥିଲା । ଗୁରୁ ବୁଢ଼ାବାବାଙ୍କ ନିତୀ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆମେ ଆମର ସେବା କାର୍ଯ୍ୟକୁ ଜାରି ରଖିଛୁ ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ । ସେବା ଆମର ମୂଳ ଲକ୍ଷ ବୋଲି ହସ୍ପିଟାଲର ପ୍ରତିଷ୍ଠାତା ତଥା ସର୍ଜରୀ ବିଶେଷଜ୍ଞ ଡା. ଉମେଶ ରାୟ କହିଥିଲେ । ଏହି ଶିବିରରେ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଇଂ ସୁବ୍ରତ ଘଡାଇ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପ୍ରାଧ୍ୟାପକ ଡ. ସେକ କଲ୍ଲିମୁଲ୍ଲା, ସମାଜସେବୀ ବିଶ୍ୱଜିତ ସ୍ୱାଇଁ, ହସପିଟାଲର ପରିଚାଳନା ନିର୍ଦ୍ଦେଶିକା ମମତା ବେଉରା, ରାକେଶ ରାୟ, ଡା. ଅମରେଶ ମହାପାତ୍ର, ଡା. ମାନସୀ ମହାପାତ୍ର, ଡା. ମହୀଜା ସାହୁ, ଡା. ପ୍ରଦୀପ୍ତ କୁମାର ନାୟକ, ଡା. ସତ୍ୟଶିଷ କବି, ମୁଖ୍ୟ ପରିଚାଳନା ଅଧିକାରୀ ରିତେଶ କୁମାର ପୁହାଣ, ଏଚଆର ସୌରଜିତ ଦେ, ମାନସ ରଞ୍ଜନ ସିଂହ ପ୍ରମୁଖ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହସପିଟାଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶିବିରକୁ ସୁଚାରୁରୁପେ ପରିଚାଳନା କରିଥିଲେ ।



# ଦୁର୍ଘଟଣାରେ ଡାକ୍ତରଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ): ୫୭ନଂ ଜାତୀୟ ରାଜପଥର ପୁରୁସାହି ଛକ ନିକଟ ରେ ଏକ ତେଲ ଟ୍ୟାଙ୍କର ଧକ୍କାରେ ବାଇକ୍ ରେ ଯାଉଥିବା ଜଣେ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଖଳିସାହି ଗ୍ରାମର ଅମରେନ୍ଦ୍ର ପ୍ରସାଦ (୩୫)। ମୃତକ ଅମରେନ୍ଦ୍ର ରବିବାର ପୁରୀ ରୁ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ଓଡି.୦୨ବିଏ-୦୭୯୪ ନଂ ବିଶିଷ୍ଟ ବାଇକ୍ ରେ ନିଜ ଗ୍ରାମ ଖଳିସାହିକୁ ଫେରୁଥିବାବେଳେ ପୁରୁସାହି ଛକ ନିକଟ ରେ ତାଙ୍କ ବାଇକ୍ କୁ ପଛପଟୁ ଓଡି.୦୨. ଏଏସ୍-୬୯୯୩ ନଂ ବିଶିଷ୍ଟ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତ ଅମରେନ୍ଦ୍ର କର୍ଣ୍ଣ,ନାଶ, ଗଳା ବିଭାଗର ଡାକ୍ତର ହୋଇଥିବାବେଳେ ସେ ପୁରୀରେ ଏକ ଘରୋଇ କ୍ଲିନିକ କରି ରୋଗୀ ଚିକିତ୍ସା କରୁଥିଲେ।

# କିଷ୍ଟରେ ପଞ୍ଚଦିବସିୟ କର୍ମଶାଳା ଉଦଯାପିତ

ଭୁବନେଶ୍ୱର (ସବ୍ୟୁ): ଜଟଣୀସ୍ଥିତ କୋଣାର୍କ ବିଜ୍ଞାନ ଓ ଯାନ୍ତ୍ରିକ ମହାବିଦ୍ୟାଳୟରେ ପଞ୍ଚଦିବସିୟ କର୍ମଶାଳା ଉଦଯାପିତ ହୋଇଯାଇଛି। ଜାତୀୟ ଯାନ୍ତ୍ରିକ ଶିକ୍ଷା ଶିକ୍ଷକ ଗବେଷଣା ଅନୁଷ୍ଠାନ, କୋଲକାତା ସଂଯୋଜନାରେ ଶିକ୍ଷକତା ପୂର୍ବର ପ୍ରସ୍ତୁତି ଓ ସଠିକ ଢଙ୍ଗରେ ବିଦ୍ୟାର୍ଥୀ ମାନଂକୁ ଶିକ୍ଷାପ୍ରତି ଆକୃଷ୍ଟ କରିବାର ଉପଯୁକ୍ତ କୌଶଳ ସମ୍ପର୍କୀୟ ତଥ୍ୟ ଆଲୋଚନା କରାଯଇଥିଲା। ଏ, ଆଇ, ସି, ଟି ଦ୍ୱାରା ଅନୁବନ୍ଧିତ ଶିକ୍ଷାନୁଷ୍ଠାନର ଶତାଧିକ ଅଧ୍ୟାପକ, ଗବେଷକ ଓ ଆଗ୍ରହୀ ଶିଳ୍ପପତି ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ହାଇଟେକ ସମୂହ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଯୋଗ ଦେଇ ଅଧ୍ୟାପକ ମାନଙ୍କ ଉପଯୁକ୍ତ ଦକ୍ଷତା ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ସଫଳକାମୀ ହୋଉ ଦେଶ ଜାତି ପାଇଁ ଜ୍ଞାନୀ ଗୁଣି ବିଦ୍ୟାର୍ଥୀ ସୃଷ୍ଟି ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ହାଇଟେକର ପ୍ରତିଷ୍ଠାତା ଡ. ତିରୁପତି ପାଣିଗ୍ରାହୀଙ୍କ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଉଦ୍ୟମ ସଫଳ ହେବାରେ ଲାଗିଛି। ପଞ୍ଚଦିବସିୟା କର୍ମଶାଳାକୁ ଲିଙ୍ଗରାଜ ପାଣିଗ୍ରାହୀ, ଡ଼କ୍ଟର ଦେବାଶିଷ ମିଶ୍ର, ପ୍ରଫେସର ଚନ୍ଦ୍ର ଶେଖର ମହାନ୍ତି, ଡ଼କ୍ଟର ବିଶ୍ୱକଳ୍ପ ପାତ୍ର, ଡ଼କ୍ଟର ସଂଗୀତା ବିଶ୍ୱାଳ, ଡ଼କ୍ଟର ଶିବାନୀ ପାଣିଗ୍ରାହୀ, ଡ଼କ୍ଟର ସୁଲୋଚନା ନନ୍ଦଙ୍କ ସଫଳ ପରିଚାଳନା ପାଇଁ କିଷ୍ଟର ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଡିନ ଡ଼କ୍ଟର ସୂର୍ଯ୍ୟନାରାୟଣ ପଟ୍ଟନାୟକ ଡ଼କ୍ଟର ପାର୍ଥ ସାରଥୀ ଖୁଣ୍ଟିଆ ଆୟୋଜକ ମଣ୍ଡଳୀଙ୍କୁ ଭୁୟସୀ ପ୍ରଶଂସା ସହ ସମାନିତ କରିଥିଲେ।



## ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର

ନୀଳଗିରି,(ସବ୍ୟୁ): ବରହମପୁର ମହୋତ୍ସବ ବୁଲିବାକୁ ଯାଇଥିବା ସମୟରେ ତାଲା ଭାଙ୍ଗି ତିନି ଘରୁ ସିରିଜ୍ ଚୋରି । ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା । ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ବରହମପୁର ମହୋତ୍ସବ ନୀଳଗିରି ନିର୍ବାଚନ ମଣ୍ଡଳୀର ରାଜ ବରହମପୁର ଠାରେ ଗତ ଶନିବାର ରାତିରେ ବରହମପୁର ମହୋତ୍ସବ ଚାଲିଥିବା ବେଳା ଏହାର ସୁଯୋଗ ନେଇ ପୁନାସିଆ ଗ୍ରାମର ଅକ୍ଷୟ ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ବରହମପୁରର ଶଙ୍କର୍ଷଣ ପଶାଙ୍କ ଘରୁ ରବିବାର ରାତିରେ ଚୋରି ପାଇଁ ଉଦ୍ୟମ କରୁଥିଲା ବେଳେ ସଫଳ ହୋଇପାରି ନଥିଲେ । ବର୍ତ୍ତମାନ ବରହମପୁର ମହୋତ୍ସବ ଚାଲୁଥିବା ବେଳେ ଗତ ରାତ୍ରିରେ ମହୋତ୍ସବ ଦେଖିବାକୁ ଏହି ତିନି ପରିବାର ଲୋକ ସମ୍ପର୍କୀୟଙ୍କ ସହିତ ଘରେ ଚାବି ଦେଇ ମହୋତ୍ସବ ଦେଖିବାକୁ ଯାଇଥିଲେ । ମହୋତ୍ସବରୁ ଘରକୁ ଫେରିଆସିବା ବେଳକୁ ଅକ୍ଷୟ ମହାପାତ୍ର ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ ଏବଂ ଘରେ ପଶି ଗଡରେଜ୍ ରେ ଥିବା ମୋଟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରିଥିବା ଅନୁମାନ କରାଯାଇଛି । ବରହମପୁର ଥାନାରେ ଲିଖିତ ଅଭିଯୋଗ ପରେ ବରହମପୁର ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଏନେଇ ବରହମପୁର ଥାନାରେ କେଶ୍ ନମ୍ବର ୧୫୫/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇ.ଆଇ.ସି ପ୍ରେମଦା ନାୟକ ସୂଚନା ଦେଇଛନ୍ତି ।

# ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ) : ସତ୍ୟସାଇ ସେବା ସଂଗଠନ ଭୁବନେଶ୍ୱର ସାଇ ଜଲ୍ଲାର ସାଇ ଜନଜନୀ ଠାରେ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାତଃ ନଗର ସଂକୀର୍ତ୍ତନ, ମଙ୍ଗଳବାଦ୍ୟ ପରେ ସାଇ ଜନନୀ ଆବାହକ ଦ୍ୱାରା ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା ।

ଏହି ଅବସରରେ ରେଡକ୍ରସ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସଂଗଠନ ତରଫରୁ ସମସ୍ତ ରୋଗୀଙ୍କ ଆରୋଗ୍ୟ କାମନା କରାଯାଇ କ୍ୟାପିଟାଲ ହସ୍ପିଟାଲ, ହାଇଟେକ ହସ୍ପିଟାଲ, ବିଏମସି ହସ୍ପିଟାଲ, ଆୟୁର୍ବେଦ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲେର ଫଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା । କୋଟି ନାମାର୍ଚ୍ଚନା, ବେଦଧ୍ୱନି, ଭଜନ ସହିତ ସତ୍ୟସାଇ ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ଜନ୍ମଦିନ କେକ୍ କଟାଯାଇ ବଣ୍ଟନ କରାଯାଇଥିଲା । ମଧ୍ୟାହ୍ନରେ ସମସ୍ତ ଭକ୍ତ ଓ ସାଇ ଆଶ୍ରିତଙ୍କ ସମେତ ସାଧାରଣ ଲୋକ ପ୍ରସାଦ ସେବନ କରିଥିଲେ । ପ୍ରାୟ ୧୩୦ ନାରାୟଣଙ୍କୁ ଅନ୍ନପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା । ସାନ୍ଧ୍ୟା କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ଜ୍ୱଳନ ଓ ବେଦ ପାଠ କରାଯାଇ ଭଜନ, ସତସଙ୍ଗ, ଭଗବାନ୍‌ଙ୍କ ଦିବ୍ୟ ସମ୍ଭାଷଣର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ମଙ୍ଗଳ ଆଳତି ଏବଂ ଦିବ୍ୟ ଦର୍ଶନ ସହିତ ଜନ୍ମଦିନ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।




## ପରିମଳ ଦାୟିତ୍ୱ ନେଇ ଠିକା ସଂସ୍ଥା କୋମାରେ

# ରେଳ କଲୋନୀ ଜଙ୍ଗଲ ସଫା କଲା ଶ୍ରମିକ କଂଗ୍ରେସ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ ଜଟଣୀରେ ଥିବା କଲୋନୀ ମାନଙ୍କରେ ରେଳ କର୍ମଚାରୀଙ୍କ ପାଇଁ ଉଦିଷ୍ଟ କ୍ୱାର୍ଟର ରାସ୍ତା ମାନଙ୍କରେ ଥିବା ଷ୍ଟ୍ରିଟ ଲାଇଟ ଖୁଣ୍ଟି ଗୁଡିକରେ ବଡ଼ ବଡ଼ ଗଛ ଓ୍ ଜଙ୍ଗଲୀ ଲଟା ଦୀର୍ଘ ବର୍ଷରୁ ବେଢ଼ି ରହିଥିବାରୁ ସଂଧ୍ୟା ପରେ ଖୁଣ୍ଟି ଲାଇଟ ଗୁଡିକ ଜଳିଲେ ମଧ୍ୟ ରାସ୍ତାକୁ ଆଲୋକ ପଡୁନଥିବାରୁ ଏକରକମ ଅନ୍ଧକାର ଛାଇ ରହୁଥିଲା । ଫଳରେ ସରୀସୃପ , ଛିଂନତାଇ ଓ୍ ମଦ୍ୟପ ମାନଙ୍କ ଭୟରେ କଲୋନୀ ବାସି ଘର ଭିତରୁ ବାହାରକୁ ବାହାରିବା ପାଇଁ ଡରୁଥିଲେ କ୍ଷ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରେଳ ପ୍ରଶାସନ କୌଣସି ଦୃଷ୍ଟି ନଦେବାରୁ ଶ୍ରମିକ କଂଗ୍ରେସ ତରଫରୁ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ଆହ୍ୱାନ କ୍ରମେ ଶ୍ରମିକ କଂଗ୍ରେସ ଯୁବବାହିନୀ ଓ୍ କର୍ମୀ ମାନେ ଆଜି ରବିବାର ଜଙ୍ଗଲ ସଫେଇ ଅଭିଯାନରେ ବାହାରିଥିଲେ । ପ୍ରଥମ ପର୍ଯ୍ୟାୟରେ ଆକାଉଣ୍ଟ କଲୋନୀରୁ ଅଭିଯାନ ଆରମ୍ଭ ହୋଇଥିଲା । ଆଗାମୀ ଦିନରେ ପ୍ରଶାସନ ଉପରେ ନିର୍ଭର ନକରି ସମସ୍ତ ରେଳ କଲୋନୀରୁ ଜଙ୍ଗଲ ଓ୍ ଲଟା ସମ୍ପୂର୍ଣ୍ଣ ସଫା ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଏହି ଅଭିଯାନ ଚାଲୁରହିବ ବୋଲି ଆଜି ନିଷ୍ପତି ନିଆଯାଇଛି । ଏହି ଅଭିଯାନରେ କଲୋନୀ ବାସି ଅତ୍ୟନ୍ତ ଖୁସି ଜାହିର କରି ସାଧୁବାଦ ଜଣାଇଥିଲେ କ୍ଷ ଆଜିର ଏହି ଅଭିଯାନରେ ଶ୍ରମିକ କଂଗ୍ରେସର ସହ ସମ୍ପାଦକ ସୁନୀଲ ପରିଡା, ରାକେଶ ଘଡେଇ , ଦିଲୀପ ବେହେରା , ବିଜୟ ବେହେରା, ରବୀନ୍ଦ୍ର ଗଉଡ଼, ନରେନ୍ଦ୍ର ଦାସ, ପିଏଲ ସାମନ୍ତରାୟ, ମଧୁସୂଦନ ଭୂଇଁଆ , ଗଜେନ୍ଦ୍ର ସ୍ୱାଇଁ , ମିହିର ନାୟକ, ପୁରୁଷୋତ୍ତମ ବେହେରାଙ୍କ ସମେତ ବହୁ କଲୋନୀ ବାସି ଯୋଗଦେଇଥିଲେ ।



## ଡିସେମ୍ବର ୧୪ରେ "ମୋ କଟକ ସୁରକ୍ଷା ମଞ୍ଚ'ର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ

# ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ମିଳିବ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ-୨୦୨୫

କଟକ, (ସ୍ୱପ୍ର): କଟକ ସହରର ଐତିହ୍ୟ, ପରମ୍ପରାକୁ ବଜାୟ ରଖିବା, ସହରବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ପାଇଁ ସଦାସର୍ବଦା ଲଢେଇ ଜାରି ରଖିଥିବା ଅଗ୍ରଣୀ ସାମାଜିକ ସଙ୍ଗଠନ "ମୋ କଟକ ସୁରକ୍ଷା ମଞ୍ଚ'ର ଆସନ୍ତା ୧୪ତାରିଖ ରବିବାର ଦିନ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ସହିତ ବାରବାଟୀ ସମ୍ମାନ-୨୦୨୫ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଶିଷ୍ଟ ଶିଳ୍ପପତି ତଥା କଟକ ମାଟିର ସୁଯୋଗ୍ୟ ସନ୍ତାନ ସୁରେନ୍ଦ୍ରନାଥ ପଣ୍ଡା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବିଶିଷ୍ଟ ଶିଳ୍ପପତି ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ-୨୦୨୫ ରେ ସମ୍ବର୍ଦ୍ଧିତ କରାଯିବ । ଏହି କାର୍ଯ୍ୟକ୍ରମରେ ଅନନ୍ୟ ପ୍ରତିଭା, ସମାଜରେ ଅବହେଳିତ ଅସହାୟ ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଉଥିବା ସାମାଜିକ ସଙ୍ଗଠନ, ସାମାଜିକ କର୍ମୀ, ସାମ୍ବାଦିକ, ଫଟୋଗ୍ରାଫର, ଭିଡିଓ ଜର୍ଣ୍ଣାଲିଷ୍ଟ, ସୂଚନାଅଧିକାର କର୍ମୀ, ମାନବାଧିକାର କର୍ମୀ, ଭାଇଚାରା ସହର କଟକର ମୂରବୀଙ୍କୁ ବାରବାଟୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ ବୋଲି ଏକ ପ୍ରେସ ବିବୃତିରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କଟକକୁ ଭଲପାଉଥିବା ବ୍ୟକ୍ତି, କଟକ ସହରର ପୂଜାକମିଟି, ସାହିମୂରବୀ ଓ ବୁଦ୍ଧିଜୀବୀ ଯୋଗଦେବା ପାଇଁ ସଭାପତି ଅକ୍ଷୟ ପଣ୍ଡା ନିବେଦନ କରିଛନ୍ତି ।

# ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢୁଛି : ନବୀନ

ଭୁବନେଶ୍ୱର(ସବ୍ୟୁ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦବେଗ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ, ସେହିପରି ଭଦ୍ରକ ଅରଞ୍ଜିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସଏଚଜିର ମହିଳାମାନେ ନିସ୍ଥୁକ ମାଡ଼ ମାରିବା ପରି ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ । ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଡ଼ି ଚଢୁଥିଲେ ଓ ନିଜର ପରିଚୟ ସୃଷ୍ଟି କରୁଥିଲେ । ହେଲେ ଏବେର ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇ ପଡିଛନ୍ତି ଏବଂ ବିକାଶ ଠପ୍ ହୋଇଛି । ଦିନକୁ ଦିନ ଓଡ଼ିଶାରେ ମହିଳାମାନଙ୍କ ଉପରେ ବଢ଼ୁଥିବା ଅତ୍ୟାଚାର ଏବଂ ଦୁଷ୍କର୍ମ ପରି ଘଟଣା ସମସ୍ତଙ୍କୁ ବିଚଳିତ କରି ଦେଉଛି । ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି । ସଂପ୍ରତି ଶିଶୁ ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ଏହା ଅନୁଷ୍ଠିତ ହୋଇଛି । ସେହିପରି ଏହି ପ୍ରତିଯୋଗିତା ଜିଲ୍ଲାର ଅନ୍ୟ ବିଚାର ବିଭାଗୀୟ ଅଦାଲତ ପରିସର ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ବେଗୁନିଆଠାରେ ମଧ୍ୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜନ କରାଯାଇଛି । ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ । ଅନ୍ୟତମ ବିଚାରପତି ଅତିରିକ୍ତ ଜିଲ୍ଲାଜଜ୍ ହିମାଂଶୁ ଶେଖର ମଲ୍ଲିକ, ଓଁକାର ମିଶ୍ର, ଶସବିନ୍ଦୁ ବେହେରା, ଦେବାଶିଷ ଦାସ, ବିଶ୍ୱଜିତା ଦାସ, ମମତା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ ।



## ଜିନ୍ଦଲ ଷ୍ଟେନଲେସର ହିସାର ୟୁନିଟକୁ ୧୮ତମ

# ସିଆଇଆଇ ଜାତୀୟ ପ୍ରତିଯୋଗିତା ଏବଂ କ୍ଲଷ୍ଟର ସମ୍ମିଳନୀ ୨୦୨୫ରେ ପ୍ଲାଟିନମ୍ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସର ହିସାର ୟୁନିଟକୁ ୧୮ତମ ଜାତୀୟ ପ୍ରତିଯୋଗିତା ଏବଂ କ୍ଲଷ୍ଟର ସମ୍ମିଳନୀ ୨୦୨୫ରେ ଶକ୍ତି ଉତ୍କର୍ଷତା - ବୃହତ୍ (ନିର୍ମାଣ) ବର୍ଗରେ ପ୍ଲାଟିନମ୍ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଏହି ପୁରସ୍କାର ସମାରୋହ ୭ ରୁ ୮ ଅକ୍ଟୋବର, ୨୦୨୫ରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଂଟରରେ ପ୍ରଦାନ କରାଯାଇଥିଲା। ଏହି ସ୍ୱୀକୃତି ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା, ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟା ଉପଯୋଗ ଏବଂ ଶକ୍ତି କାର୍ଯ୍ୟଦକ୍ଷତାରେ ନିରନ୍ତର ଉନ୍ନତି ମାଧ୍ୟମରେ ଏକ ସ୍ଥାୟୀ ଶିଳ୍ପ ଭବିଷ୍ୟତ ଗଠନ ପାଇଁ ଜିନ୍ଦଲ୍ ଷ୍ଟେନଲେସ୍ ହିସାରର ପ୍ରତିବଦ୍ଧତାକୁ ଦର୍ଶାଉଛି।

ପୁରସ୍କାର ପ୍ରଦାନରେ ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସହିତ ଡିକାର୍ବୋନାଇଜେସନ ହାସଲ କରିବା ଦିଗରେ ଜିନ୍ଦଲ ଷ୍ଟେନଲେସର ପ୍ରକ୍ରିୟା ଅପ୍ଟିମାଇଜେସନ, ସଷ୍ଟେନେବିଲିଟି ସମନ୍ୱୟ ଏବଂ ଅଭିନବ ପ୍ରୟାସକୁ ମୂଲ୍ୟାଙ୍କନ କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ଅନେକ ଅଗ୍ରଣୀ ଶିଳ୍ପ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଥିଲା, ଯାହା ଫଳରେ ଏକ ସମ୍ମାନିତ ଜୁରିଙ୍କଠାରୁ ଶ୍ରେଷ୍ଠ ସମ୍ମାନ ଅର୍ଜନ କରିଥିଲା। ଏହି ସଫଳତା ବିଷୟରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ମାନ୍ୟତା ଆମର ବିଶ୍ୱାସକୁ ଦୋହରାଏ ଯେ ସ୍ଥାୟୀତ୍ୱ ଏବଂ ପ୍ରତିଯୋଗିତାର ସମନ୍ୱୟରେ ପ୍ରଗତି ହୋଇପାରିବ। ପ୍ରଗତିକୁ ଉଦ୍ଦେଶ୍ୟ ସହିତ ସନ୍ତୁଳିତ କରୁଥିବା ସଂସ୍ଥା ଉତ୍ପାଦନ କ୍ଷେତ୍ରର ଭବିଷ୍ୟତକୁ ସୁଦୃଢ଼ କରିପାରିବେ ଏବଂ ଆମର ହିସାର ପ୍ଲାଂଟ ଏହାର ଏକ ଉଦାହରଣ ଅଟେ।

ସିଆଇଆଇ ଜାତୀୟ ପ୍ରତିଯୋଗିତା ଏବଂ କ୍ଲଷ୍ଟର ସମ୍ମିଳନୀ ଏବେ ଏହାର ୧୮ତମ ସଂସ୍କରଣରେ ପହଂଚିଛି। ଏହା ଭାରତର ଏକ ପ୍ରମୁଖ ପ୍ଲାଟଫର୍ମ ଯାହା ଶିଳ୍ପ ଉତ୍କର୍ଷତା, ପ୍ରତିଯୋଗିତାମୂଳକ ମନୋଭାବ ଏବଂ ସ୍ଥାୟୀ ବ୍ୟବସାୟ ଅଭ୍ୟାସକୁ ପ୍ରୋତ୍ସାହିତ କରେ। ଏହି ଦୁଇ ଦିନିଆ ସମ୍ମିଳନୀ ଉତ୍ପାଦନ, ଅଟୋମୋଟିଭ୍, ଶକ୍ତି ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରୁ ଶହ ଶହ କମ୍ପାନୀଙ୍କୁ ଏକତ୍ରିତ କରିଥିଲା ଯେଉଁମାନେ ୧୧ଟି ବର୍ଗରେ କେସ୍ ଷ୍ଟଡି ଉପସ୍ଥାପନ କରିଥିଲେ।



## ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳୀ

# ନବକୃଷ୍ଣ ଚୌଧୁରୀ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ

ଭୁବନେଶ୍ୱର(ସବ୍ୟୁ): ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ସେ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍ୱିହୀନ ବ୍ୟକ୍ତିତ୍ୱ । ଜମିଦାରୀ ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ନବକୃଷ୍ଣ ଚୌଧୁରୀ ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ରବିବାର ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର ଭାଗବତ ଶୁକ୍ଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକଛ ସ୍ୱର୍ଗତ ଚୌଧୁରୀଙ୍କୁ ଜଣେ ସରଳ, ପରୋପକାରୀ, ସତ୍ୟବାନ ରାଜନେତା ଭାବେ ସାରା ଓଡିଶା ଜାଣେ । ସ୍ୱାଧୀନତା ପୂର୍ବରୁ ଅନେକ ବାର ବିଧାନ ସଭାରେ ଥିଲେ ମଧ୍ୟ ସେ ମନ୍ତ୍ରୀ ପଦକୁ ନାପସନ୍ଦ କରିଥିଲେ । ସେ ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ । ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ତାଙ୍କ ମନ୍ତ୍ରିତ୍ୱ ସମୟରେ ସେ ଅନେକ କ୍ରାନ୍ତିକାରୀ ଆଇନ ପ୍ରଣୟନ କରି ଯାଇଛନ୍ତି । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ସମାରୋହରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ସର୍ବୋପରି ଜଣେ ସଚ୍ଚା ଦେଶସେବକ ଭାବେ ନବକୃଷ୍ଣ ଚୌଧୁରୀ ଓଡ଼ିଶାବାସୀଙ୍କ ହୃଦୟରେ ଚିରଅମର ହୋଇ ରହିବେ ବୋଲି କହିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ ପୂର୍ବକ ତାଙ୍କୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ, ବିଶିଷ୍ଟ ରାଜନୀତିଜ୍ଞ ବୋଲି ବର୍ଣ୍ଣନା କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ପ୍ରାରମ୍ଭିକ ସଂଗୀତ ପରିବେଷଣ କରା ଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଜୋହାନ୍ସବର୍ଗରେ ଜି-୨୦ ଶିଖର ସମ୍ମିଳନୀ

# ଦ.ଆଫ୍ରିକା ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି

ନୂଆଦିଲ୍ଲୀ: ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜୋହାନ୍ସବର୍ଗରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସାଙ୍କୁ ଭେଟିଥିଲେ । ରାଷ୍ଟ୍ରପତି ରାମଫୋସାଙ୍କୁ ଭବ୍ୟ ଆତିଥ୍ୟ ଏବଂ ଶିଖର ସମ୍ମିଳନୀର ସଫଳ ପରିଚାଳନା ପାଇଁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ସେ ନୂଆଦିଲ୍ଲୀ ଜି-୨୦ ଶିଖର ସମ୍ମିଳନୀ ସମୟରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ଆଗକୁ ନେବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦକ୍ଷିଣ ଆଫ୍ରିକାର ଜି-୨୦ ପ୍ରୟାସକୁ ପ୍ରଶଂସା କରିଥିଲେ ।

ଭାରତ-ଦକ୍ଷିଣ ଆଫ୍ରିକା ସମ୍ପର୍କର ଆଧାର ଐତିହାସିକ ସମ୍ପର୍କକୁ ମନେପକାଇ, ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ ବାଣିଜ୍ୟ ତଥା ନିବେଶ, ଖାଦ୍ୟ ସୁରକ୍ଷା, ଦକ୍ଷତା ବିକାଶ, ଖଣି, ଯୁବ ବିନିମୟ ଏବଂ ଲୋକ-ଲୋକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ । ସେମାନେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ସାଧାରଣ ଭିତ୍ତିଭୂମି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ଆଲୋଚନା କରିଥିଲେ । ଦୁଇ ନେତା ଦକ୍ଷିଣ ଆଫ୍ରିକାରେ ଭାରତୀୟ କମ୍ପାନୀଗୁଡ଼ିକର ବର୍ଦ୍ଧିତ ଉପସ୍ଥିତିକୁ ସ୍ୱାଗତ କରିଥିଲେ ଏବଂ ବିଶେଷକରି ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଖଣି ଏବଂ ଷ୍ଟାର୍ଟ-ଅପ କ୍ଷେତ୍ରରେ ପାରସ୍ପରିକ ନିବେଶକୁ ସହଜ କରିବା ପାଇଁ ସହମତ ହୋଇଥିଲେ । ପ୍ରଧାନମନ୍ତ୍ରୀ ଦକ୍ଷିଣ ଆଫ୍ରିକାର ଚିତାବାଘକୁ ଭାରତ ସ୍ଥାନାନ୍ତର ପାଇଁ ରାଷ୍ଟ୍ରପତି ରାମଫୋସାଙ୍କୁ ଧନ୍ୟବାଦ ଦେବା ସହ ତାଙ୍କୁ ଭାରତ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସରେ ଯୋଗଦେବାକୁ ଆମନ୍ତ୍ରଣ କରିଥିଲେ ।



ଦୁଇ ନେତା ଗ୍ଲୋବାଲ ସାଉଥର ସ୍ୱରକୁ ଉଚ୍ଚ କରିବା ପାଇଁ ମିଳିତ ଭାବରେ କାମ କରିବାକୁ ସହମତ ହୋଇଥିଲେ । ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଆଇବିଏସ୍ଏ ନେତାମାନଙ୍କ ବୈଠକ ଆୟୋଜନ ପାଇଁ ଦକ୍ଷିଣ ଆଫ୍ରିକା ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ରାଷ୍ଟ୍ରପତି ରାମଫୋସା ୨୦୨୬ରେ ଭାରତର ଆଗାମୀ ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଦକ୍ଷିଣ ଆଫ୍ରିକାର ପୂର୍ଣ୍ଣ ସମର୍ଥନ ପାଇଁ ଆଶ୍ୱାସନା ଦେଇଥିଲେ ।


## ରାଫେଲକୁ ନେଇ ମିଛ ପ୍ରଚାର କରୁଥିଲା ଆତଙ୍କୀସ୍ତାନ: ଫ୍ରାନ୍ସ

ନୂଆଦିଲ୍ଲୀ: ପାକିସ୍ତାନ ବାୟୁ ସେନା ନିଜର ଗୁଣଗାନ କରି ପ୍ରଚାର କରିଥିବା ମିଛର ପର୍ଦ୍ଦାଫାସ କରିଛି ଫ୍ରାନ୍ସ ନୌସେନା । ପାକିସ୍ତାନୀ ମିଡିଆରେ ମିଛ ପ୍ରଚାର କରାଯାଇଥିଲା ଯେ ଜଣେ ଫ୍ରାନ୍ସ କମାଣ୍ଡର ଭାରତ ସହ ସଂଘର୍ଷରେ ରାଫେଲ୍ ଜେଟ୍ ନଷ୍ଟ ହୋଇଥିବା ସ୍ୱଷ୍ଟ କରିଛନ୍ତି । ଏବେ ଫ୍ରାନ୍ସ ନୌସେନା ଏହି ରିପୋର୍ଟଗୁଡ଼ିକୁ ଭୁଲ ସୂଚନା ବୋଲି କହିଛି ଏବଂ ଜିଓ ଟିଭି ଦ୍ୱାରା ପ୍ରକାଶିତ ଲେଖାକୁ ବିଭ୍ରାନ୍ତିକର ବୋଲି କହିଛି ।

ପାକିସ୍ତାନର ଜିଓ ଟିଭି ଏକ ରିପୋର୍ଟରେ ଦାବି କରିଥିଲା ଯେ ଫ୍ରାନ୍ସ କମାଣ୍ଡର କ୍ୟାପ୍ଟେନ ଜ୍ୟାକସ ଲୌନେ ଅପରେସନ ସିନ୍ଦୁର ସମୟରେ ପାକିସ୍ତାନର ବାୟୁ ସେନାର ଶ୍ରେଷ୍ଠ ପ୍ରଦର୍ଶନକୁ ସ୍ୱଷ୍ଟ କରିଥିଲେ । ଲେଖାରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ପାକିସ୍ତାନୀ ବାୟୁସେନା ପ୍ରସ୍ତୁତ ଥିଲା ଏବଂ ଚୀନ୍ ଜେ-୧୦ସି ଲଢୁଆ ବିମାନର ବୈଷୟିକ ଶ୍ରେଷ୍ଠତା ଯୋଗୁ ରାଫେଲ ଲଢୁଆ ବିମାନକୁ ଖସାଇ ନଥିଲା ।

ଫ୍ରାନ୍ସ ନୌସେନା ଏବେ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିଛି । ପାକିସ୍ତାନର ଦାବିକୁ ମିଥ୍ୟା ଖବର ବୋଲି କହିଛି । ନୌସେନା କହିଛି, "ଏହି ବକ୍ତବ୍ୟ କ୍ୟାପ୍ଟେନ ଲୌନେଙ୍କ ବୋଲି କୁହାଯାଇଛି । କ୍ୟାପ୍ଟେନ ଲୌନ କେବେ ବି ଏହିପରି ଆର୍ଟିକେଲ୍ ପାଇଁ ଅନୁମତି ଦେଇ ନାହାନ୍ତି । ଏଥିରେ ମିଛ ଏବଂ ବିଭ୍ରାନ୍ତିକର ସୂଚନା ଅଛି ।"

ବିଜେପି ନେତା ଅମିତ ମାଲଭୀୟ ଏହି ଘଟଣାକୁ ପାକିସ୍ତାନର ହତାଶା ଓ ମିଛ ସୂଚନା ପ୍ରଚାର ମେସିନାରୀର ପ୍ରମାଣ ବୋଲି କହିଛନ୍ତି । ସେ ଟ୍ୱିଟରରେ ଲେଖିଛନ୍ତି, "ଫ୍ରାନ୍ସ ନୌସେନା ପାକିସ୍ତାନର ଜିଓ ଟିଭି ଏବଂ ଏହାର ପ୍ରତିନିଧି ହମିଦ




ମିରଙ୍କୁ ଭୁଲ ସୂଚନା ପ୍ରସାରଣ କରିବାର ଅଭିଯୋଗ କରିଛି । ତାଙ୍କ ରିପୋର୍ଟରେ ହମିଦ ମିର ରାଫେଲ ଏବଂ ତଥାକଥିତ ମେ ସଂଘର୍ଷ ବିଷୟରେ ସେହି ପୁରୁଣା, କପୋଳକଳ୍ପିତ ଦାବି କରିଥିଲେ । ବର୍ତ୍ତମାନ ସେଗୁଡ଼ିକ ସାର୍ବଜନୀନ ଭାବରେ ଉଜାଗର ହୋଇଛି ।

## ପାଇଲଟଙ୍କ ନାଁରେ ମାମଲା


ନୂଆଦିଲ୍ଲୀ: ଚାଟାର୍ଡ ଫ୍ଲାଇଟ୍ ପାଇଲଟଙ୍କ ନାଁରେ ସଙ୍ଗୀନ ଅଭିଯୋଗ। ୨୬ ବର୍ଷୀୟା କ୍ରୁ ମେମ୍ବରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ରୁଜୁ ହେଲା ମାମଲା। ଘଟଣା ଘଟିଛି ବେଙ୍ଗାଲୁରୁରେ। ପୋଲିସର ସୂଚନା ଅନୁସାରେ, ପାଇଲଟ ଜଣକ ବେଙ୍ଗାଲୁରୁର ଏକ ହୋଟେଲରେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଛନ୍ତି ପୀଡ଼ିତା।

ତେବେ ଅଧିକାରୀ ଆହୁରି କହିଛନ୍ତି, ଘଟଣା ନଭେମ୍ବର ୧୮ ରେ ବେଙ୍ଗାଲୁରୁରେ ଘଟିଥିଲା। ହେଲେ ପୀଡ଼ିତା ସହରର ବେଗମପେଟ ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଥିଲେ। ଫଳରେ ବିଏନଏସର ଧାରା ଅନୁଯାୟୀ, 'ଜିରୋ ଏଫଆଇଆର' ପଞ୍ଜୀକରଣ ହୋଇଥିଲା।

ବେଗମପେଟ ପୋଲିସ ଷ୍ଟେସନର ଜଣେ ପୋଲିସ ଅଧିକାରୀ କହିଛନ୍ତି 'ହାଇଦ୍ରାବାଦ ଫେରିବା ପରେ, କ୍ରୁ ମେମ୍ବର ଏଠାରେ ଘଟଣାର ସୂଚନା ଦେଇଥିଲେ ଆମେ ମାମଲା ରୁଜୁ କରିଛୁ। ଏହାକୁ ବେଙ୍ଗାଲୁରୁର ହଲାସୁରୁ ପୋଲିସ ଷ୍ଟେସନରେ ସ୍ଥାନାନ୍ତରିତ କରିଦିଆଯାଇଛି। ସେ ମାମଲାର ଯାଞ୍ଚ କରୁଛନ୍ତି।

## ଅଫିସ୍ ଯିବା ମନା

ନୂଆଦିଲ୍ଲୀ : ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ରହିଛି। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଅତିକ୍ରମ କରିଛି, ଏବଂ ନୋଏଡାର ମଧ୍ୟ ୪୦୦ ରେ ପହଞ୍ଚିଛି। ଏହି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଘରୋଇ ପ୍ରତିଷ୍ଠାନଗୁଡ଼ିକୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେସରକାରୀ ଅଫିସ ମାନଙ୍କରେ ୫୦ ପ୍ରତିଶତ ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ରହିଛି। ଲଗାତାର ୯ମ ଦିନ ପାଇଁ ପ୍ରଦୂଷଣ ଖରାପ ଥିବାରୁ କଟକଣା ଜାରି କରାଯାଇଛି। କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (CAQM) ଅନୁଯାୟୀ, ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ରହିଛି। ଦିଲ୍ଲୀରେ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିବାକୁ ଆହ୍ୱାନ ଆରମ୍ଭ ହୋଇଛି, କାରଣ ଦିଲ୍ଲୀର ବିଷାକ୍ତ ବାୟୁ ଶ୍ୱାସକ୍ରିୟା ସମସ୍ୟା ଏବଂ ହୃଦରୋଗ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦକୁ ବୃଦ୍ଧି କରିପାରେ। ଏହି ବାୟୁ ବିଶେଷ କରି ପିଲା, ବୃଦ୍ଧ ଏବଂ ଶ୍ୱାସରୋଗ ରୋଗୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ ।



## 'ଗୌରବ' ୧ହଜାର କିଲୋ ଓଜନର ବୋମା

ନୂଆଦିଲ୍ଲୀ: ଭାରତ ନିରନ୍ତର ଭାବରେ ଏହାର ସାମରିକ ପ୍ରଯୁକ୍ତିବିଦ୍ୟାକୁ ଆଧୁନିକୀକରଣ ଏବଂ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଗକୁ ବଢ଼ୁଛି। ଏବେ ଡିଆରଡିଓ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଭାରତୀୟ ବାୟୁସେନାର ଏସ୍ୟୁ -୩୦ଏମ୍‌କେଆଇ ଲଢୁଆ ବିମାନରୁ ଦୂରଗାମୀ ଗ୍ଲାଇଡ୍ ବମ୍ ସଫଳତାର ସହ ପରୀକ୍ଷଣ କରାଯାଇଛି। 'ଗୌରବ' ନାମକ ଏହି ସ୍ୱଦେଶୀ ଅସ୍ତ୍ର ଦୂରରୁ ସଠିକତାର ସହିତ ଲକ୍ଷ୍ୟକୁ ଧ୍ୱଂସ କରିବାକୁ ସକ୍ଷମ।

'ଗୌରବ' ଏକ ଅସ୍ତ୍ର ଯାହା ବହୁତ ଦୂରତାରୁ ଗ୍ଲାଇଡ୍ ହୁଏ ଏବଂ ଲକ୍ଷ୍ୟକୁ ସଠିକ୍ ଭାବରେ ଆକ୍ରମଣ କରେ। ଏହାର ଦୀର୍ଘ ଦୂରତା ଏହାକୁ ଶତ୍ରୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଚ୍ୟାଲେଞ୍ଜ କରିଥାଏ। ଏହାର ପରାକ୍ରମ ଏହାକୁ ବଙ୍କର ବିରୁଦ୍ଧରେ ଅତ୍ୟନ୍ତ ପ୍ରଭାବଶାଳୀ କରିଥାଏ।

ଡିଆରଡିଓ ଏହି ଅସ୍ତ୍ରକୁ ଦୁଇଟି ପ୍ରକାରରେ ବିକଶିତ କରିଛି। ପ୍ରଥମ ଭର୍ସନ ଗୌରବ-ପିସିବି, ବଙ୍କର ଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି। ଦ୍ୱିତୀୟ ପ୍ରକାର, ଗୌରବ-ପିଏଫ୍, ରଣନୈତିକ ଲକ୍ଷ୍ୟସ୍ଥଳରେ ବହୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରାଯିବ। ଏହାର ଓଜନ ୧ ହଜାର କିଲୋଗ୍ରାମ ରହିଛି।




**'ଗୌରବ' ଯୋଡ଼ାଯିବ**

ଭାରତୀୟ ବାୟୁସେନାର ଏସ୍ୟୁ -୩୦ଏମ୍‌କେଆଇ ପୂର୍ବରୁ ଅନେକ ଉନ୍ନତ ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ। ଏସ୍ୟୁ -୩୦ଏମ୍‌କେଆଇରେ ଏହା ପୂର୍ବରୁ ରୁଦ୍ରମ କ୍ଷେପଣାସ୍ତ୍ର, ଏସ୍ଏଡବ୍ଲ୍ୟୁ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଏବଂ ବ୍ରହ୍ମୋସ-A ସହିତ ସଜ୍ଜିତ, ଏବଂ ବର୍ତ୍ତମାନ 'ଗୌରବ'କୁ ଯୋଡିବା ଦ୍ୱାରା ବାୟୁସେନାକୁ ଏକ ବଡ ଶକ୍ତି ମିଳିବ।

ବାସ୍ତବରେ ଲଢୁଆ ଜେଟ୍ ଇଞ୍ଜିନ ପାଇଁ ବିଦେଶୀ କମ୍ପାନୀ ଉପରେ ନିର୍ଭରଶୀଳତା ଦୀର୍ଘ ଦିନ ଧରି ଭାରତ ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଏହି କାରଣରୁ ତେଜସ୍ Mk2 ଏବଂ AMCA ଭଳି ସ୍ୱଦେଶୀ ଲଢୁଆ ବିମାନ ପାଇଁ ପ୍ରକଳ୍ପ ବିଳମ୍ବିତ ହୋଇଥିଲା। ବର୍ତ୍ତମାନ, ସରକାର ଏବଂ ଡିଆରଡିଓ ଉଭୟ ମିଳିତ ଭାବରେ ସ୍ୱଦେଶୀ ଭାବରେ ଇଞ୍ଜିନ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ବୋମା, କ୍ଷେପଣାସ୍ତ୍ର, ରାଡାର, ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଯୁକ୍ତିବିଦ୍ୟା - ଏହି ସମସ୍ତ କ୍ଷେତ୍ର ଦ୍ରୁତ ପ୍ରଗତି କରୁଛି ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଭାରତ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇପାରିବ।

## ଅବସର ପରେ ସରକାରୀ ପଦବୀ ଗ୍ରହଣ କରିବି ନାହିଁ: ବିଚାରପତି ଗଭାଇ

ନୂଆଦିଲ୍ଲୀ: ବି.ଆର. ଗଭାଇ ଭାରତର ମୁଖ୍ୟ ବିଚାରପତି ଭାବରେ ଅବସର ଗ୍ରହଣ କରିଛନ୍ତି । ଅବସର ପରେ ସେ ଘୋଷଣା କରିଥିଲେ ଯେ ସେ ଆଉ କୌଣସି ସରକାରୀ ପଦବୀରେ ରହିବେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ, ସରକାରଙ୍କ ସପକ୍ଷରେ ରାୟ ଦେଉଥିବା ବିଚାରପତି ଜଣେ ସ୍ୱାଧୀନ ବିଚାରପତି ନୁହଁନ୍ତି ବୋଲି କହିବା ଭୁଲ୍ । ସେ ତାଙ୍କ ନିଷ୍ପତ୍ତି ବିଷୟରେ ମଧ୍ୟ



ଆଲୋଚନା କରିଥିଲେ । ସିଜେଆଇ ଗଭାଇ ଏସସି ଏବଂ ଏସଟିଙ୍କ ପାଇଁ ସଂରକ୍ଷଣରେ କ୍ରିମି ଲେୟାର ସିଷ୍ଟମ ଲାଗୁ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହା ସଂରକ୍ଷଣର ଲାଭ ସବୁଠାରୁ ଅଧିକ ଆବଶ୍ୟକ ଲୋକଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବାରେ ସାହାଯ୍ୟ କରିବ ।

ବିଚାରପତିଙ୍କ ଘରୁ ଟଙ୍କା ମିଳିଲେ ସିଧାସଳଖ ଏଫଆଇଆର ରୁଜୁ ହେବ କି ସିଜେଆଇ କରିବେ ବୋଲି ପଚରାଯିବାରୁ, ସିଜେଆଇ ବିଆର ଗଭାଇ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ ।

## ନୂଆ ଲେବର କୋଡରେ ଦରମା

ନୂଆଦିଲ୍ଲୀ: ଦେଶରେ ୨୯ଟି ପୁରୁଣା ଶ୍ରମ ଆଇନକୁ ସରଳୀକରଣ କରି ଏବେ ୪ଟି ନୂଆ ଲେବର କୋଡ୍ ଲାଗୁ ହୋଇସାରିଛି । ଏହି ବଡ଼ ପରିବର୍ତ୍ତନ ଯୋଗୁ ଗ୍ରାଚୁଇଟି, ପିଏଫ୍ ଓ ପେନ୍ସନ୍ ଭଳି ରିଟାୟରମେଣ୍ଟ ଫଣ୍ଡ ଆହୁରି ମଜବୁତ୍ ହେବ, କିନ୍ତୁ ଲକ୍ଷ ଲକ୍ଷ କର୍ମଚାରୀଙ୍କ ମାସିକ ଦରମା (ଟେକ୍-ହୋମ୍ ସାଲାରି) ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ । ବିଶେଷଜ୍ଞମାନେ କହୁଛନ୍ତି, ସାମାଜିକ ସୁରକ୍ଷା ବଢ଼ାଇବା ପାଇଁ ଏହା ଜରୁରି ଥିଲା, କିନ୍ତୁ ଆପଣଙ୍କ ଦରମା କ'ଣ କମିଯିବ? ଏହାର ପୂରା ପ୍ରଭାବ ଜାଣିବା ବହୁତ ଜରୁରି ।

୨୯ଟି ପୁରୁଣା ଶ୍ରମ ଆଇନକୁ ଏକାଠି କରି ଓ ସେଥିରେ ପରିବର୍ତ୍ତନ କରି ୪ଟି ନୂଆ ଲେବର କୋଡ୍ ତିଆରି ହୋଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ନିୟମଗୁଡ଼ିକୁ ସରଳ କରିବା ଓ କର୍ମଚାରୀଙ୍କ ସୁରକ୍ଷା ବଢ଼ାଇବା । ନୂଆ କୋଡ୍ରେ ଫିକ୍ସଡ୍ ଟର୍ମ, କଣ୍ଟ୍ରାକ୍ଟ ଓ ଗିଗ୍ ୱାର୍କରମାନେ ମଧ୍ୟ ସାମାଜିକ ସୁରକ୍ଷା ଛତ୍ରଛାୟାରେ ଆସିଯାଇଛନ୍ତି । ଗ୍ରାଚୁଇଟି, ପିଏଫ୍, ପେନ୍ସନ୍ ଭଳି ସୁବିଧାର ପରିସୀମା ବଢ଼ିଛି । କମ୍ପାନିଙ୍କ ପାଇଁ ନିୟମ ସରଳ ହୋଇଛି ଓ ଅଧିକ କର୍ମଚାରୀ ଏହି ସୁବିଧା ପାଇବେ । କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି – ଟେକ୍-ହୋମ୍ ସାଲାରି କ'ଣ ପ୍ରଭାବିତ ହେବ?

ନୂଆ ଆଇନରେ 'ପାରିଶ୍ରମିକ'ର ସଂଜ୍ଞା ବଦଳି ଯାଇଛି । ଏବେ ବେସିକ୍ ସାଲାରି + ମହଙ୍ଗାଇ ଭତ୍ତା (DA) + ରିଟେନିଂ ଭତ୍ତାକୁ ମିଶାଇ 'ପାରିଶ୍ରମିକ' ଧରାଯିବ । କମ୍ପାନିମାନଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ଯେ, କର୍ମଚାରୀଙ୍କ ମୋଟ ସାଲାରିର ଅତି କମ୍ରେ ୫୦% ଏହି 'ପାରିଶ୍ରମିକ' ଭାଗରେ ରହିବ । ଅର୍ଥାତ୍ ଏଚ୍ଆର୍ଏ, ଗାଡ଼ି ଭତ୍ତା ଆଦି ବାଦ୍ ଦେଇ ବାକି ସବୁ ଭତ୍ତା ଏବେ ଗ୍ରାଚୁଇଟି, ପିଏଫ୍ ଓ ପେନ୍ସନ୍ ହିସାବରେ ଯୋଡ଼ାଯିବ । ଏହା ଯୋଗୁ ରିଟାୟରମେଣ୍ଟ ଫଣ୍ଡ ବଢ଼ିବ, କିନ୍ତୁ ଅନ୍ୟ ଭତ୍ତା କମିଲେ ମାସିକ ଦରମା କମିଯାଇପାରେ ।

**ଟେକ୍-ହୋମ୍ ସାଲାରି କ'ଣ କମିବ?**

ହଁ, ଅନେକ କର୍ମଚାରୀଙ୍କ ଟେକ୍-ହୋମ୍ ସାଲାରି କମିପାରେ । କାରଣ କମ୍ପାନିମାନେ ନିଜର ମୋଟ ଖର୍ଚ୍ଚ ନକମାଇବା ପାଇଁ ଭତ୍ତା (ଯେପରି ଏଚ୍ଆର୍ଏ, ଟ୍ରାଭେଲ ଆଲାଉନ୍ସ) ବେସିକ୍ + DA ବଢ଼ାଇପାରନ୍ତି । ଫଳରେ ପିଏଫ୍ ଓ ଅନ୍ୟାନ୍ୟ ଡିଡକ୍ସନ୍ ବଢ଼ିବ ଓ ଟେକ୍-ହୋମ୍ ସାଲାରି କମିଯିବ ।

## G-20 ସମ୍ମିଳନୀ ଶେଷ, ଉପୁଜିଲା ନୂଆ ବିବାଦ

ଜୋହନ୍ସବର୍ଗ : ଦକ୍ଷିଣ ଆଫ୍ରିକା ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀ ଶେଷ ହୋଇଛି। ହେଲେ ଏକ ନୂଆ ବିବାଦ ଉପୁଜିଛି। ଆଗାମୀ ଜି-୨୦ ଆମେରିକାରେ ଅନୁଷ୍ଠିତ ହେବା କଥା। ନିୟମ ଅନୁସାରେ ଆୟୋଜନକାରୀ ଦେଶ ରୋଟେଟିଂ ପ୍ରେସିଡେନ୍ସୀ ପରବର୍ତ୍ତି ଦେଶକୁ ଦେବା କଥା। ତେବେ ଜି-୨୦କୁ ଆମେରିକା ବହିଷ୍କାର କରିଥିବାରୁ ରୋଟେଟିଂ ପ୍ରେସିଡେନ୍ସୀକୁ ଆମେରିକା ଦୂତାବାସର କୌଣସି ପ୍ରତିନିଧିଙ୍କୁ ଦେବ ନାହିଁ ବୋଲି ଦକ୍ଷିଣ ଆଫ୍ରିକା କହିଛି। ତେବେ ଦକ୍ଷିଣ ଆଫ୍ରିକା କହିଛି ଜି-୨୦ ଅଧ୍ୟକ୍ଷତାକୁ ପରେ ହ୍ୟାଣ୍ଡଓଭର କରାଯିବ।

ଦକ୍ଷିଣ ଆଫ୍ରିକା ବିଦେଶ ମନ୍ତ୍ରୀ ରୋନାଲ୍ଡ ଲାମୋଲା କହିଛନ୍ତି ଯେ ଆମେରିକା ଜି-୨୦ର ସଦସ୍ୟ। ଯଦି ସେ ପ୍ରତିନିଧିତ୍ୱ କରିବାକୁ ଚାହେଁ ଏବେବି ସମୟ ଅଛି କୌଣସି ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପଠାଉ। ଏହା ଲିଡର୍ସଙ୍କ ସମ୍ମିଳନୀ ଉପଯୁକ୍ତ ଭାବେ ରାଷ୍ଟ୍ରମୁଖ୍ୟ ଅଥବା ତାଙ୍କ ଦ୍ୱାରା ନିଯୁକ୍ତ ବିଶେଷ ଦୂତ କିମ୍ବା କୌଣସି ମନ୍ତ୍ରୀ ଆସି ପାରନ୍ତି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି କାର୍ଯ୍ୟାଳୟ ଏକ ପତ୍ରରେ କହିଛି ଯେ ଜି-୨୦ ହ୍ୟାଣ୍ଡଓଭର ଆମେରିକୀୟ ପ୍ରଭାରୀଙ୍କୁ ପ୍ରଦାନ କରିବା ଲାଗି ଆମେରିକାର ପ୍ରସ୍ତାବକୁ ଖାରଜ କରିଦିଆଯାଇଛି।

ରାଷ୍ଟ୍ରପତି କାର୍ଯ୍ୟାଳୟ ମୁଖପାତ୍ର କହିଛନ୍ତି ଯେ ରାଷ୍ଟ୍ରପତି କୌଣସି ଜୁନିୟର ଦୂତାବାସ ଅଧିକାରୀଙ୍କୁ ଜି-୨୦ ଅଧ୍ୟକ୍ଷତା ଅର୍ପଣ କରିପାରିବେ ନାହିଁ। ଏହା ପ୍ରୋଟକଲର ଉଲ୍ଲଂଘନ ଓ ଏହାକୁ ବରଦାସ୍ତ କରାଯାଇ ପାରିବନି। ଶିଖର ସମ୍ମିଳନୀରେ ଭାଗ ନେବା ଓ ନ ନେବା ଏହା ଆମେରିକାର ନିଜସ୍ୱ ନିଷ୍ପତ୍ତି। ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା ଗତ ଅଗଷ୍ଟ ମାସରେ ଆମେରିକା ଗସ୍ତ କରିଥିଲେ। ସେତେବେଳେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ରେ ରାମଫୋସାଙ୍କ ସରକାର ଉପରେ ଶ୍ୱେତ ଆଫ୍ରିକୀୟ ଲୋକଙ୍କ ହତ୍ୟାର ଆରୋପ ଲଗାଇଥିଲେ। ଏଥିରେ ରାମଫୋସା ନିଜର କଥା ରଖିବାକୁ ଚାହିଁବାରୁ ଟ୍ରମ୍ପ ତାଙ୍କୁ ଖାରଜ କରିଦେଇଥିଲେ। ଜି-୨୦ ସମ୍ମିଳନୀରେ ଯୋଗ ନଦେବା ପଛରେ ମଧ୍ୟ ଡୋନାଲ୍ଡ ଟ୍ରମ୍ପ ଏହି କାରଣ କହିଥିଲେ। ସେ କହିଥିଲେ ଯେ ଆମେରିକା ଅଧିକାରୀ ଏହି ସମ୍ମିଳନୀରେ ଭାଗ ନେବେ ନାହିଁ।

## କ୍ଷମତା ଆବଣ୍ଟନ ଛକାପଞ୍ଝାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

ନୂଆଦିଲ୍ଲୀ: କର୍ଣ୍ଣାଟକରେ କ୍ଷମତା କନ୍ଦଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରରେ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ସାକ୍ଷାତ କରିଛନ୍ତି । କ୍ଷମତା ବଣ୍ଟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ପୂର୍ବ ନିର୍ଦ୍ଧାରିତ ଫର୍ମୁଲା ଅନୁଯାୟୀ, ଅଢ଼େଇ ବର୍ଷ ପରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା କଥା ଓ ଉପମୁଖ୍ୟମନ୍ତ୍ରୀ ଡି.କ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବା କଥା । କିନ୍ତୁ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନଥିବାରୁ ଡେ.କେ ଶିବକୁମାରଙ୍କ କିଛି ସମର୍ଥକ ଦିଲ୍ଲୀରେ ପହଞ୍ଚି ଲବି କରୁଛନ୍ତି । ସେପଟେ ଶିବକୁମାର କହିଛନ୍ତି,ସେ ଦଳରେ ବିଭାଜନ ଚାହାନ୍ତି ନାହିଁ । ଗୋଷ୍ଠୀ ଗଠନ ତାଙ୍କ ରକ୍ତରେ ନାହିଁ । ଦଳର ରାଜ୍ୟ ସଭାପତି ଭାବେ ସମସ୍ତ ୧୪୦ ଜଣ ବିଧାୟକ ତାଙ୍କର । କ୍ୟାବିନେଟ୍ ପୁନର୍ଗଠନ ନେଇ କସରତ ଚାଲିଛି । କିଛି ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଦିଲ୍ଲୀରେ ଚେଷ୍ଟା କରୁଛନ୍ତି । ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି ଶିବକୁମାର କହିଛନ୍ତି । ସିଦ୍ଧରମୈୟା ୫ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଥିବାରୁ ଡି.କେ ଶିବକୁମାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କିନ୍ତୁ ଶିବ କୁମାର ଯାହା କହିଲେ ବି ସ୍ଥିତିରୁ ସ୍ପଷ୍ଟ ହେଉଛି ଯେ କର୍ଣ୍ଣାଟକରେ କ୍ଷମତା କନ୍ଦଳରେ ପୂରା ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ।



## ୫୩ତମ ସିଜେଆଇ ଭାବେ ଶପଥ ନେବେ ଜଷ୍ଟିସ ସୂର୍ଯ୍ୟକାନ୍ତ

ନୂଆଦିଲ୍ଲୀ: ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ସୋମବାର ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ । ସୂର୍ଯ୍ୟକାନ୍ତ ସେଜଆଇ ବିଆର ଗଭାଇଙ୍କ ସ୍ଥାନ ନେବେ । ଜଷ୍ଟିସ ସୂର୍ଯ୍ୟକାନ୍ତ ୨୦୨୭ ଫେବ୍ରୁଆରୀ ୯ ଯାଏ ସିଜେଆଇ ଭାବେ ପଦରେ ରହିବେ । ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ଅପେକ୍ଷାକୃତ ଲମ୍ବା ରହିବ । ଫଳରେ ତାଙ୍କର ଖଣ୍ଡପୀଠକୁ ଅନେକ ଉଚ୍ଚ-ସ୍ତରୀୟ ସାମ୍ବିଧାନିକ ଓ ସାମାଜିକ ମାମଲା ଉପରେ ରାୟ ଦେବାର ସୁଯୋଗ ମିଳିବ ।

୧୯୬୨ ଫେବ୍ରୁଆରୀ ୧୦ରେ ହରିୟାଣାର ହିସାର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏକ ସାଧାରଣ ପୃଷ୍ଠଭୂମିରୁ ଦେଶର ସର୍ବୋଚ୍ଚ ନ୍ୟାୟିକ ପଦବୀରେ ପହଞ୍ଚିଛନ୍ତି । ତାଙ୍କର ପଦୋନ୍ନତି ପୂର୍ବରୁ ସେ ହିସାରରେ ଓକିଲାତି କରିଥିଲେ । ପରବର୍ତ୍ତୀ ସମୟରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଅନେକ ପ୍ରଭାବଶାଳୀ ରାୟ ଦେଇଥିଲେ । ୨୦୧୮ ମସିହାରେ ତାଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା ।

ସୁପ୍ରିମକୋର୍ଟ ବିଚାରପତି ଭାବେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଯୋଗଦାନ ଦେଇଛନ୍ତି । ତାଙ୍କର କାର୍ଯ୍ୟକାଳରେ ତାଙ୍କୁ ସାମ୍ବିଧାନିକ ଆଇନ, ସାଇବର ସୁରକ୍ଷା, ଅପରାଧିକ ନ୍ୟାୟ ଓ ନିର୍ବାଚନୀ ଅଖଣ୍ଡତା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ କରିବାକୁ ହେବ ।

**ଧାରା ୩୭୦ ରାୟ**

ଜଷ୍ଟିସ୍ କାନ୍ତ, ଜମ୍ମୁ କାଶ୍ମୀରର ସ୍ୱତନ୍ତ୍ର ରାଜ୍ୟପାହ୍ୟାକୁ ହଟାଇ ଦେଇଥିବା ଧାରା ୩୭୦ର ଉଚ୍ଛେଦକୁ ସମର୍ଥନ କରିଥିବା ଖଣ୍ଡପୀଠର ସଦସ୍ୟ ଥିଲେ । ଏହି ରାୟ ସାମ୍ପ୍ରତିକ ସମୟର ସବୁଠାରୁ ପ୍ରଭାବଶାଳୀ ସାମ୍ବିଧାନିକ ରାୟ ମଧ୍ୟରୁ ଗୋଟିଏ ।



**ରାଜଦ୍ରୋହ ଆଇନ ଉପରେ ସ୍ଥଗିତାଦେଶ**

ଉପନିବେଶ ଯୁଗର ରାଜଦ୍ରୋହ ଆଇନକୁ ପ୍ରଭାବଶାଳୀ ଭାବରେ ସ୍ଥଗିତ ରଖିଥିବା ଖଣ୍ଡପୀଠର ବି ସଦସ୍ୟ ଥିଲେ । ଖଣ୍ଡପୀଠ କହିଥିଲେ, ଯେପର୍ଯ୍ୟନ୍ତ ସରକାର ଏହି ବ୍ୟବସ୍ଥାର ପୁନଃବିଚାର କରିନାହାନ୍ତି, ସେପର୍ଯ୍ୟନ୍ତ ରାଜ୍ୟ ଏବଂ କେନ୍ଦ୍ରକୁ ଧାରା ୧୨୪ଏ ଆଇପିସି ଅନୁଯାୟୀ ନୂଆ ଏଫଆଇଆର୍ ପଞ୍ଜିକରଣ କରାଯିବ ନାହିଁ । ଏହି ଆଦେଶକୁ ବାକ୍ ସ୍ୱାଧୀନତା ପାଇଁ ଏକ ପ୍ରମୁଖ ପ୍ରୟାସ ଭାବରେ ଦେଖାଯାଇଥିଲା ।

**ପେଗାସସ୍ ସ୍ପାଏୱେୟାର ମାମଲା**

ପେଗାସସ୍ ଗୁଇନ୍ଦା ଅଭିଯୋଗର ଶୁଣାଣି କରିଥିବା ଖଣ୍ଡପୀଠରେ ଜଷ୍ଟିସ୍ କାନ୍ତ ଥିଲେ ସଦସ୍ୟ । କୋର୍ଟ ତଦନ୍ତ ପାଇଁ ସାଇବର ବିଶେଷଜ୍ଞଙ୍କ ଏକ କମିଟି ନିଯୁକ୍ତ କରି କହିଥିଲେ ଯେ ରାଜ୍ୟକୁ "ଜାତୀୟ ସୁରକ୍ଷା ନାମରେ ମୁକ୍ତ ପାସ୍" ଦିଆଯାଇପାରିବ ନାହିଁ ।

**ବିହାର ନିର୍ବାଚନ ତାଲିକା ସଂଶୋଧନ**

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ, ଜଷ୍ଟିସ୍ କାନ୍ତ ଏସଆଇଆର ସମୟରେ ବିହାରର ଡ୍ରାଫ୍ଟ ତାଲିକାରୁ ବାଦ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ବିବରଣୀ ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ ।

**ରାଜ୍ୟପାଳ-ରାଷ୍ଟ୍ରପତିଙ୍କ କ୍ଷମତା ମାମଲା**

ଜଷ୍ଟିସ୍ କାନ୍ତ ରାଜ୍ୟ ଆଇନ ପରିଚାଳନାରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ କ୍ଷମତା ଉପରରେ ଶୁଣାଣି କରୁଥିବା ସମ୍ବିଧାନ ଖଣ୍ଡପୀଠର ଅଂଶ ଥିଲେ । ଏହା ଏକ ବ୍ୟାପକ ରାଜନୈତିକ ଏବଂ ସଂଘୀୟ ପ୍ରଭାବ ସହିତ ଏକ ପ୍ରସଙ୍ଗ ।

**ପ୍ରଧାନମନ୍ତ୍ରୀଙ୍କ କନଭେରେ ସୁରକ୍ଷା ତ୍ରୁଟି**

୨୦୨୨ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷା ତ୍ରୁଟି ମାମଲାର ତଦନ୍ତ ପାଇଁ ପ୍ୟାନେଲ ଗଠନ କରିଥିବା ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠର ସଦସ୍ୟ ଥିଲେ । ଏହିପରି ସମ୍ବେଦନଶୀଳ ମାମଲାର ସାମ୍ବିଧାନିକ ତଦନ୍ତର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ ।

**ୱାନ୍ ରାଙ୍କ-ୱାନ୍ ପେନସନ୍**

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୱାନ୍ ରାଙ୍କ-ୱାନ୍ ପେନସନ ଯୋଜନାକୁ ସାମ୍ବିଧାନିକ ବୈଧ ବୋଲି ରାୟ ଦେଇଥିଲେ ।

# ଲକ୍ଷ୍ୟ ସେନଙ୍କୁ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ

ନୂଆଦିଲ୍ଲୀ, ୨୩।୧୧(ଏଜେନ୍ସି) : ଭାରତର ତାରକା ସଟଲର ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ୍ ବ୍ୟାଡମିଣ୍ଟନ ଟାଇଟଲ୍ ଜିତିଛନ୍ତି । ସେ ଫାଇନାଲରେ ଜାପାନର ୟୁସି ତାନାକାଙ୍କୁ ୨୧-୧୫, ୨୧-୧୧ ଗେମ୍‌ରେ ପରାଜିତ କରିଥିଲେ । ଏହା ଲକ୍ଷ୍ୟ ସେନଙ୍କ ସିଜନର ପ୍ରଥମ ଟାଇଟଲ । ଏହି ସିଜନରେ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିବାରେ କେବଳ ଦ୍ୱିତୀୟ ଭାରତୀୟ ବନିଛନ୍ତି ।

# ଜାତୀୟ ହ୍ୱିଲ୍ ଚେୟାର କ୍ରିକେଟ୍

## ଓଡିଶା ଦଳର ଗୁଜରାଟ ଗସ୍ତ

ଭୁବନେଶ୍ୱର, ୨୩।୧୧ (ସବ୍ୟୁ) : ଗୁଜୁରାଟରେ ହେବାକୁ ଥିବା ଜାତୀୟ ହ୍ୱିଲ ଚେୟାର କ୍ରିକେଟ୍ ପ୍ରତିଯୋଗିତା ପାଇଁ ଓଡିଶା ଦଳ ସୁରଟ ଗସ୍ତ କରିଛି । ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର ପ୍ରୋତ୍ସାହନ ଏବଂ ଦିବ୍ୟାଙ୍ଗ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡଙ୍କ ତତ୍ତ୍ୱାବଧାନରେ ଓଡିଶା ଦିବ୍ୟାଙ୍ଗ ହ୍ୱିଲ ଚେୟାର କ୍ରିକେଟ୍ ଦଳ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଗୁଜରାଟ ଅଭିମୁଖେ ଗସ୍ତ କରିଛି ।

# ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କ୍ରୀଡା : ଭାଗନେଲେ ୫ଶହ ଛାତ୍ରଛାତ୍ରୀ

ଚଣ୍ଡିଖୋଲ,୨୩/୧୧,(ସବ୍ୟୁ): ଯାଜପୁର ଜିଲ୍ଲାର ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୨୮ତମ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିଡା ଉତ୍ସବରେ ୩୧ଟି ବିଭାଗରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରଥମ ଦିନ ଉଦ୍‌ଘାଟନ ଉତ୍ସବରେ ଜନକଲ୍ୟାଣ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାସୁଦେବ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯାଜପୁରର ପୂର୍ବତନ କ୍ରୀଡ଼ା ଅଧିକାରୀ ଶମ୍ଭୁନାଥ ଦାସ,ସାମ୍ବାଦିକ ସମରେନ୍ଦ୍ର ମାହଲା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମାନଗୋବିନ୍ଦ ପ୍ରଧାନ,ଗିତାରାଣି ଜେନା, ମିନାକ୍ଷୀ ସାହୁ, ଓମ୍ ପ୍ରକାଶ ରଣା,ସମୀକ୍ଷାରାଣୀ ବଳ ଉଚ୍ଚ ବର୍ଗରେ ଓ ଶୁଭମ୍ ସୋରେନ୍,ଲକ୍ଷ୍ମୀ ହାଂଶଦା ଶିଶୁ ବର୍ଗରେ ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମହାନ୍ତି, ସଂପାଦକ ସୌମ୍ୟପ୍ରକାଶ ଦାସ,ସହ ସଂପାଦକ ରଶ୍ମିତା ସେଠୀ,ମଧୁସ୍ମିତା ରାଣା,ରଞ୍ଜନ ଜେନା,ଅଜୟ କୁମାର ଜେନା,ସୁପ୍ରିୟା ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଯାଆଁଳା, କୁମାରବସ୍ତ ବିଜୟୀ

ଖୋର୍ଦ୍ଧା, ୨୩/୧୧(ସବ୍ୟୁ) : ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଯାଆଁଳା ଦଳ ବାଙ୍କୁଆଳକୁ ୬ ୱିକେଟରେ ପରାସ୍ତ କରିଛି । ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା । ଜବାବରେ ଯାଆଁଳା ଦଳ ୧୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଶ୍ରେଷ୍ଠ ଖେଳାଳି ବୀର ଅଭିମନ୍ୟୁଙ୍କୁ ସମାଜସେବୀ ସଂଗ୍ରାମ କେଶରୀ ସାମନ୍ତ ସିଂହାର ପୁରସ୍କୃତ କରିଥିଲେ । ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସରେ ବିଜୟ ଲାଭ କରି କଟକ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୪ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁଲେମାନ ୬୦ ରନ୍ ସଂଗ୍ରହ କରିଥିଲେ । ଜବାବରେ କଟକ ଦଳ ନିର୍ଦ୍ଧାରିତ ୨୦ଓଭର ରେ ୯ ୱିକେଟ ହରାଇ ୧୨୭ ରନ୍ ରେ ସିମିତ ରହିଥିଲା । କୁମାରବସ୍ତ ଏହି ମ୍ୟାଚକୁ ୮୦ ରନରେ ଜିତି ନେଇଥିଲା । ଦଳ ପକ୍ଷରୁ ସୁଲେମାନ ୬୦ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସନତ କୁମାର ଜେନା,ନରୋତ୍ତମ କହଲସିଂହ ଓ ଦିବ୍ୟସିଂହ ପାତ୍ରଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ ।ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ପ୍ରଦୋଷ ବଳିଆର ସିଂହ । ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ । ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ । କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ପ୍ରଥମ ମ୍ୟାଚ୍ କୁମାରବସ୍ତ ବନାମ ମକୁନ୍ଦ ପ୍ରସାଦଏବଂ ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ବନାମ ଅଟ୍ରି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି ।

# ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ଚାମ୍ପିଅନ

ଶରଣକୁଳ,(ସବ୍ୟୁ): ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାର ସର୍ବପୁରାତନ ଲଡୁକେଶ ଆଥଲେଟିକ ଆସୋସିଏସନ, ଶରଣକୁଳ ଦ୍ୱାରା ଆୟୋଜିତ ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ଖେଳରେ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ଟାଇ ବ୍ରେକରରେୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ୫-୪ ଗୋଲରେ ହରାଇ ବିଜୟ ହୋଇ ଚାମ୍ପିଯାନ ହୋଇଛି । ଦଶ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଗହଣରେ ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିବା ଆଜିର ପ୍ରଥମାର୍ଦ୍ଧ ଖେଳ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଗୋଲଶୂନ୍ୟ ଥିଲା । ଦ୍ୱିତୀୟାର୍ଦ୍ଧର ଚିତାକର୍ଷକ ଖେଳରେ ୧୯ ତମ ମିନିଟରେ ଗଣ୍ଡରପୁର ୧୧ନଂ ଜର୍ସି ଖେଳାଳିଙ୍କ ଗୋଲ ଦଳକୁ ୧-୦ ଆଗୁଆ ରଖିଥିଲା । ପରେ ବରଗଡ଼ ଆକ୍ରମଣାତ୍ମକ ଖେଳି ୨୮ ତମ ମିନିଟରେ ୯ନଂ ଜର୍ସି ଖେଳାଳି ସୁଶୀଲ ପଢିଆରିଙ୍କ ଏକ ଗୋଲ ପରେ ୩୫ତମ ମିନିଟରେ ୨୬ନଂ ଜର୍ସି ଖେଳାଳି କ୍ରିଷ୍ଣା ହରିପାଳଙ୍କ ଗୋଲରେ ଦଳ ୨-୧ ରେ ଆଗୁଆ ଥିଲା । କିନ୍ତୁ ଖେଳର ଶେଷ ମିନିଟରେ ଗଣ୍ଡରପୁର ଦଳର ୮ ନଂ ଖେଳାଳି ଅରବିନ ଲାକ୍ରାଙ୍କ ଗୋଲ ଦଳକୁ ବରାବର ସ୍ଥିତିକୁ ନେଇଥିଲା । ପରେ ଟାଇ ବ୍ରେକରରେ ଗଣ୍ଡରପୁର ଦଳ ୫-୪ରେ ବିଜୟୀ ହୋଇଥିଲା । ପରେ ଆଜିର ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ସହିତ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଶରଣକୂଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଗୋଡିପଡା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢିଆରୀ, ସାମାଜିକ କର୍ମୀ ମନସୁର ବକ୍ସ, ସାମାଜିକ କର୍ମୀ ପ୍ରଫୁଲ ନାଏକ, ସାମାଜିକ କର୍ମୀ ତ୍ରିନାଥ ବିଶ୍ୱାଳ ଆଦି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପରେ ମଧ୍ୟାନ୍ତରରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ସହ ପଡିଆରେ ଦୁଇଦଳ ଖେଳାଳୀ ଓ ରେଫେରୀଙ୍କ ସହିତ କରମର୍ଦ୍ଦନ ଓ ପରିଚୟ ଆଦାନପ୍ରଦାନ ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ପରେ ଆତସବାଜୀ ପ୍ରଦର୍ଶନ ସହ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ତରଫରୁ ସମସ୍ତ ଖବରଦାତାମାନଙ୍କୁ ଉପଢୌକନ ସହ ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମୁଖ୍ୟଅତିଥି ତଥା ଅନ୍ୟ ଅତିଥିଙ୍କ ଅଭିଭାଷଣ ପରେ ଆଜିର ବିଜେତା ଗଣ୍ଡରପୁର ଦଳକୁ ଚମ୍ପିୟାନ ଟ୍ରଫି ସହ ତିରିଶ ହଜାର ଟଙ୍କା ଓ ଉପବିଜେତା ବରଗଡ଼କୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ଆଜିର ଶ୍ରେଷ୍ଠ ଖେଳାଳି ଅଶ୍ୱିନ ଡୁମଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବରଗଡର ସୁନୀଲ ପଢିଆରିଙ୍କୁ ଟ୍ରଫି ସହ ଦୁଇ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ ।

# ଗୌହାଟି ଟେଷ୍ଟ : ଦୃଢ ସ୍ଥିତିରେ ଦ. ଆଫ୍ରିକା

ଗୌହାଟି, ୨୩।୧୧(ଏଜେନ୍ସି) : ଗୌହାଟିର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭ୍ରମଣକାରୀ ଦ. ଆଫ୍ରିକା ନିଜର ସ୍ଥିତି ଦୃଢ କରିଛି । ଦ୍ୱିତୀୟ ଦିନ ଦ. ଆଫ୍ରିକା ବ୍ୟାଟର ଭାରତୀୟ ବୋଲରଙ୍କୁ କଡା ଜବାବ୍ ଦେଇଛନ୍ତି । ସେନୁରାନ ମୁଥୁସାମିଙ୍କ ଶତକ(୧୦୯) ଓ ମାର୍କୋ ଜନସେନ୍‌ଙ୍କ (୯୩) ଅର୍ଦ୍ଧଶତକ ବଳରେ ଦ. ଆଫ୍ରିକା ୧୫୧.୧ ଓଭରରେ ୪୮୯ ରନ୍‌ର ବଡ ସ୍କୋର କରିଛି । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ପାଳି ଆରମ୍ଭ କରି ୬.୧ ଓଭରରେ ୯ ରନ୍ କରିଛି । ଓପନର ଯଶସ୍ୱୀ ଜୟସ୍ୱାଲ ୭ ଓ ଲୋକେଶ ରାହୁଲ ୨ ରନ୍ କରି ଅପରାଜିତ ଅଛନ୍ତି ।

ଦ୍ୱିତୀୟ ଦିନ ଦ.ଆଫ୍ରିକା ଅସମାପ୍ତ ଇନିଂସ ୨୪୭/୬ ରୁ ପାଳି ଆରମ୍ଭ କରିଥିଲା । ଦିନ ତମାମ ଦ. ଆଫ୍ରିକା ବ୍ୟାଟର ଦଳୀୟ ସ୍କୋରରେ ଆଉ ୨୪୨ ରନ୍ ଯୋଡିବାକୁ ସକ୍ଷମ ହୋଇଥିଲେ । ସେନୁରାନ ମୁଥୁସାମି ଓ ମାର୍କୋ ଜନସେନ୍‌ଙ୍କ ଇନିଂସ ଯୋଗୁଁ ଦ.ଆଫ୍ରିକା ଦୃଢ ସ୍ଥିତିରେ ପହଞ୍ଚିଯାଇଛି । ପ୍ରଥମ ଦିନ ଷ୍ଟମ୍ପ ବେଳକୁ ସେନୁରାନ ୨୫ ଓ କାଏଲ ଭେରିୟାନେ ୧ ରନ୍ କରି ଅପରାଜିତ ଥିଲେ । କାଏଲ୍ ୪୫ ରନ୍ କରି ଆଉଟ୍ ହୋଇଥିଲେ ହେଁ ସେନୁରାନଙ୍କୁ ଆଉଟ୍ କରିବା ପାଇଁ ଭାରତୀୟ ବୋଲରଙ୍କୁ ନାକେଦମ୍ ହେବାକୁ ପଡିଥିଲା । ସେନୁରାନ୍ ୨୦୬ ବଲରୁ ୧୦ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୧୦୯ ରନ୍ କରିଥିଲେ । ୩୧ ବର୍ଷୀୟ ଅଲରାଉଣ୍ଡର ସେନୁରାନ୍ ଟେଷ୍ଟ କ୍ୟାରିୟରେ ପ୍ରଥମ ଶତକ ହାସଲ କରିଛନ୍ତି । ବ୍ୟକ୍ତିଗତ ୧୦୯ ରନ୍ ସ୍କୋରରେ ସେନୁରାନ୍ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ବଲରେ ଯଶସ୍ୱୀ ଜୟସ୍ୱାଲଙ୍କ ହାତରେ ଧରା ପଡିଥିଲେ । ଭେରିନ୍ ଆଉଟ୍ ହେବା ପରେ କ୍ରୀଜ୍‌କୁ ଆସିଥିବା ମାର୍କୋ ଜନସେନ୍ ଦମଦାର ଇନିଂସ ଖେଳିଥିଲେ । ସେ ୯୧ ଟି ବଲରୁ ୬ ଟି ଚୌକା ଓ ୭ ଟି ଛକା ସହାୟତାରେ ୯୩ ରନ୍ କରିଥିବା ବେଳେ କୁଲଦୀପ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ମାର୍କୋଙ୍କ କ୍ୟାରିୟରରେ ଏହା ହେଉଛି ସବୁଠୁ ବଡ ସ୍କୋର । ହାର୍ମର ୫ ରନ କରିଥିବା ବେଳେ କେଶବ ମହାରାଜ ୧୨ ରନ୍ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ୪ ୱିକେଟ୍ ନେଇଥିବା ବେଳେ ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ରବିନ୍ଦ୍ର ଜାଡେଜା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ଦ. ଆଫ୍ରିକା ଅଲଆଉଟ୍ ହେବା ପରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରିଥିଲା । ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ କୌଣସି ୱିକେଟ୍ ନହରାଇ ୯ ରନ୍ କରିଛି । ଓପନର ଯଶସ୍ୱୀ ଜୟସ୍ୱାଲ ୭ ରନ୍ ଓ କେ ଏଲ୍ ରାହୁଲ ୨ ରନ୍ କରି ଅପରାଜିତ ଅଛନ୍ତି ।



## ପନ୍ତଙ୍କୁ ଚେତାବନୀ, ଲାଗି ପାରେ ଫାଇନ

ଭାରତ -ଦ.ଆଫ୍ରିକା ଦ୍ୱିତୀୟ ଟେଷ୍ଟରେ କିଛି ରୋଚକ ଘଟଣା ସାମ୍ନାକୁ ଆସିଛି । ଏହି ମ୍ୟାଚ ଟିମ୍ ଇଣ୍ଡିଆ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି । ଯଦି ଦଳ ହାରେ କିମ୍ବା ଡ୍ର ରହେ ତାହା ହେଲେ ଦ.ଆଫ୍ରିକା ଶୃଙ୍ଖଳା ଜିତିବ । କାରଣ ପ୍ରଥମ ମ୍ୟାଚ ଜିତି ଦ.ଆଫ୍ରିକା ୧-୦ ଆଗୁଆ ରହିଛି । ଦଳର ନେତୃତ୍ୱ ନେଇଥିବା ରିଷଭ ପନ୍ତଙ୍କୁ ଏହି ମ୍ୟାଚରେ ଅମ୍ପାୟାର ଦୁଇଥର ଚେତାବନୀ ଦେଇଛନ୍ତି । ଗିଲ୍ ଆହତ କାରଣରୁ ଏହି ମ୍ୟାଚ୍ ଖେଳୁନାହାଁନ୍ତି । ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଛନ୍ତି ପନ୍ତ । ମ୍ୟାଚର ବିଭିନ୍ନ ଓଭର ମଧ୍ୟରେ ଅଧିକ ସମୟ ନେଉଛନ୍ତି ପନ୍ତ । ତେଣୁ ଅମ୍ପାୟାରା ରିଚାର୍ଡ କ୍ୟାଟରବରୋ ତାଙ୍କୁ ଚେତାବନୀ ଦେଇଥିଲେ । ଖେଳର ପ୍ରଥମ ଦିନରେ ମଧ୍ୟ ୪୫ ତମ ଓଭରରେ ମଧ୍ୟ ପନ୍ତଙ୍କୁ ଚେତାବନୀ ଦିଆଯାଇଥିଲା । ୮୮ତମ ଓଭର ଆରମ୍ଭରେ କୁଲଦୀପ ଯାଦବଙ୍କ ଉପରେ ପନ୍ତ ଖୁସିନଥିଲେ । ଟାଇମର ଚାଲୁଛି ଶୀଘ୍ର ସାରିବାକୁ ସେ କୁଲଦୀପଙ୍କୁ କହିଥିଲେ । ପନ୍ତଙ୍କ ଏହି କଥା ଷ୍ଟମ୍ପ ମାଇକରେ ରେକର୍ଡ ହୋଇଥିଲା । ଯଦି ଭାରତକୁ ଦ. ଆଫ୍ରିକା ପାଳିର ୧୬୦ ଓଭର ମଧ୍ୟରେ ଆଉ ଦୁଇଥର ଚେତାବନୀ ମିଳେ ତେବେ ଦଳ ଉପରେ ୫ ରନ୍‌ର ଫାଇନ ଲାଗିବ । ଆଇସିସି ନିୟମାନୁଯାୟୀ ଗୋଟିଏ ଓଭର ଶେଷ ହେବାର ଗୋଟିଏ ମିନିଟ୍ ମଧ୍ୟରେ ଆଉ ଗୋଟିଏ ଓଭର ଆରମ୍ଭ ହେବା ଦରକାର । ବିଳମ୍ବ ହେଲେ ଦଳକୁ ଚେତାବନୀ ଦିଆଯାଏ । ତୃତୀୟ ଥର ବିଳମ୍ବ ହେଲେ ୫ ଥର ପେନାଲଟି ମିଳେ । ପ୍ରତି ୮୦ ଓଭର ପରେ ୱାର୍ଣ୍ଣି ରିସର୍ଟ କରାଯାଏ ।

# ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଏମ୍ ୧୫ ପ୍ରତିଯୋଗିତା


## ପ୍ରଜ୍ୱଳଙ୍କୁ ସିଙ୍ଗଲ୍ସ ଟାଇଟଲ

ଭୁବନେଶ୍ୱର, ୨୩।୧୧(ସବ୍ୟୁ) : କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ଠାରେ ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଏମ୍ ୧୫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ବର୍ଗରେ ଏସ୍ ଡି ପ୍ରଜ୍ୱଳ ଦେବ ଚାମ୍ପିଅନ ହୋଇଛନ୍ତି । ଟାଇଟଲ ଲଢେଇରେ ପ୍ରଜ୍ୱଳ ଦେବ ୭-୬, ୭-୬ ସିଧାସଳଖ ଗେମ୍‌ରେ ଦିଗ ବିଜୟ ପ୍ରତାପ ସିଂଙ୍କୁ ୨ ଘଣ୍ଟା ୮ ମିନିଟ୍ ଲଢେଇରେ ଧରାଶାୟୀ କରିଥିଲେ । ଚାମ୍ପିଅନ ପ୍ରଜ୍ୱଳ ଦେବଙ୍କୁ ଟ୍ରଫି ସହ ୨୧୬୦ ଡଲାର ପୁରସ୍କାର ରାଶି ମିଳିଛି । ଏଟିପି ସିଙ୍ଗଲ୍ସ ର୍ୟାଙ୍କିଙ୍ଗରେ ସେ ୧୫ ପଏଣ୍ଟ ପାଇଛନ୍ତି । ରନରଅପ୍ ଦିଗବିଜୟ ପ୍ରତାପ ସିଂ ଟ୍ରଫି ସହ ୧୨୭୨ ଡଲାର ପୁରସ୍କାର ରାଶି ପାଇଛନ୍ତି । ଏତଦ୍ ବ୍ୟତୀତ ତାଙ୍କୁ ୮ ଏଟିପି ପଏଣ୍ଟ ମିଳିଛି । ପୁରସ୍କାର ବିତରଣ ଉତ୍ସବରେ (ଅବସର ପ୍ରାପ୍ତ ଆଇପିଏସ୍) ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନିର୍ଦ୍ଦେଶକ ଆଇଏଏସ୍ ୟେଦୁଲା ବିଜୟ, ଅଶିତ ତ୍ରିପାଠୀ, ସତ୍ୟଜିତ ମହାନ୍ତି, ଦିବ୍ୟଶଙ୍କର ମିଶ୍ର, ସଞ୍ଜିବ ପଣ୍ଡା, ସମ୍ବିତ ପଟ୍ଟନାୟକ, ସତ୍ୟଜିତ ମହାନ୍ତି, ରେଫରୀ ପ୍ରବୀଣ କୁମାର ନାୟକ ତଥା ଓଡିଶା ଟେନିସ ଆସୋସିଏସନ୍ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




# ସ୍ମୃତି -ପଲାସଙ୍କ ବିବାହ ସ୍ଥଗିତ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି) : ବିଶ୍ୱ କପ୍ ବିଜୟୀ ଭାରତୀୟ ମହିଳା ଦଳର ତାରକା ଓପନର ସ୍ମୃତି ମନ୍ଧାନା ରବିବାର ବିବାହ କରିଥାନ୍ତେ । କିନ୍ତୁ ଏହା ପୂର୍ବରୁ ବିବାହ ଖୁସିର ପରିବେଶ ଭିତରେ ସ୍ମୃତିଙ୍କ ବାପା ଅସୁସ୍ଥ ହୋଇଯାଇଛନ୍ତି । ଅସୁସ୍ଥ ଅନୁଭବ କରିବା ପରେ ସ୍ମୃତିଙ୍କ ବାପା ଶ୍ରୀନିବାସ ମନ୍ଧାନାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବାପାଙ୍କ ସ୍ୱାସ୍ଥ୍ୟ ଖରାପ କାରଣରୁ ସ୍ମୃତି ବିବାହକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ଦୃଷ୍ଟିରୁ ସ୍ମୃତି ମନ୍ଧାନା ଓ ଗୀତିକାର ପଲାସ ମୁଚ୍ଛଲଙ୍କ ଚର୍ଚ୍ଚିତ ବିବାହ ହଠାତ୍ ସ୍ଥଗିତ ହୋଇଯାଇଛି । ମହାରାଷ୍ଟ୍ରର ସାଙ୍ଗଲିରେ ସ୍ମୃତି ମନ୍ଧାନାଙ୍କ ନୂଆ ଘରେ କିଛି ଦିନ ହେବ ବିବାହ ପ୍ରସ୍ତୁତି ଚାଲିଥିଲା । ସମସ୍ତ ରୀତିନୀତି କରାଯାଉଥିଲା । ରବିବାର ଅପରାହ୍ନ ପ୍ରାୟ ୪ ଟା ୩୦ରେ ବିବାହର ଶୁଭ ମୂହୂର୍ତ୍ତ ଥିଲା । କିନ୍ତୁ ଏହା ପୂର୍ବରୁ ଖୁସି ଫିକା ହୋଇଯାଇଥିଲା । ସକାଳ ଜଳଖିଆ ବେଳେ ମନ୍ଧାନାଙ୍କ ବାପା ହଠାତ୍ ଅସୁସ୍ଥ ହୋଇପଡିଥିଲେ । ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବା ଯୋଗୁଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟକୁ ନଜର ରଖିଛନ୍ତି । ଗଣମାଧ୍ୟମ ପ୍ରତିକ୍ରିୟା ଦେଇ ସ୍ମୃତିଙ୍କ ମ୍ୟାନେଜର ତୁହିନ ମିଶ୍ର ପୁରା ଘଟଣା କହିଛନ୍ତି । ସକାଳେ ଶ୍ରୀନିବାସ ମନ୍ଧାନା ଜଳଖିଆ ଖାଉଥିବା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା । ଆମେ ଭାବିଥିଲୁ ସେ ସୁସ୍ଥ ହୋଇଯିବେ । ତେଣୁ କିଛି ସମୟ ଅପେକ୍ଷା କରିଥିଲୁ । କିନ୍ତୁ ତା ପରେ ତାଙ୍କ ଅବସ୍ଥା ଆହୁରୀ ଖରାପ ହୋଇଯାଇଥିଲା । ତେଣୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ମୃତି ତାଙ୍କ ବାପାଙ୍କ ନିକଟତର । ତେଣୁ ତାଙ୍କ ବାପା ସମ୍ପୂର୍ଣ୍ଣ ସୁସ୍ଥ ନହେବା ପର୍ଯ୍ୟନ୍ତ ସେ ବିବାହ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ଏହି ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହିଛି । କିଛି ଦିନ ଶ୍ରୀନିବାସ ମନ୍ଧାନଙ୍କୁ ହସ୍ପିଟାଲରେ ରହିବାକୁ ପଡିବ । ତେଣୁ ସ୍ମୃତି ତାଙ୍କ ବାପା ସମ୍ପୂର୍ଣ୍ଣ ସୁସ୍ଥ ନହେବା ପର୍ଯ୍ୟନ୍ତ ବିବାହ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ଆମେ ସମସ୍ତଙ୍କୁ ମନ୍ଧାନା ପରିବାରକୁ ଗୋପନୀୟତାକୁ ସମ୍ମାନ ଦେବାକୁ ନିବେଦନ କରୁଛୁ ବୋଲି ମ୍ୟାନେଜର ତୁହିନ ମିଶ୍ର କହିଛନ୍ତି ।



# ରାଜ୍ୟ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍‌ର ତୃତୀୟ ଦିନ

ଭୁବନେଶ୍ୱର, ୨୩।୧୧(ସବ୍ୟୁ) : କଟକ ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲରେ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଜାରି ରହିଛି । ଓଡିଶା ରାଜ୍ୟ ଟେବୁଲ୍ ଟେନିସ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ତୃତୀୟ ଦିନ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଓ ବାଳକ ସିଙ୍ଗଲ୍ସ ସେମିଫାଇନାଲ ଲାଇନର ଚୂଡାନ୍ତ ହୋଇଛି । ବାଳିକା ବର୍ଗର କ୍ୱାର୍ଟର ଫାଇନାଲରେ ଉର୍ଜା ବର୍ମା ୩-୧ ବ୍ୟବଧାନରେ ଅନୁସ୍କା ମହାନ୍ତି, ଅଶୀ ୩-୦ ଗେମରେ ଅଙ୍କିତା ଦଳେଇଙ୍କୁ ଆସନ୍ନା ୩-୨ ଗେମ୍‌ରେ ଆଫିଆ ମୋସିମଙ୍କୁ ଏବଂ ସ୍ୱେତା କଟକର ଜୋୟା ଖାନଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଉର୍ଜା -ଅଶୀ ଏବଂ ଆସନ୍ନା -ସ୍ୱେତାଙ୍କ ମଧ୍ୟରେ ସେମିଫାଇନାଲ ଲଢେଇ ହେବ । ସେହିଭଳି ବାଳକ ବର୍ଗରେ ଦୁଇଟି ସେମିଫାଇନାଲ ଜିଜ୍ଞାଂଶୁ ସାଇକିରଣ ପ୍ରଧାନ ଓ ତକମିଲ ତଥା ସଏଦ ଅର୍ଶ ଅଲ୍ଲୀ- ଜିଜ୍ଞାଂଶୁ ସାହୁଙ୍କ ମଧ୍ୟରେ ଖେଳାଯିବ । ୧୧ ବର୍ଷରୁ କମ୍ ବାଳକ ଓ ବାଳିକା ସିଙ୍ଗଲ୍ସର ରାଉଣ୍ଡ ରବିନଲି ସୋମବାର ଠାରୁ ଖେଳାଯିବ ।

# ଦୃଷ୍ଟିବାଧିତ ମହିଳା ଟି -୨୦ ବିଶ୍ୱକପ୍ : ଭାରତ ବିଶ୍ୱ ବିଜେତା

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି) : ଦୃଷ୍ଟିବାଧିତ ମହିଳା ଟି -୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି । ଫାଇନାଲରେ ଭାରତ ୭ ୱିକେଟ୍‌ରେ ନେପାଳକୁ ଧରାଶାୟୀ କରି ଏହି କୀର୍ତ୍ତିମାନ ସ୍ଥାପନ କରିଛି । ଏତଦ୍ ବ୍ୟତୀତ ଚଳିତ ବିଶ୍ୱକପ୍‌ରେ ଭାରତ ଅପରାଜୟ ରହିବାର ଆଉ ଏକ ରେକର୍ଡ ହୋଇଛି । କଲମ୍ବୋର ପି ସରଭନମୁଟୁ ଷ୍ଟାଡିୟମରେ ରବିବାର ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ଖେଳାଯାଇଥିଲା । ଟସ୍ ଜିତି ଭାରତ ଫିଲ୍ଡି ନିଷ୍ପତ୍ତି ନେଇଥିଲା । ନେପାଳ ୨୦ ଓଭରରେ ୫ ୱିକେଟ୍ ହରାଇ ୧୧୪ ରନ୍ କରିଥିଲା । ଭାରତ ୧୨.୧ ଓଭରରେ ୩ ୱିକେଟ୍ ହରାଇ ୧୧୭ ରନ୍ କରିବା ସହ ବିଜୟ ଲାଭ କରିଥିଲା । ୨୭ ବଲର ୪୪ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ଫୁଲ ସରେନ୍ । ଏହି ବିଶ୍ୱକପ୍‌ରେ ଭାରତ ପ୍ରତିପକ୍ଷ ଶ୍ରୀଲଙ୍କା , ଅଷ୍ଟ୍ରେଲିଆ, ନେପାଳ, ଆମେରିକା ଓ ପାକିସ୍ତାନକୁ ଲିଗ୍ ପର୍ଯ୍ୟାୟରେ ହରାଇଥିଲା । ପୁଣି ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ତଥା ଫାଇନାଲରେ ନେପାଳକୁ ପରାଜିତ କରି ଇତିହାସ ରଚିଛି । ଏହି ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିଥିଲେ ।




## ଦ.ଆଫ୍ରିକା ବିପକ୍ଷ ଦିନିକିଆ

# ରାହୁଲଙ୍କୁ ଟିମ୍ ଇଣ୍ଡିଆର ନେତୃତ୍ୱ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି) : ଦ. ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ପାଇଁ ରବିବାର ଭାରତୀୟ ଦଳ ଘୋଷଣା ହୋଇଛି । ଆହତ ସମସ୍ୟା କାରଣରୁ ଶୁଭମନ୍ ଗିଲ୍ ଦଳରେ ନାହାଁନ୍ତି । ତେଣୁ ଲୋକେଶ ରାହୁଲଙ୍କୁ ଦଳର ନେତୃତ୍ୱ ମିଳିଛି । ଦିନିକିଆ ଦଳରେ ତିଲକ ବର୍ମାଙ୍କୁ ସାମିଲ କରାଯାଇଛି । ଦୀର୍ଘ ଦିନ ପରେ ଋତୁରାଜ ଗାଇକ୍ୱାର୍ଡ ଜାତୀୟ ଦଳକୁ ଫେରିଛନ୍ତି । ଆଗାମୀ ଟି -୨୦ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି । ତାରକା ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଦଳକୁ ଫେରିଛନ୍ତି । ପନ୍ତ ମଧ୍ୟ ଦିନିକିଆ ଦଳକୁ ଫେରିଛନ୍ତି । ଦୁଇ ତାରକା ଖେଳାଳି ବର୍ତ୍ତମାନ ଟେଷ୍ଟ ଖେଳୁଛନ୍ତି । ଏହି ଦୁଇ ଖେଳାଳି ଅଷ୍ଟ୍ରେଲିଆ ଦିନିକିଆ ଦଳରେ ନଥିଲେ । ଆହତ କାରଣୁ ଆୟରଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯାଇନାହିଁ । ଟି -୨୦ ରେ ଭଲ ପ୍ରଦର୍ଶନ କାରଣରୁ ତିଲକ ବର୍ମାଙ୍କୁ ଦିନିକିଆରେ ସୁଯୋଗ ମିଳିଛି । ସେ ଭାରତ ପାଇଁ ୪ ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ଋତୁରାଜ ଗାଇକ୍ୱାର୍ଡଙ୍କ ଚୟନ ସବୁଠୁ ଚକିତ କରିଛି । ତାଙ୍କ ଉପରେ ଚୟନକର୍ତ୍ତା ଅଧିକ ଭରସା ଦେଖାଇଛନ୍ତି । ଋତୁରାଜ ଭାରତ ପାଇଁ ୬ ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି ।

ଏହି ୧୫ ଜଣିଆ ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ବରିଷ୍ଠ ଖେଳାଳି ଅଛନ୍ତି । ଆହତ ସମସ୍ୟା ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇନାହାଁନ୍ତି । ଅଲରାଉଣ୍ଡ ନୀତିଶ କୁମାର ରେଡ୍ଡିଙ୍କୁ ସ୍ଥାନ ମିଳିଛି । ଆଗାମୀ ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ଦିନିକିଆ ଶୃଙ୍ଖଳାରେ ପ୍ରଥମ ମ୍ୟାଚ ଖେଳାଯିବ । ଦ୍ୱିତୀୟ ମ୍ୟାଚ ଡିସେମ୍ବର ୩ରେ ରାୟପୁର ଏବଂ ତୃତୀୟ ମ୍ୟାଚ୍ ଡିସେମ୍ବର ୬ ରେ ବିଶାଖାପାଟନମରେ ଖେଳାଯିବ । ପୁଣି ଦୁଇ ଦେଶ ମଧ୍ୟରେ ଡିସେମ୍ବର ୯ ରୁ ୫ ମ୍ୟାଚ୍ ବିଶିଷ୍ଟ ଟି -୨୦ ଶୃଙ୍ଖଳା ଆରମ୍ଭ ହେବ । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ଡିସେମ୍ବର ୯ ରେ ବାରବାଟୀରେ ଖେଳାଯିବ । ଏହି ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ହୋଇନାହିଁ ।

ଭାରତୀୟ ଦଳ : ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ) , ରିଷଭ ପନ୍ତ, ୱାଶିଂଟନ୍ ସୁନ୍ଦର, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତିଶ କୁମାର ରେଡ୍ଡି, ହର୍ଷିତ ରାଣା, ଋତୁରାଜ ଗାଇକ୍ୱାର୍ଡ, ପ୍ରସିଦ୍ଧ କ୍ରୀଷ୍ଣା, ଅର୍ଶଦୀପ ସିଂ ଓ ଧ୍ରୁବ ଜୁରେଲ ।




ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି